

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-04 ♦SUNDAY ♦28 JUNE 2026 ♦PAGE-12+4 ♦₹ 7.00 | JEYPORE | ♦ବର୍ଷ-୪୪ ♦ସଂଖ୍ୟା-୦୪ ♦ରବିବାର ♦୨୮ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଶିମିଳିପାଳର ଶୋଭା ବଢ଼ାଇଲା ଜିନତ୍

### ୪ ଶାବକଙ୍କ ସହ ବୁଲୁଛି ମା'



■ ବାରିପଦା, ୨୭ ।୬ (ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘୁଣୀ ଜିନତ ଓ ତା'ର ୪ଟି ଶାବକ ଏକାଠି ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ଦିନ ବନବିଭାଗ ଅଧିକାରୀ ଏହି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏହି ଖବରକୁ ନିଶ୍ଚିତ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନାନୁସାରେ, ଏହି ଶାବକଙ୍କ ବୟସ ୨ ମାସରୁ କମ୍ ହେବ ଓ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶସ୍ୱରୂପ ମା' ସହିତ ଜଙ୍ଗଲରେ ବୁଲିବା ଆରମ୍ଭ କରିଛନ୍ତି। ବାଘୁଣୀ ଓ ତା'ର ଶାବକଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ▸ପୃଷ୍ଠା-୭

### ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା

## ପୋତି ହୋଇଗଲା ଘରଦ୍ୱାର

■ ନୂଆଦିଲ୍ଲୀ, ୨୭ ।୬ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ା ଅନେକ ଘର, ଦୋକାନ ବଜାରକୁ ପୋତି ପକାଇବା ସହ ଅନେକ ଗାଡ଼ିମୋଟର ମଧ୍ୟ ଏହି ଆବର୍ଜନା ମଧ୍ୟରେ ଫସି ରହିଛି। ଅପରପକ୍ଷରେ, ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ବାଲାଘାଟରେ ବଜ୍ରପାତ ଯୋଗୁଁ ୪ ଜଣ ଏବଂ ଦେବାସରେ ପ୍ରବଳ ବର୍ଷା ଯୋଗୁଁ ଘରର ବାଲକୋନି ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ୧୦ ଜଣ ଏବଂ ଛତିଶଗଡ଼ରେ ୨ ଜଣ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଦେଶର ୨୨ଟି ରାଜ୍ୟକୁ ମୌସୁମୀ ବାୟୁ ଅଗ୍ରସର ହୋଇସାରିଥିବା ବେଳେ ଆସନ୍ତା ଜୁଲାଇ ୫ ▸ପୃଷ୍ଠା-୭



ବର୍ଷା ଓ ବଜ୍ରପାତରେ ୧୮ ମୃତ

୨୨ ରାଜ୍ୟକୁ ଛୁଇଁଲା ମୌସୁମୀ

ବର୍ଷା ସତ୍ତ୍ୱେ ଉତ୍ତର ଭାରତରେ ୪୦ ଉପରେ ତାତି

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

## ଓଟିଏଏସ୍ ଅଧିକାରୀ ଭୀମସେନ ଟୁଡୁ ବହିଷ୍କୃତ

■ ଭୁବନେଶ୍ୱର, ୨୭।୬ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଓଟି ଆଣ୍ଡ ଏଏସ୍ ଅଧିକାରୀ ଭୀମସେନ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।



ଟ୍ରେନିଂ ସମୟରେ ଗିରଫ ହୋଇଥିଲେ

ନୂଆ କରି ଓଟିଏଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ▸ପୃଷ୍ଠା-୭

### ୨୦ ରାଜ୍ୟରେ ବଜେଟ୍ ବ୍ୟୟ ମନ୍ଥର

## ୨ ମାସରେ ଖର୍ଚ୍ଚ ମାତ୍ର ୫.୮୬%

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜି ବ୍ୟୟରେ ଝୁଣ୍ଟିଲେ ରାଜ୍ୟ। ଏପ୍ରିଲ ଏବଂ ମେ' ମାସରେ ଦେଶର ୨୦ଟି ରାଜ୍ୟରେ ପୁଞ୍ଜି ବ୍ୟୟ ଆନୁପାତିକ ଭାବରେ ହ୍ରାସ ପାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ବା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ମାସିକ ହିସାବର ବିଶ୍ଳେଷଣ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମୋଟ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଣ୍ଟ ମଧ୍ୟରୁ ୫୮,୬୩୬ କୋଟି ଟଙ୍କା ଅର୍ଥାତ ୫.୮୬ ପ୍ରତିଶତ ଅର୍ଥ ବ୍ୟବହାର କରିଛନ୍ତି। ହେଲେ ଗତ ବର୍ଷ ସମାନ ସମୟରେ ରାଜ୍ୟଗୁଡ଼ିକ ସେମାନଙ୍କର ପୁଞ୍ଜି ବ୍ୟୟର ୬.୨୧ ପ୍ରତିଶତ ଖର୍ଚ୍ଚ କରିଥିଲେ। ଏହି ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ୨୦୨୫-୨୬ରେ ୯.୨୯ ଲକ୍ଷ କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ପ୍ରକୃତ ଖର୍ଚ୍ଚ ପ୍ରାୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ମଧ୍ୟ ବଜେଟ୍ ଅର୍ଥ ବ୍ୟୟ କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୨୫-୨୬ ଆର୍ଥିକବର୍ଷରେ ଓଡ଼ିଶା ସରକାରଙ୍କ ପୁଞ୍ଜି ବ୍ୟୟ ବୃଦ୍ଧି

୨୦୨୫-୨୬ରେ ବଜେଟ୍ ବ୍ୟୟରେ ଓଡ଼ିଶା ବହୁ ପଛରେ

ଏପ୍ରିଲରେ ବ୍ୟୟ ନକାରାତ୍ମକ

ମେ'ରେ ଖର୍ଚ୍ଚ ୨,୪୨୫ କୋଟି

ସାମଗ୍ରିକ ଖର୍ଚ୍ଚ ତୁଳନାରେ ଢ଼େର ପଛରେ ପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ଏହାର ବଜେଟ୍ ଆକଳନ (ବିଇ)ର ମାତ୍ର ୬୫.୮୮% ଅର୍ଥ ଖର୍ଚ୍ଚ କରିପାରିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲ ମାସରେ ଓଡ଼ିଶାର ବ୍ୟୟ ନକାରାତ୍ମକ ରହିଥିବାବେଳେ ମେ' ମାସରେ ଏଥିରେ କିଚିଟା ସୁଧାର ଆସିଛି। ମେ' ମାସରେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଦର୍ଶାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଅର୍ଥାତ୍ ମେ'ରେ ରାଜ୍ୟଗୁଡ଼ିକ ସାମୂହିକ ଭାବରେ ପ୍ରାୟ ୩୯୨୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଛନ୍ତି, ଯାହା ଗତ ବର୍ଷ ମେ ମାସରେ ହୋଇଥିବା ଖର୍ଚ୍ଚର ପ୍ରାୟ ୩୫୮୬୪ କୋଟି ଟଙ୍କା ତୁଳନାରେ ପ୍ରାୟ ୯.୫% ଅଧିକ। ଏପ୍ରିଲରେ ପୁଞ୍ଜି ବ୍ୟୟରେ ମନ୍ଥର ଗତି ପରେ ମେ' ମାସରେ ରାଜ୍ୟଗୁଡିକ ସାମୂହିକ ଭାବରେ ଖର୍ଚ୍ଚରେ କିଛିଟା ସୁଧାର ଆଣିଛନ୍ତି। ୨୦୨୬-୨୭ର ପ୍ରଥମ ଦୁଇ ମାସରେ କେରଳ ଏହାର ପୁଞ୍ଜି ଖର୍ଚ୍ଚର ୨୯.୩୫% ବ୍ୟବହାର କରି ରାଜ୍ୟଗୁଡିକ ମଧ୍ୟରେ ଶୀର୍ଷରେ ରହିଛି। ହରିୟାଣା ୨୨.୪୬% , ଆନ୍ଧ୍ର ପ୍ରଦେଶ (୧୧.୩୮%) ଏବଂ ହିମାଚଳ ପ୍ରଦେଶ (୧୦.୨୫ %) ଭଳି ରାଜ୍ୟର ପୁଞ୍ଜି ବ୍ୟବହାର ହାର ୧୦ ପ୍ରତିଶତ ଉପରେ ▸ପୃଷ୍ଠା-୭

### ଶାନ୍ତି ପ୍ରୟାସରେ ବାଧା

## ପୁଣି ଆମେରିକା-ଇରାନ ମୁହାଁମୁହିଁ



ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବୋମା ବର୍ଷଣ

ଆମେରିକା ଘାଟି ଉପରେ ଇରାନର ପାଲଟା ଆକ୍ରମଣ

■ ୱାଶିଂଟନ, ୨୭ ।୬ (ଏଜେନ୍ସି): ଶାନ୍ତି ବୁଝାମଣା ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ତିକ୍ତତା ଦେଖାଦେଇଛି। ଜୁନ୍ ୨୫ ତାରିଖରେ ହର୍ମୁଜ ପ୍ରଣାଳୀରେ ସିଙ୍ଗାପୁରର ଏକ ମାଲବାହୀ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବରେ ଆମେରିକା ଶୁକ୍ରବାର ଦିନ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ଆମେରିକାର ଏହି ବୋମାବର୍ଷା ପରେ ଇରାନର 'ଇସଲାମିକ ବିପ୍ଳବୀ ସୁରକ୍ଷା ବାହିନୀ' ମଧ୍ୟ ପ୍ରତିଆକ୍ରମଣ କରି ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଛାଉଣୀକୁ ଟାର୍ଗେଟ କରିଛି, ଯାହାଫଳରେ ସମଗ୍ର ପଶ୍ଚିମ ଏସିଆରେ ଯୁଦ୍ଧର କଳାବାଦଲ ଦେଖାଦେଇଛି।

ଆମେରିକା ସେନା ପକ୍ଷରୁ ଆକ୍ରମଣ କରାଯିବାର ମାତ୍ର କେଇ ମିନିଟ୍ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ସଙ୍କେତ ଦେଇଥିଲେ। ହ୍ୱାଇଟ୍ ହାଉସରେ ▸ପୃଷ୍ଠା-୭

## ବିୟର ବୋତଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା

■ ଶଗଡା/ମନମୁଣ୍ଡା, ୨୭ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଡିଗି ଗ୍ରାମର ଗୁଲୁ ଫାଷ୍ଟଫୁଡ୍ ଦୋକାନ ପାଖ ମୁହାଣ (ନାଳ) ନିକଟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ଜଣକ ହେଲେ ରକ୍ଷିବନ୍ଧ ଗ୍ରାମର କପିଳ ନାୟକ (୩୦)। କାଠ ଫାଳିଆରେ ମାଡ଼ ମାରି ବିଅର ବୋତଲରେ ତଣ୍ଟି କାଟିବା ପରେ ପଥରରେ ତାଙ୍କ ମୁଣ୍ଡ ଛେଚି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି। ପୁଲିସ ଶବ ଜବତ କରି ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। କପିଳଙ୍କ ବାପା ରମେଶ ନାଏକଙ୍କ ଅଭିଯୋଗ ଆଧାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ସକାଳୁ ଲୋକେ ମୃତଦେହ ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। କପିଳ ଟ୍ରାକ୍ଟର ଚଳାନ୍ତି। ସେ ବାକି ଟଙ୍କା ମାଗିବାକୁ ସନ୍ଧ୍ୟାରେ ମାଲିକଙ୍କ ଘରକୁ ଯାଇଥିଲେ। ଫେରିବା ବେଳକୁ ଫାଷ୍ଟଫୁଡ ସେଣ୍ଟର ନିକଟରେ କିଛି ସାଙ୍ଗଙ୍କ ସହ ବଚସା ହୋଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଇଛି।

### ଏକତରଫା ପ୍ରେମର ଭୟଙ୍କର ପରିଣତି

## ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳିଦେଲା ପ୍ରେମ ପାଗଳ

■ ରାଉରକେଲା, ୨୭।୬ (ସମିସ): ଏକତରଫା ପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗାଁରେ। ବିଫଳ ପ୍ରେମିକ ଭଲ ପାଉଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ଶୁକ୍ରବାର ବିଳମ୍ବିତ ରାତିରେ। ଯୁବତୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଝିଅ ବାପାଙ୍କ ଏତଲା ପରେ ବିଶ୍ରା ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାଗଳ ପ୍ରେମିକ ଘଟଣା ପରେ ଫେରାର ହୋଇଯାଇଛି।

୮୦ ପ୍ରତିଶତ ପୋଡ଼ି ଯାଇଛନ୍ତି ଯୁବତୀ

ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ

ସୂଚନା ମୁତାବକ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମରେ ଜେନା ଟପ୍ପୋ ନାମକ ଜଣେ ବ୍ୟକ୍ତି ପରିବାର ସହ ବସବାସ କରନ୍ତି। ତାଙ୍କ ଝିଅ ଗ୍ରାଜୁଏସନ ପରେ ବିଶ୍ରା ବ୍ଲକର ଆଧାର କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ପଡ଼ୋଶୀରେ ବାସ କରୁଥିବା ▸ପୃଷ୍ଠା-୭

### ଯାଇନି ଧାନ ଯନ୍ତ୍ରଣା

### ମଣ୍ଡିରେ ପଡ଼ିଛି ଲକ୍ଷ ଲକ୍ଷ ବସ୍ତା ଧାନ

## ବିଷ ବୋତଲ ଧରି ଧାରଣାରେ ଚାଷୀ

■ ବରଗଡ, ୨୭।୬ (ସମିସ): ପୂର୍ବ ଘୋଷଣା ଅନୁଯାୟୀ ଶନିବାର ପୁଣି ସଂଯୁକ୍ତ କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟଠାରେ ସକାଳ ୧୦ରୁ ଶହ ଶହ ଚାଷୀ

ଧାନ ନ ଉଠିବା ପର୍ଯ୍ୟନ୍ତ ଡିଆର୍‌ସିଏସ୍ ଅଫିସ ସମ୍ମୁଖରେ ଧାରଣା ଜାରି

ପହଞ୍ଚି ଧାରଣାରେ ବସିଥିଲେ। ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ଜମି ତୁଳନାରେ ଟୋକନ ପ୍ରଦାନ, ମଣ୍ଡି ମାନଙ୍କରେ କଟ୍‌ନୀଛଟ୍‌ନୀ ବନ୍ଦ, ଦଲାଲମୁକ୍ତ ମଣ୍ଡି ବ୍ୟବସ୍ଥା, ମଣ୍ଡିରେ ପଡ଼ିଥିବା ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ ତୁରନ୍ତ କିଣିନେବା ଦାବିରେ ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରି ଧାରଣାରେ ବସିଛନ୍ତି।



ପ୍ରକାଶ ଥାଉ କି, ବରଗଡ଼ ଜିଲ୍ଲାରେ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଟୋକନ୍‌ରୁ ବଞ୍ଚିତ ଅଛନ୍ତି। ଟୋକନ ପାଇଥିବା ଅନେକ ଚାଷୀଙ୍କ ଜମି ତୁଳନାରେ ଟୋକନ ପରିମାଣ କମ୍ ଆସିଛି। ଯେଉଁ ଚାଷୀମାନଙ୍କ ଟୋକନ ସମସ୍ୟା ଅଛି ସେମାନଙ୍କୁ ପୁଣି ଥରେ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଥିଲା। ▸ପୃଷ୍ଠା-୭

## ବିକଳ୍ପ ଇନ୍ଧନ ଆଣିବ ଜଳ ସଙ୍କଟ

### ୧ ଲିଟର ଇଥାନଲ୍ ପାଇଁ ଆବଶ୍ୟକ ୧୦ ହଜାର ଲିଟର ପାଣି

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ପେଟ୍ରୋଲ୍ ସହିତ ଇଥାନଲ୍ ମିଶ୍ରଣ ବର୍ତ୍ତମାନ କେନ୍ଦ୍ର ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ହେଲେ ସ୍ୱଚ୍ଛ ଶକ୍ତିର ସମାଧାନ କୁହାଯାଉଥିବା ଏହି ବିକଳ୍ପ ଇନ୍ଧନ ଦେଶରେ ଏକ ଭୟଙ୍କର ଜଳ ସଙ୍କଟ ସୃଷ୍ଟି କରିବ। ଏହି ସମସ୍ୟାର ମୂଳରେ ଏପରି କିଛି ଫସଲ ରହିଛି, ଯାହା ଭାରତରେ ଚାଷ ହେଉଥିବା ପ୍ରାୟ ଅନ୍ୟ ଯେକୌଣସି ଫସଲ ଅପେକ୍ଷା ଅଧିକ ପାଣି ବ୍ୟବହାର କରିଥାଏ। ଯେପରିକି ମକା, ଆଖୁ ଏବଂ ଧାନ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟିର ଅଞ୍ଜଲ ପ୍ରକାଶ କହିଛନ୍ତି, ତେଲରେ ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଆହୁରି ଖରାପ କରିପାରେ। ଏହାର ମୁଖ୍ୟ କାରଣ ଇଥାନଲ୍ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକାଂଶ କଞ୍ଚାମାଲ ଆଖୁ ଏବଂ ଦ୍ରୁତ ବଢ଼ୁଥିବା ମକାରୁ ହୋଇଥାଏ। ଏହି



ଦୁଇ ଫସଲ ଚାଷ ଏବଂ ପ୍ରକ୍ରିୟାକରଣ ପାଇଁ ଅତ୍ୟନ୍ତ ଜଳ-ନିର୍ଭରଶୀଳ।

ଇଥାନଲ୍ ମିଶ୍ରଣ ଅର୍ଥ ହେଉଛି ଆମଦାନୀ ହୋଇଥିବା ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପେଟ୍ରୋଲରେ ଇଥାନଲ୍ ନାମକ ଏକ ଉଦ୍ଭିଦ-ଆଧାରିତ ଆଲକୋହଲର ମିଶ୍ରଣ କରିବା। ଦେଶ ଏହି କାର୍ଯ୍ୟକ୍ରମରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ପାଲଟିଛି। ସରକାର ୨୦୨୪-୨୫ ରେ ଇଥାନଲ୍ ଉତ୍ପାଦନ ପାଇଁ ୫.୨ ନିୟୁତ ଟନ୍ ଚାଉଳ ଆବଣ୍ଟନ କରିଥିଲେ, ଏବଂ ବର୍ତ୍ତମାନ ୨୦୨୫-୨୬ ରେ ଏ ନେଇ ଲକ୍ଷ୍ୟ ୯ ନିୟୁତ ଟନ୍ ରଖାଯାଇଛି। ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ ହୁଏ, ଯେଉଁଥିରେ ଚାଷ ସମୟରେ ଜଳସେଚନ ପାଇଁ ବ୍ୟବହୃତ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ଚାଉଳ-ଆଧାରିତ ଇଥାନଲ୍‌ରେ ବ୍ୟବହୃତ ଅଧିକାଂଶ ପାଣି ପ୍ରକ୍ରିୟାକରଣ ନୁହେଁ, ଚାଷରୁ ଆସିଥାଏ। ୧ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ପ୍ରାୟ ୩ରୁ ୫ ହଜାର ଲିଟର ପାଣି ଆବଶ୍ୟକ ହୁଏ। ପ୍ରାୟ ୨.୫ରୁ ୩ କିଲୋଗ୍ରାମ ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ ହୁଏ, ଯାହା ମୋଟ ▸ପୃଷ୍ଠା-୭

## ମହାନଦୀରେ ପାଣି କମୁଛି; ଟ୍ରିବ୍ୟୁନାଲରେ ତାରିଖ ଗଡୁଛି

ଛତିଶଗଡ଼ର ୨୭ ମିଲିୟନ ଏକର ଫୁଟ ପାଣି ଦାବି ମାନିନେଲେ ଓଡ଼ିଶା ପ୍ରତି ହେବ ଆତ୍ମଘାତୀ

■ ଭୁବନେଶ୍ୱର, ୨୭।୬ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ନ୍ୟାୟ ମିଳିବା ପରିବର୍ତ୍ତେ ଚିରାଚରିତ ଭାବେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଶନିବାର ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁଣାଣିରେ ଉଭୟରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ ଟିମ୍‌ର ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକ ସନ୍ତୋଷଜନକ ରହିଛି। ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ ଗୁରୁତ୍ୱର ସହ ବିଚାର କରି ସମସ୍ତ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ଅନେକ ବିଷୟରେ ସହମତି ଧୀରେଧୀରେ ଆଗକୁ ବଢ଼ୁଛି। ଆଗାମୀ ଦିନରେ ଉଭୟ ରାଜ୍ୟର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଜି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



ଅନେକ ବିଷୟରେ ଉଭୟ ରାଜ୍ୟ ସହମତ; ନିଷ୍ପତ୍ତି ନେବେ ଶୀର୍ଷ ନେତୃତ୍ୱ: ଏଜି

ବିଶେଷଜ୍ଞଙ୍କ ଦାବି, ଶୁଣାଣିର ଆଲୋଚ୍ୟ ବିଷୟକୁ ସାର୍ବଜନୀନ କରନ୍ତୁ ସରକାର

ଅପରପକ୍ଷେ ଆଜିର ଶୁଣାଣିକୁ ନେଇ ଜଳ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲର ଆଜିର ଶୁଣାଣି ପରେ ଏଜି ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଟ୍ରିବ୍ୟୁନାଲରେ ଆଲୋଚନା ହୋଇଛି। ଛତିଶଗଡ଼ ଏବଂ ଓଡ଼ିଶାର କେତେ ପାଣି କାହାର ଆବଶ୍ୟକତା ରହିଛି, ତାହା ଉପରେ ଆଲୋଚନା କରିଛନ୍ତି। ଆମେ ଏନେଇ ଏଜିଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛୁ ଯେ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ମହାନଦୀରେ ▸ପୃଷ୍ଠା-୭








# ଭେନେଜୁଏଲାରେ ଭଗ୍ନସ୍ତୂପ ତଳେ ଜୀବନ ଖୋଜା

**ଏକ ହଜାର ମୃତଦେହ ଉଦ୍ଧାର, ୫୦ ହଜାରରୁ ଅଧିକ ନିଖୋଜ**

କାରାକାସ, ୨୭ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ (ତୀବ୍ରତା ୭.୨ ଏବଂ ୭.୫) ଯୋଗୁଁ ସେଠାରେ ଏକ ଶତାବ୍ଦୀର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି । ଏହି ମହାବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୯୨୦ରେ ପହଞ୍ଚିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । କାରାକାସ ଏବଂ ଲା ଗ୍ୱାଇରା ସମେତ ବିଭିନ୍ନ ଅଞ୍ଚଳରେ ୩, ୩୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଶତାଧିକ ଲୋକ ଏବେ ମଧ୍ୟ ଭଙ୍ଗା ଘରର ସ୍ଲାବ୍ ତଳେ ଚାପି ହୋଇ ରହିଛନ୍ତି । ସରକାରୀ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନିଜେ ଦଳ ଗଠନ କରି ଖାଲି ହାତରେ ଏବଂ ସାଧାରଣ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କ ପ୍ରିୟଜନଙ୍କୁ ଉଦ୍ଧାର କରିବା ପାଇଁ ଭଙ୍ଗାସ୍ତୂପ ଖୋଳୁଛନ୍ତି । ଅନ୍ୟପଟେ, ଭେନେଜୁଏଲାର ଏହି ସଙ୍କଟ ସମୟରେ ବିଶ୍ୱର ବିଭିନ୍ନ ଦେଶ ଏବଂ ମିଳିତ ଜାତିସଂଘ ସାହାଯ୍ୟର ହାତ ବଢ଼ାଇଛନ୍ତି । ଆମେରିକା, ମେକ୍ସିକୋ, କଲୋମ୍ବିଆ, ସ୍ୱିଜରଲ୍ୟାଣ୍ଡ ପରି ପ୍ରାୟ ୧୭ଟି ଦେଶରୁ ୧, ୦୦୦ରୁ ଅଧିକ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କଲେଣି । ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶ ମଧ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଆମେରିକା ପ୍ରଶାସନ ସହ ଯୋଗାଯୋଗ କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଭୂକମ୍ପ ପରବର୍ତ୍ତୀ ୪୮ ରୁ ୭୨ ଘଣ୍ଟା ଅତିକ୍ରମ କରିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାକୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହେବାରେ ଲାଗିଛି ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ/ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଗସ୍ତ କରିପାରନ୍ତି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସୂଚନା ଅନୁସାରେ, ଏହି ଗସ୍ତ ସଫଳ ହେଲେ ଏହା ଟ୍ରମ୍ପଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ । ଏହା ପୂର୍ବରୁ ସେ ୨୦୨୦ରେ ଭାରତ ଆସି ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଭାରତର ହାଇଦ୍ରାବାଦରେ ଏକ ପ୍ରମୁଖ ସଡ଼କକୁ ଟ୍ରମ୍ପଙ୍କ ନାମରେ ନାମିତ କରାଯାଇଛି, ଯାହା ପାଇଁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକାର ଦୁଇ ଶହ ପଚାଶତମ ସ୍ୱାଧୀନତା ଦିବସ ଅବସରରେ ହାଇଦ୍ରାବାଦ ସ୍ଥିତ ଆମେରିକୀୟ ଦୂତାବାସ ନିକଟସ୍ଥ ଏକ ସଡ଼କକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟି ବିକ୍ରମାର୍କ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମାନ ପାଇଁ ଖୁସି ବ୍ୟକ୍ତ କରି ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲେଖିଛନ୍ତି, 'ଏଭଳି ସମ୍ମାନ ପାଇବାରେ ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି । ଭାରତକୁ ଅନେକ ଧନ୍ୟବାଦ ।'

## ଡିଏମ୍‌କେ ମେଣ୍ଟ ଛାଡ଼ିଲା ଏମ୍‌ଡିଏମ୍‌କେ

ଚେନ୍ନଇ, ୨୭ ।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି । ବାଇକୋଙ୍କ ନେତୃତ୍ୱାଧୀନ ଏମଡିଏମକେ ଦଳ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ଥିବା ନିଜର ୯ ବର୍ଷର ପୁରୁଣା ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଦେଇଛି । ଦଳର ସାଧାରଣ ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏମଡିଏମକେ ଅଭିଯୋଗ କରିଛି ଯେ ଡିଏମକେ ପକ୍ଷରୁ ସେମାନଙ୍କ ଦଳକୁ ଦୁର୍ବଳ କରିବା ପାଇଁ କ୍ରମାଗତ ଚେଷ୍ଟା କରାଯାଉଥିଲା, ଯେଉଁଥିପାଇଁ ମେଣ୍ଟରେ ରହିବା ଆଉ ସମ୍ଭବ ନଥିଲା । ଅପରପକ୍ଷରେ ଡିଏମକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ବାଇକୋ ନିଜ ପୁଅକୁ ଦଳରେ ଉଚ୍ଚ ପଦବୀ ଦେବା ଯୋଗୁଁ ସେମାନଙ୍କ ଦଳ ନିଜେ ଦୁର୍ବଳ ହେବାରେ ଲାଗିଛି । ଏହି ମେଣ୍ଟ ଭାଙ୍ଗିବା ପରେ ଏମଡିଏମକେ ଏବେ ରାଜ୍ୟର ଶାସକ ଟିଭିକେ ଦଳ ଆଡ଼କୁ ଢଳୁଥିବା ସଙ୍କେତ ମିଳିଛି । ତେବେ ଏମଡିଏମକେର ଦୁଇଜଣ ବିଧାୟକ ଏହି ବୈଠକକୁ ବାସନ୍ଦ କରି ଡିଏମକେ ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣା ପରେ ତାମିଲନାଡୁର ଆଗାମୀ ରାଜନୈତିକ ସମୀକରଣ ବଦଳିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ତୀବ୍ର ହେବା ନିଶ୍ଚିତ ହୋଇଯାଇଛି ।

## ୧୩ଟି ହୋଟେଲ: କୋଚିଂ ସେଣ୍ଟର ସିଲ୍

ଅହମଦାବାଦ, ୨୭ ।୬(ଏଜେନ୍ସି): ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରିବା ଅଭିଯୋଗରେ ଗୁଜରାଟର ଅହମଦାବାଦ ସହରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଯୋଗୁଁ ୧୩ଟି ହୋଟେଲ ଏବଂ ଗୋଟିଏ ପ୍ରମୁଖ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି । ଅହମଦାବାଦ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ, ଶିକ୍ଷାନୁଷ୍ଠାନ ଓ ହୋଟେଲଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୧୫୪ଟି ହୋଟେଲ ଏବଂ ୬୨ଟି କୋଚିଂ ସେଣ୍ଟରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସହରର ପଶ୍ଚିମ ଜୋନ୍‌ରେ ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇଛି, ଯେଉଁଠାରେ ୭ଟି ହୋଟେଲ ସମେତ ନବକାର୍ ଇନଷ୍ଟିଚ୍ୟୁଟ୍ ନାମକ ଏକ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି । ସେହିପରି ଉତ୍ତର-ପଶ୍ଚିମ ଜୋନ୍‌ରେ ନିରାପତ୍ତା ଅଭାବରୁ ହୋଟେଲ ଫିଜା, ହୋଟେଲ ଫାଉଣ୍ଟେନ୍ ଓ ଆପୋଲୋ ହୋଟେଲ ସମେତ ୬ଟି ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି । ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ।

**ରାମ ମନ୍ଦିର ଚାନ୍ଦା ଅର୍ଥ ଘୋଟାଲା**

# ସିସିଟିଭି ଗାଏବ୍, ଡ୍ରାଇଭର ହାତରେ ହୁଣ୍ଡି ଚାବି

**୬ ଜଣଙ୍କ ଠାରୁ ମିଳିଲାଣି ୮୦ ଲକ୍ଷ ଟଙ୍କା, ବିଦେଶୀ ମୁଦ୍ରା**

ଲକ୍ଷ୍ନୌ, ୨୭।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡି ଟଙ୍କା ଘୋଟାଲାକୁ ନେଇ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ହୁଣ୍ଡି ଦାନ ଅର୍ଥରୁ ୭ରୁ ସାଢ଼େ ସାତ କୋଟି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ଟଙ୍କା ଏବଂ ବିଦେଶୀ ମୁଦ୍ରା ଉଦ୍ଧାର ହେଲାଣି । ଏହି ଘୋଟାଲାରେ

### ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସୁରକ୍ଷା କାହିଁକି: ବିରୋଧୀ

ମନ୍ଦିର ଟ୍ରଷ୍ଟର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଗଣତି କୋଠରିର ପାଖରେ ଥିବା ୱାସରୁମରେ ଲୁଚାଇ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି । ଏବେ ଯାଞ୍ଚ ଓ ଚଢ଼ଉ ଜାରି ରହିଥିବାରୁ ଆହୁରି ଟଙ୍କା ମିଳିବ ବୋଲି କୁହାଯାଉଛି । ତେବେ ଏହି ଘୋଟାଲାରେ କେବଳ ଛୋଟ ଛୋଟ କର୍ମଚାରୀଙ୍କୁ ଗିରଫ କରାଯାଇ ବଡ଼ ବଡ଼ କର୍ମକର୍ତ୍ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହିତ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତାଙ୍କୁ ତଦନ୍ତର ପରିସରଭୁକ୍ତ କରିବା ଲାଗି ଦାବି କରିଛନ୍ତି ।

ଘୋଟାଲାର ତଦନ୍ତ କରୁଥିବା ଏସ୍ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଯେତେ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେଥିରେ ବିସ୍ଫୋରକ ତଥ୍ୟ ମିଳିବାରେ ଲାଗିଛି । ଭକ୍ତମାନେ ଦାନ କରୁଥିବା ଟଙ୍କାକୁ ଗଣିବା ବେଳେ ଏହାକୁ ଲୁଟ୍ କରିବା ଲାଗି ଅଭିଯୁକ୍ତମାନେ ସୁଚିନ୍ତିତ ଢଙ୍ଗରେ ଯୋଜନା ଚଳାଇଥିଲେ । ଦାନ ଅର୍ଥ ଗଣିବା ଲାଗି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର



କୋଠରି ରହିଛି । ଏଥିରେ ସିସିଟିଭି ଲଗାଯିବା ସହିତ ସୁରକ୍ଷା ଗାର୍ଡଙ୍କ ଉପସ୍ଥିତିରେ ୧୪ ଜଣ କର୍ମଚାରୀ ଅର୍ଥ ଗଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ଜଣ ଏବଂ ଟ୍ରଷ୍ଟର ତିନି ଜଣ କର୍ମଚାରୀ ଅଛନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି, ଯେଉଁଥିରେ କି ପକେଟ୍ ନଥିବ । ଗଣତି କୋଠରି ଭିତରକୁ ପ୍ରବେଶ କରିବା ସମୟରେ ଏବଂ ବାହାରିବା ସମୟରେ ଏହି କର୍ମଚାରୀଙ୍କୁ ତନ୍ନ ତନ୍ନ କରି ଗାର୍ଡ ଯାଞ୍ଚ କରିବାର ପ୍ରାବଧାନ ରହିଛି । ପୁଣି ସେଠାରେ ଯେଉଁ ସିସିଟିଭି ଲାଗିଛି ତାହାକୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଗଣତି ବେଳେ ଏହିସବୁ ଏସ୍ଓପି ଆଦୌ ପାଳନ କରାଯାଉ ନଥିଲା ବୋଲି ଏସଆଇଟି ଯାଞ୍ଚ ବେଳେ ଜଣାପଡ଼ିଛି । କର୍ମଚାରୀମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧୁ ନଥିଲେ କି ସୁରକ୍ଷା ଗାର୍ଡ ଦ୍ୱାରା ସେମାନଙ୍କର ଯାଞ୍ଚ ମଧ୍ୟ କରାଯାଉନଥିଲା । କେବଳ ଏତିକି ନୁହେଁ, ସିସିଟିଭି ଫୁଟେଜ୍‌କୁ ୧୬୦ ଦିନ ପାଇଁ ସୁରକ୍ଷିତ ରଖିବା ବଦଳରେ ୪୫ ଦିନରେ ଏହାକୁ ନଷ୍ଟ କରାଯାଥିଲା । ଏହାକୁ ନେଇ ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ମନ୍ଦିରରେ ୪ଟି ଦାନ ବାକ୍ସ ଥିବା ବେଳେ ଏହାର ଚାବି ରହୁଥିଲା ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଡ୍ରାଇଭର ତଥା ଅଭିଯୁକ୍ତ ଟିନ୍ନୁ ଯାଦବ ହାତରେ । ଡ୍ରାଇଭର ହାତରେ କାହିଁକି ଚାବି ରଖାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ମାମଲାର ଅନ୍ୟତମ ଅଭିଯୁକ୍ତ ସୁଭାଷ ଶ୍ରୀବାସ୍ତବ ଗଣତି କାମରେ ନିୟୋଜିତ ଥିବା ବେଳେ ଟ୍ରଷ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ତାକୁ ନିଯୁକ୍ତି ମିଳିଥିଲା । ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଘୋଟାଲାରେ ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ମଧ୍ୟ ସାମିଲ ଅଛନ୍ତି ।

ସୂଚନାଯୋଗ୍ୟ ଯେ ଦିନକୁ ୭୦ ହଜାରରୁ ୮୦ ହଜାର ଭକ୍ତ ମନ୍ଦିର ଦର୍ଶନ କରନ୍ତି । ଗତବର୍ଷ ମନ୍ଦିର ହୁଣ୍ଡିକୁ ମିଳିଥିଲା ୩୨୭ କୋଟି ଟଙ୍କାର ଦାନ ଅର୍ଥ ।

## ବୈଠକରେ ଶୋଇପଡ଼ିଲେ କି ଟ୍ରମ୍ପ?



ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସରକାରୀ ବୈଠକ ସମୟରେ ଆଖି ବନ୍ଦ କରି ବସିଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଆୟୋଜିତ 'ଧାର୍ମିକ ସ୍ୱାଧୀନତା କମିଶନ' ବୈଠକ ସମୟରେ ଏହି ଘଟଣା ଘଟିଛି । କନଜରଭେଟିଭ୍ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଶନର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବୈଠକରେ ଚର୍ଚ୍ଚ ଏବଂ ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ହଟାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ତେବେ ଟେକ୍ସାସର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡ୍ୟାନ୍ ପାଟ୍ରିକ ଗଣମାଧ୍ୟମକୁ ସମ୍ବୋଧିତ କରୁଥିବା ସମୟରେ, ଟ୍ରମ୍ପ କିଛି ସମୟ ପାଇଁ ଆଖି ବନ୍ଦ କରି ଶୋଇପଡ଼ିଥିବା ଭଳି ଭିଡିଓରେ ଦେଖାଯାଇଥିଲା । ପରେ ଅନ୍ୟ ଜଣେ ବକ୍ତା କହିବା ଆରମ୍ଭ କରିବା ପରେ ସେ ଆଖି ଖୋଲି ଚାହିଁଥିଲେ । ଟ୍ରମ୍ପ ବୈଠକରେ ଶୋଇପଡ଼ିବା ନେଇ ଏହା ପ୍ରଥମ ଘଟଣା ନୁହେଁ । ଚଳିତ ବର୍ଷ ଫେବୃଆରୀ ମାସରେ 'ବୋର୍ଡ ଅଫ୍ ପିସ୍' ବୈଠକ ସମୟରେ ମଧ୍ୟ ସେ ଶୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ସେହିପରି ମେ' ମାସରେ ଘଟିଥିବା ଏକ ସମାନ ଘଟଣାରେ ହ୍ୱାଇଟ୍ ହାଉସ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ରାଷ୍ଟ୍ରପତି ଶୋଇନଥିଲେ ବରଂ ସେ କେବଳ ଦୀର୍ଘ ସମୟ ଧରି ଆଖି ପିଛାଡୁଥିଲେ । ଏହି ନୂଆ ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟ୍ରମ୍ପଙ୍କୁ ଥଟ୍ଟା କରିବା ସହ 'ତାଙ୍କୁ କେହି ଜଣେ ଶୋଇବାରୁ ଉଠାଇ ଦିଅନ୍ତୁ' ବୋଲି ମନ୍ତବ୍ୟ ଦେଇଛନ୍ତି । ଏହି ଘଟଣାକୁ ନେଇ ପ୍ରଶ୍ନ ଉଠିବା ପରେ ହ୍ୱାଇଟ୍ ହାଉସର ମୁଖପାତ୍ର ଡେଭିସ୍ ଇଙ୍ଗଲ୍ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ଟ୍ରମ୍ପ ଆମେରିକା ଇତିହାସର ସବୁଠାରୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ରାଷ୍ଟ୍ରପତି, ଯିଏ ଦେଶର ସମସ୍ୟା ସମାଧାନ ପାଇଁ ନିରନ୍ତର କାମ କରୁଛନ୍ତି । ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ନେଇ କଟାକ୍ଷ ମଧ୍ୟ କରିଛନ୍ତି ।

## କେତନ ହତ୍ୟାର ରହସ୍ୟ ଖୋଲିଲା ସିୟା ଗୋୟଲ



ପୁଣେ, ୨୭ ।୬(ଏଜେନ୍ସି): ମହାରାଷ୍ଟ୍ରର ପୁଣେରେ ହୋଇଥିବା ବହୁଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି ସାମ୍ନାକୁ ଆସିଛି । କେତନ ସହିତ ବିବାହ ପାଇଁ ପରିବାର ସ୍ଥିର କରିଥିଲେ ମଧ୍ୟ ସେ ତାଙ୍କୁ ବାହା ହେବାକୁ ଚାହୁଁନଥିଲା । ତେଣୁ ପରିବାର ଲୋକଙ୍କ ସମ୍ମାନ ରକ୍ଷା କରିବା ପାଇଁ ସେ ବିବାହ ଭାଙ୍ଗିବା ବଦଳରେ ନିଜ ଭାବି ସ୍ୱାମୀକୁ ହତ୍ୟା କରିବାକୁ ସହଜ ମଣିଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି । କେତନଙ୍କୁ ହତ୍ୟା କରିବାର ଦୁଇ ତିନି ବର୍ଷ ପରେ ସେ ପ୍ରେମିକ ଚେତନକୁ ବିବାହ କରିବାକୁ ଯୋଜନା କରିଥିଲା ।

**■ 'ବିବାହ ଭାଙ୍ଗିବା ବଦଳରେ ହତ୍ୟା କରିବା ସହଜ ଥିଲା'**
**■ ଗୁଗୁଲ ଦେଖି ହତ୍ୟା ଯୋଜନା କରିଥିଲେ: ପୁଲିସ**


ସୂଚନାଯୋଗ୍ୟ ଯେ ଜୁନ୍ ୧୮ ତାରିଖରେ ଜଣେ ଜମି ଦଲାଲ କେତନ ଅଗ୍ରୱାଲଙ୍କର ଲୋହଗଡ଼ ଦୁର୍ଗ ପାହାଡ଼ରୁ ଖସି ମୃତ୍ୟୁ ହୋଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲା । ଆସନ୍ତା ନଭେମ୍ବର ମାସରେ ସେମାନଙ୍କର ବିବାହ ହେବାର ଥିଲା, ମାତ୍ର ସିୟା ଏହି ବିବାହ ଚାହୁଁନଥିଲେ । ପୁଲିସ ସୂଚନା ଅନୁଯାୟୀ, ଜାନୁଆରୀ ମାସରୁ ସିୟା ଏବଂ ଚେତନଙ୍କ ମଧ୍ୟରେ ୨ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଛି । ସେମାନେ ୨୩୮ ଘଣ୍ଟା କଥାବାର୍ତ୍ତା କରିଥିବା କଲ ରେକର୍ଡରୁ ଜଣାପଡ଼ିଛି । ଏହି କଥାବାର୍ତ୍ତାରୁ ଅନେକ ରହସ୍ୟ ଉନ୍ମୋଚିତ ହେବ ବୋଲି ପୁଲିସ ବିଶ୍ୱାସ କରୁଛି । ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ ପାଇଁ ପୁଲିସର ୬ଟି ଦଳ ଗଠନ କରାଯାଇଛି ଏବଂ ବର୍ତ୍ତମାନ ସିୟାଙ୍କ ପରିବାର ଲୋକଙ୍କୁ ଜେରା କରାଯାଉଛି । ପୁଲିସ ଏବେ ଉଭୟ ଅଭିଯୁକ୍ତଙ୍କ ମୋବାଇଲରୁ ଡିଲିଟ୍ ହୋଇଯାଇଥିବା ତଥ୍ୟ ଉଦ୍ଧାର କରିବା ସହ ଏହି ହତ୍ୟା ଷଡ଼ଯନ୍ତ୍ରର ଅଧିକ ପ୍ରମାଣ ସଂଗ୍ରହ କରୁଛି । ହତ୍ୟା କେମିତି କରାଯିବ ଏବଂ ଧରାପଡ଼ିଲେ ପୁଲିସକୁ କିପରି ଜବାବ ଦେବେ, ସେ ସଂପର୍କରେ ସେମାନେ ଗୁଗୁଲରେ ସର୍ଚ୍ଚ କରିଥିଲେ ବୋଲି ପୁଲିସ କହିଛି ।

## ରୁଷ କ୍ଷେପଣାସ୍ତ୍ର କାରଖାନାରେ ୟୁକ୍ରେନର ବୋମାମାଡ଼



କିଭ୍, ୨୭ ।୬(ଏଜେନ୍ସି): ଦୀର୍ଘ ୫ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନ ସେନା ରୁଷକୁ ଏକ ବଡ଼ ଝଟକା ଦେଇଛି । ୟୁକ୍ରେନ ପକ୍ଷରୁ ରୁଷର ଭୋଲଗୋଗ୍ରାଡ୍ ସହରରେ ଥିବା ଏକ ପ୍ରମୁଖ ସାମରିକ ଉଦ୍ୟୋଗ 'ଟାଇଟାନ-ବାରିକାଡି' ଉପରେ ଶକ୍ତିଶାଳୀ ମିସାଇଲ ଆକ୍ରମଣ କରାଯାଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, 'ଏଫ୍‌ପି-୫ ଫ୍ଲେମିଙ୍ଗୋ' ମିସାଇଲ ସାହାଯ୍ୟରେ ଏହି କାରଖାନାକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ରୁଷ ତା'ର ଘାତକ 'ଇସ୍କାନ୍ଦର-ଏମ୍' ମିସାଇଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମରିକ ଗାଡ଼ି ନିର୍ମାଣ କରୁଥିଲା । ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ବେଳେ କାରଖାନାର ବ୍ୟାପକ କ୍ଷତି ଘଟିଛି । ରୁଷକୁ ଆର୍ଥିକ ଓ ସାମରିକ ସ୍ତରରେ ଦୁର୍ବଳ କରିବା ପାଇଁ ୟୁକ୍ରେନ ଏହିଭଳି ଦୂରଗାମୀ ଆକ୍ରମଣକୁ ଜୋରଦାର କରିଛି । ଅନ୍ୟପଟେ, ରୁଷ ମଧ୍ୟ ୟୁକ୍ରେନ ଉପରେ ପାଲଟା ଡ୍ରୋନ ଆକ୍ରମଣ ଜାରି ରଖିଛି । ଗତ ରାତିରେ ୟୁକ୍ରେନର ଉତ୍ତର-ପୂର୍ବ ସୁମି ଅଞ୍ଚଳରେ ରୁଷର ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜଣେ ୬୬ ବର୍ଷୀୟ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନର ଡ୍ରୋନ୍ ଆକ୍ରମଣର ଜବାବ ଦେବାକୁ ଯାଇ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଗୋଟିଏ ରାତିରେ ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ଖସାଇ ଦେଇଛନ୍ତି । ରୁଷକୁ ଯୁଦ୍ଧ ଶେଷ କରିବା ପାଇଁ ବାଧ୍ୟ କରିବାକୁ ରାଷ୍ଟ୍ରପତି ଜେଲେନସ୍କି ଏକ '୪୦ ଦିନିଆ ସାମରିକ ଅଭିଯାନ'ର ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଆଗାମୀ ଦିନରେ ଏହି ଆକ୍ରମଣ ଆହୁରି ତୀବ୍ର ହେବାର ଆଶଙ୍କା କରାଯାଉଛି ।

## ଟ୍ରମ୍ପଙ୍କୁ ଶୁଣୁନି ଇସ୍ରାଏଲ; ଲେବାନନ୍‌ରେ ଡ୍ରୋନ୍ ଆକ୍ରମଣ



ବେରୁଟ୍, ୨୭ ।୬(ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଗୋଟିଏ ଦିନ ପରେ ପୁଣି ହିଂସା ଦେଖାଦେଇଛି । ଶନିବାର ଦିନ ଦକ୍ଷିଣ ଲେବାନନର ନବାତିୟା ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ଲେବାନନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ୱାଶିଂଟନରେ ଚାରି ଦିନର ଆଲୋଚନା ପରେ ଶୁକ୍ରବାର ଦିନ ହିଁ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା, ଯାହାକୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆଞ୍ଚଳିକ ଶାନ୍ତି ଦିଗରେ ଏକ ପ୍ରାଥମିକ ପଦକ୍ଷେପ ବୋଲି କହିଥିଲେ । ତେବେ ଏହି ଆଲୋଚନାରେ ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ସାମିଲ ନଥିଲେ । ଜୁନ୍ ୧୭ ରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ଚେଷ୍ଟା ଚାଲିଥିବା ବେଳେ, ଏହି ତାଜା ଆକ୍ରମଣ ନୂତନ ସୁରକ୍ଷା ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଆଞ୍ଚଳିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି ।

## ଜୋନାଥନ୍‌କୁ ଦେଖିଲେ ମୋଦୀ

**ସେଶେଲ୍ସରେ ବିଶ୍ୱର ସବୁଠାରୁ ବୟସ୍କ ଜୀବ**

ଭିକ୍ଟୋରିଆ, ୨୭ ।୬(ଏଜେନ୍ସି): ସେଶେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ଜାତୀୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରି ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ' (ଏକ ବିଶାଳକାୟ କଇଁଛ)କୁ ଭେଟିଛନ୍ତି । ଭାରତ ଏବଂ ସେଶେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି । ଏହି ଗସ୍ତ ସମୟରେ ମୋଦୀ ଉଦ୍ୟାନରେ ଏକ ବୃକ୍ଷ ରୋପଣ ମଧ୍ୟ କରିଛନ୍ତି । ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ଜୋନାଥନର ବୟସ ପ୍ରାୟ ୧୯୪ ବର୍ଷ ଏବଂ ତାଙ୍କର ଜନ୍ମ ୧୮୩୨ ମସିହାରେ ହୋଇଥିବା ଅନୁମାନ କରାଯାଏ । ବାର୍ଦ୍ଧକ୍ୟ ଜନିତ କାରଣରୁ ତାର ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି କମିଯାଇଥିଲେ ସୁଦ୍ଧା ସେ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ସେଶେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି । ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆର୍ଥିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।



## ୫୯ ବର୍ଷ ଜମି ବିବାଦର ଅନ୍ତ ଘଟାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ପ୍ରାୟ ସାତ ଦଶନ୍ଧି ଧରି ଚାଲିଥିବା ଏକ ଜମି ବିବାଦର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଅନ୍ତ ଘଟାଇଛନ୍ତି । ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ୧୯୫୭ ମସିହାରେ ହୋଇଥିବା ଏକ ଜମି ବିକ୍ରି ଦଲିଲ୍‌କୁ ବୈଧ ଘୋଷଣା କରି ଏହି ଐତିହାସିକ ରାୟ ଶୁଣାଇଛନ୍ତି । ହରିଦ୍ୱାରର ନରସିପୁର କଲାନ୍ ଗାଁରେ ପ୍ରାୟ ୧୫.୫ ବିଘା ଜମିକୁ ନେଇ ଆବେଦନକାରୀ ଶରାଫତ ଅଲୀଙ୍କ ପୂର୍ବପୁରୁଷମାନେ ୧୯୫୭ ଜୁନ୍ ୪ରେ ଏକ ପଞ୍ଜିକୃତ ଦଲିଲ୍ ମାଧ୍ୟମରେ କିଣିଥିଲେ ଏବଂ ସେହି ଦିନଠାରୁ ସେମାନେ ଏହି ଜମିକୁ ନିଜ ଦଖଲରେ ରଖିଥିଲେ । ୧୯୮୪ ରେ ଏହି ଜମି ସେମାନଙ୍କ ନାମରେ ନାମଜାରୀ (ମ୍ୟୁଟେସନ) ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରମାନଙ୍କ ଆପତ୍ତି କାରଣରୁ ମାମଲା ପୁଣି ଖୋଲିଥିଲା । ୧୯୯୯ ରେ ଚକବନ୍ଦୀ ଅଧିକାରୀ ଏବଂ ପରେ ୨୦୧୭ ରେ ହାଇକୋର୍ଟ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରି ଆବେଦନକାରୀଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହି କ୍ରମରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ । ତଳ କୋର୍ଟ ଏବଂ ହାଇକୋର୍ଟଙ୍କ ରାୟକୁ ସମ୍ପୂର୍ଣ୍ଣ ଭୁଲ୍ ଦର୍ଶାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଜମି ବିକ୍ରି ଦଲିଲ୍ ଜାଲ୍ କିମ୍ବା ପ୍ରତାରଣାମୂଳକ ଥିଲା ବୋଲି ବିରୋଧୀ ପକ୍ଷ କେବେ ହେଲେ କୋର୍ଟରେ ଦାବି କରିନାହାନ୍ତି । ସାକ୍ଷୀଙ୍କ ରହୁଥିବା ସ୍ଥାନର ନାମରେ ଥିବା ସାମାନ୍ୟ ତ୍ରୁଟିକୁ ଆଧାର କରି ଏକ ପଞ୍ଜିକୃତ ଆଇନଗତ ଦଲିଲ୍‌କୁ ଅବୈଧ କୁହାଯାଇପାରିବ ନାହିଁ ।

ପିଲାଙ୍କ ପଢ଼ା ବହିରେ ତ୍ରୁଟି

# ୩୮୦ କୋଟି ସ୍ୱାହା

**ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ନାମରେ ୧୫ ବିଧାୟକ କରିଥିଲେ ଅଭିଯୋଗ | ସବୁ ଜାଣି ୨ ବର୍ଷ ହେଲା ନିରବ ଥିଲେ ସରକାର**

ଭୁବନେଶ୍ୱର, ୨୭ ।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଲମାଲ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣ ନିଲମ୍ବିତ ହେବା ପରେ ବିବାଦ ଥମିବା ବଦଳରେ ଆହୁରି ବଢ଼ିଛି। ଶ୍ରୀ ପାଢ଼ୀ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଖରାପ ବ୍ୟବହାର କରୁଥିବା ୧୫ ଜଣ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାର କୌଣସି ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ସମ୍ପ୍ରତି ପୁସ୍ତକ ବିଭ୍ରାଟର ମୁଖ୍ୟ ନାୟକ ବୋଲି କୁହାଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାର ପ୍ରତିଫଳନ ଦୁଇବର୍ଷ ପରେ ହେବା ସହ ପ୍ରାୟ ୫୭ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ବାଜିରେ ଲାଗିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ସରକାର କାହିଁକି ସେହି ସମୟରେ ନିରବ ରହିଥିଲେ, ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଗତ ୨୦୨୪ ଡିସେମ୍ବର ୯ ତାରିଖରେ ୧୫ ଜଣ ବିଧାୟକ ଶ୍ରୀ ପାଢ଼ୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ, ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର କରୁଥିଲେ। ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରୁଥିଲେ। ଏପରିକି ଇଡିଅଟ୍, ନନ୍‌ସେନସ୍, ଗେଟ୍ ଆଉଟ୍ ବୋଲି କହୁଥିଲେ। ଫଳରେ କର୍ମଚାରୀମାନେ ଧାରଣାରେ ବସିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କାର୍ଯ୍ୟସ୍ଥଳରେ ଏକ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ତାଙ୍କର ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ନଥିବା ବିଧାୟକମାନେ ଅଭିଯୋଗ କରିଥିଲେ। ସବୁଠାରୁ ଚାଞ୍ଚଲ୍ୟକର ଅଭିଯୋଗ ହେଲା, ତତ୍କାଳୀନ ମୟୂରଭଞ୍ଜ ସାଂସଦଙ୍କ ଅଭିଯୋଗ କ୍ରମେ ଶ୍ରୀ ପାଢ଼ୀଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ସେହି ପଦରେ ହିଁ ପୁନଃ ଅବସ୍ଥାପିତ କରାଯାଇଥିଲା। ତାଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଏତିକିରେ ସରିନାହିଁ। ସେ କର୍ମଚାରୀ ଓ ଭେଣ୍ଡରଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ମଧ୍ୟ ବିଧାୟକମାନେ ଅଭିଯୋଗ କରିଥିଲେ। ଏହାର ଭିଡ଼ିଓ ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିକାଶ ପାଇଁ ମଞ୍ଜୁରୀ ଅର୍ଥରୁ ପିସି ନେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ। ଏଣୁ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଅପସାରିତ କରି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପଦରୁ ହଟାଇବାକୁ ସମସ୍ତ ୧୫ ବିଧାୟକ ଦାବି କରିଥିଲେ।

---

**କଣ୍ଟେନର ପଛରେ ପିଟିହେଲା ପୁଲିସ୍ ଭ୍ୟାନ୍**

# ୨ ଡିଏସ୍‌ପିଙ୍କ ସମେତ ୩ ଗୁରୁତର

ବାଲେଶ୍ୱର/ବାରିପଦା,୨୭।୬(ସମିସ): କଣ୍ଟେନର ପଛରେ ଧକ୍କା ଦେଲା ପୁଲିସ ଭ୍ୟାନ। ଦୁଇ ପୁଲିସ ଅଧିକରୀ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଶୋଚନୀୟ ଅବସ୍ଥାରେ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱର ରେମୁଣା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଭଦ୍ରକରୁ ବାରିପଦା ଯାଉଥିବା ସମୟରେ ନୂଆଗାଁ ଛକ ନିକଟରେ ଏକ କଣ୍ଟେନର ପଛରେ ପୁଲିସ୍ ଭ୍ୟାନ ପିଟି ହୋଇଥିଲା। ଫଳରେ ଏହି ଭୟଙ୍କର ଦୁର୍ଘଟଣାରେ ଭ୍ୟାନ ଭିତରେ ଥିବା ଡ୍ରାଇଭର ଓ ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକ ମହରମ ଡିଉଟିରେ ଯାଇଥିବା ବେଳେ ଆଜି ବାରିପଦା ଫେରୁଥିବା ସମୟରେ ଅପରାହ୍ନରେ ତାଙ୍କ ଭ୍ୟାନ ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କଣ୍ଟେନର ପଛରେ ଧକ୍କା ହୋଇ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି। ବାଲେଶ୍ୱର ଶିଳ୍ପାଞ୍ଚଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଚାଳକ ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ବାରିପଦାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।



---

ବିଜେଡିର ପ୍ରଶ୍ନ

# କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି

**ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ; ପୁଲିସ ଉପରେ ଆସ୍ଥା ହରାଇଲେଣି ସାଧାରଣ ଜନତା**



ଅପରାଧୀଙ୍କ ସୁରକ୍ଷାକବଚ ସାଜୁଛନ୍ତି ବିଜେପି ନେତା

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୁଇ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ମହିଳା ବିରୋଧୀ ହିଂସା, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ବାରମ୍ବାର ଘଟୁଥିବା ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ଯେ ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରିଛନ୍ତି । ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ। ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି। ଏ ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୁଲିସ ବିଭାଗ କୋମାକୁ ଚାଲିଯାଇଛି। ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଞ୍ଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍।କେ.ନିଜାମୁଦ୍ଦିନ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ। ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ। ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ହମିଦ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କର ବିରୋଧର ସମ୍ମୁଖୀନ ହେବେ ବୋଲି ସେ ଚେତାଇ ଦେଇଥିଲେ। ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ। କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ। ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇନାହିଁ। ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ଡ. ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

---

**ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ୪୮ ଘଣ୍ଟା ମହଲତ ଦେଲା ବିଜେଡି**

# କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପି ଅଫିସ୍ ଘେରଉ ଚେତାବନୀ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳି କରି ହତ୍ୟା ଘଟଣାରେ ଶନିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସ୍‌ପି ଅଫିସ ଘେରଉ କରିବା ନେଇ ବିଜେଡି ଚେତାବନୀ ଦେଇଛି। ଏଥିସହ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘର ଓ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି। ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝାବୁଝି କରିଛନ୍ତି ।

**ଏସ୍‌ପି ଓ ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍**

ଗତ ଗୁରୁବାର ଦିବାଲୋକରେ ଗୁଳିମାଡ଼ କରି ହମିଦଙ୍କୁ ହତ୍ୟା କରାଯାଇଛି। ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏ ନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି। ପରେ ଟିମ୍‌ର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସ୍‌ପି ଅଫିସ ଘେରଉ କରିବ ବୋଲି ଟିମ୍ ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଢ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସ୍‌ପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।



---

**■ ମୋରଡ଼ା ଥାନା ଅଧିକାରୀଙ୍କ ଧମକରେ ନାବାଳିକା ଅଚେତ ପ୍ରସଙ୍ଗ**

# ମୟୂରଭଞ୍ଜ ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର ଆୟୋଗ

ବାରିପଦା, ୨୭ ।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନାକୁ ନ୍ୟାୟ ମାଗିବାକୁ ଯାଇ ଥାନା ଅଧିକାରୀଙ୍କ ନାଲି ଆଖି ଓ ଧମକ ପରେ ଜଣେ ନାବାଳିକା ୪ଘଣ୍ଟା ଅଚେତ ହେବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ) ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ମୁତାବକ, ଜଣେ ଯୁବକଙ୍କ ଦ୍ୱାରା ବାରମ୍ବାର ଅଭଦ୍ରୋଚିତ ତଥା ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମେ' ମାସ ୧୬ ତାରିଖ ଶନିବାର ଦିନ ୧୫ ବର୍ଷୀୟା ଜଣେ ନାବାଳିକା ମୋରଡା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ। ମାତ୍ର ସେ ନ୍ୟାୟ ପାଇବା ପରିବର୍ତ୍ତେ ଥାନା ଅଧିକାରୀ ସୁମିତ ସୋରେନଙ୍କ ନାଲି ଆଖି ଓ ୭ ବର୍ଷ କାରାଦଣ୍ଡ ଭଳି ଧମକର ସାମ୍ନା କରିଥିଲେ। ଫଳରେ ନାବାଳିକା ଜଣକ ଅତି ମାତ୍ରାରେ ଭୟଭୀତ ହୋଇ ଦୀର୍ଘ ୪ ଘଣ୍ଟା ଧରି ଚେତାଶୂନ୍ୟ ଅବସ୍ଥାକୁ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ସମ୍ବେଦନଶୀଳ ଖବର "ସକାଳ"ରେ ପ୍ରକାଶିତ ହେବା ପରେ ମାନବିକ ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କଠାରେ ଏକ ମାମଲା ରୁଜୁ କରିଥିଲେ। ଶ୍ରୀ ଦାସ ଦର୍ଶାଇଥିଲେ ଯେ, ଜଣେ ନାବାଳିକା ପୀଡ଼ିତାଙ୍କୁ ଥାନାରେ ନିର୍ଯାତନା ପ୍ରସଙ୍ଗ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲେ। ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଶ୍ରୀ ଦାସ ଆୟୋଗଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇ ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଦର୍ଶାଇଥିଲେ।

**ସେପ୍ଟେମ୍ବର ୨୫ରେ ପରବର୍ତ୍ତୀ ଶୁଣାଣି**

ଦାଖଲ ହୋଇଥିବା କେସ ନଂ୧୮୭୭ ଆଧାରରେ ଓଡ଼ିଶା ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ମାଗିବା ସହ ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ରେ ହେବ ବୋଲି ରାୟ ଦେଇଛନ୍ତି। ଘଟଣା ଘଟିବା ପରେ ପୀଡ଼ିତା ପରିବାର ଏସପି, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନ୍ୟାୟ ଚାହିଁଥିବାବେଳେ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ ହେଁ ଅଭିଯୁକ୍ତ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ସୁରକ୍ଷାରେ ନିଜ ଥାନାରେ କାର୍ଯ୍ୟ ତୁଲାଉଛନ୍ତି।

---

**■ ଚୁକ୍ତିଭିତ୍ତିକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମିଳିଲା ନ୍ୟାୟ**

# ୪ ମାସରେ ଚାକିରି ନିୟମିତ କର: ହାଇକୋର୍ଟ

କଟକ,୨୭।୬(ସମିସ): ରାଜ୍ୟର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ହାଇକୋର୍ଟରୁ ମିଳିଛି ନ୍ୟାୟ। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସେବାକୁ ସ୍ଥାୟୀ ବା ନିୟମିତ ନ କରି ସେମାନଙ୍କୁ ସମାନ କାର୍ଯ୍ୟ ପାଇଁ ସ୍ଥାୟୀ ସୁରକ୍ଷା ନ ଦେବା ଏକପ୍ରକାର ଶୋଷଣ ବୋଲି ଅଦାଲତ କହିଛନ୍ତି। ହିମାଂଶୁ ଭୂଷଣ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଆସନ୍ତା ୪ ମାସରେ ଆବେଦନକାରୀଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆରଡିଏଗୁଡ଼ିକ ସୋସାଇଟି ହୋଇଥିଲେ ମଧ୍ୟ, ୨୦୨୨ରେ ସେଗୁଡ଼ିକର ଜିଲ୍ଲା ପରିଷଦ ସହ ସମ୍ପୂର୍ଣ୍ଣ ମିଶ୍ରଣ ସରିଛି। ସମ୍ବିଧାନର ଧାରା ୧୨ ଅନୁଯାୟୀ ଜିଲ୍ଲା ପରିଷଦ ସ୍ଥାନୀୟ କର୍ତ୍ତୃପକ୍ଷ ଭାବେ ପରିସରଭୁକ୍ତ। ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୧୦ ମସିହାରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବିଭିନ୍ନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଆବେଦନକାରୀମାନେ ସହକାରୀ ପ୍ରୋଜେକ୍ଟ ଡାଇରେକ୍ଟର (ଏପିଡି) ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଏହି ପଦକୁ ପ୍ରୋଗ୍ରାମ ମ୍ୟାନେଜର ଭାବେ ନାମିତ କରାଯାଇଥିଲା। ୨୦୨୨ରେ ସରକାର ଡିଆରଡିଏଗୁଡ଼ିକୁ ଜିଲ୍ଲା ପରିଷଦ ସହ ମିଶ୍ରଣ କରିଦେଇଥିଲେ ଏବଂ ଏହି କର୍ମଚାରୀମାନେ ସେଠାରେ କାର୍ଯ୍ୟ ଜାରି ରଖିଥିଲେ। ଦୀର୍ଘ ୬ ବର୍ଷରୁ ଅଧିକ (ପ୍ରାୟ ଏକ ଦଶନ୍ଧି) ସେବା ସମ୍ପୂର୍ଣ୍ଣ କରିସାରିଥିବାରୁ, ସରକାରଙ୍କ ୨୦୧୩ ଓ ୨୦୧୪ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚାକିରି ନିୟମିତ କରିବା ସହ ନିୟମିତ ଦରମା ପ୍ରଦାନ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାର ଏହି ନିୟମିତକରଣକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଡିଆରଡିଏଗୁଡ଼ିକ ସୋସାଇଟି ଆକ୍ଟ ଅଧୀନରେ ପଞ୍ଜିକୃତ ଥିଲେ, ତେଣୁ ସରକାରୀ ନିୟମ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ଓ ଆବେଦନକାରୀମାନେ କୌଣସି ନିୟମିତ ପ୍ରତିଯୋଗିତାମୂଳକ ସରକାରୀ ପରୀକ୍ଷା ମାଧ୍ୟମରେ ଆସିନାହାନ୍ତି। ସରକାରଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ମେଧା ଆଧାରରେ ଏହି ନିଯୁକ୍ତି ହୋଇଥିଲା। ଏହାକୁ ସର୍ବାଧିକ ଅନିୟମିତ କୁହାଯାଇପାରେ, କିନ୍ତୁ କୌଣସି ପରିସ୍ଥିତିରେ 'ବେଆଇନ' କୁହାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

---

# ପାଚିକା ପଦରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ବିରୋଧ

କଣ୍ଟାବାଞ୍ଜି/ମୁରିବାହାଲ,୨୭ ।୬(ସମିସ): ବର୍ତ୍ତମାନର ବିଜ୍ଞାନ ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି; ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରରେ ମଧ୍ୟଯୁଗୀୟ ଜାତିପ୍ରଥା ରହିଛି। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଘୁଷୁରାମୁଣ୍ଡା ଗାଁରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠି ଜଣେ ଦଳିତ ଜାତିର ଉଚ୍ଚ ଶିକ୍ଷିତ ମହିଳା ହଟହଟା ହୋଇଛନ୍ତି। ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୪୪ ଜଣ କୁନି କୁନି ଛାତ୍ରଛାତ୍ରୀ ପଢୁଛନ୍ତି।

**■ ପ୍ରଶାସନିକ ଅଧିକାରୀ ମଧ୍ୟ ବୁଝାଇ ପାରିଲେନି**
**■ ଜିଦିରେ ଅଟଳ ଘୁଷୁରାମୁଣ୍ଡା ଗ୍ରାମାବସୀ**
**■ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଲେ ଗାଁ ଲୋକ**
**■ ଗଛ ତଳେ ପିଲାଙ୍କୁ ଧରି ବସୁଛନ୍ତି କର୍ମୀ**
**■ ୪୪ ଛାତ୍ରଛାତ୍ରଙ୍କ ମଧ୍ୟରୁ ମାତ୍ର ୫ ଜଣ ଆସୁଛନ୍ତି**
**■ ଖୋଲାରେ ରୋଷେଇ ହେଉଛି**

ଏମାନଙ୍କ ଯତ୍ନ ନେବା ସହ ରୋଷେଇ କରିବାକୁ ଜଣେ ପାଚିକା ନିଯୁକ୍ତି ହେଇଥିଲେ; ହେଲେ ଗତ କିଛି ମାସ ତଳେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ମୁରିବାହାଲ ବ୍ଲକ ସିଡ଼ିପିଓଙ୍କ କାର୍ଯ୍ୟାୟ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗାଁର ୬ଜଣ ମହିଳା ଅନଲାଇନ ମାଧ୍ୟମରେ ଏଥିଲାଗି ଆବେଦନ କରିଥିଲେ। ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗାଁର ପୁଣ୍ୟ ହରପାଳ ନାମ୍ନୀ ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଥିଲା। ଏହାକୁ ନେଇ ଘୁଷୁରାମୁଣ୍ଡା ଗାଁରେ ବିବାଦ ସୃଷ୍ଟି ହୋଇଛି। ସେ ଦଳିତ ଜାତିର। ତାଙ୍କ ସମାଜର ରନ୍ଧା ଆମେ କେବେ ଖାଉନାହିଁ। ଆମ ଛୁଆ କେମିତି ଖାଇବେ। ଦଳିତ ମହିଳା ପାଚିକା ହୋଇ ପାରିବେ ନାହିଁ ବୋଲି ଗାଁର ଅନ୍ୟ ଜାତିର ଲୋକମାନେ କହିଛନ୍ତି। ସମସ୍ତେ ଏକତ୍ରିତ ହୋଇ ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଲୋକଙ୍କ ସହ ଏମାନେ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଗାଁ ବିଫଳ ହୋଇ ଫେରି ଯାଇଛନ୍ତି। ଗାଁ ଲୋକେ ନିଜ ଜିଦରେ ଅଟଳ ରହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଗାଁ ଲୋକେ ତାଲା ପକାଇବା ପରେ ଅଙ୍ଗନବାଡ଼ି କର୍ମୀ ଦେବକୀ ବାରିକ ଏକ ଗଛ ତଳେ କୁନିକୁନି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପାଚିକା ପୁଣ୍ୟ ହରପାଳ ସେଠାରେ ଖୋଲାରେ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୪୪ ଜଣ ପିଲା ଥିବା ଏବେ ମାତ୍ର ୫ଜଣ ଆସୁଛନ୍ତି। ଅନ୍ୟ ଜାତିର ଲୋକେ ଦଳିତ ଜାତିର ପାଚିକାଙ୍କୁ ବିରୋଧ କରି ତାଙ୍କ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡୁ ନାହାନ୍ତି। ପୁଣ୍ୟ ଜଣେ ଉଚ୍ଚ ଶିକ୍ଷିତ ମହିଳା। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ; କିନ୍ତୁ ଏତେ ପାଠ ପଢିଥିବା ସତ୍ତ୍ୱେ ମଧ୍ୟ ଆଜି ଛୋଟ ଜାତି ବୋଲି ତାଙ୍କୁ ନିଜର ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ତେବେ ୨୦୧୩ରେ ମଧ୍ୟ ଏହି ଗାଁରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ମଧ୍ୟ ବଡ଼ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଜଣେ ଦଳିତ ଜାତିର ମହିଳା ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତ ହେବା ପରେ ସେହି ଗାଁର ଅନ୍ୟ ଜାତିର ଲୋକେ ବିରୋଧ କରିଥିଲେ।



କେବଳ ବିରୋଧ କରି ନ ଥିଲେ; ବରଂ ସେହି ଗାଁର ଦଳିତ ପରିବାରର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାଫଳରେ ଗାଁରେ ଥିବା ଦଳିତ ପରିବାରର ଲୋକ ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇଥିଲେ। ଆଜିଯାଏ ଏହି ଗାଁରେ ଜାତିପ୍ରଥା ରହିଛି। ଏହି ଗାଁରେ ଜାତିପ୍ରଥାକୁ ନେଇ ସଚେତନତାର ଅଭାବ ରହିଛି। ଅନ୍ୟପକ୍ଷରେ ଦଳିତ ସମାଜର ଜଣେ ଉଚ୍ଚ ଶିକ୍ଷିତ ମହିଳାଙ୍କୁ ଅସମ୍ମାନ କରି ଜାତିଆଣ ଆକ୍ଷେପ କରି ଭେଦଭାବ କରୁଥିବା ଯୋଗୁଁ ଏବେ ସମଗ୍ର ପଶ୍ଚିମ ଓଡ଼ିଶାର ଦଳିତ ସମାଜ ଏହାକୁ ବିରୋଧ କରି ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି। ସୋସିଆଲ ମିଡିଆରେ ଏବେ ପୁଣ୍ୟ ହରପାଳଙ୍କ ସମର୍ଥନରେ ଦଳିତ ଜାତିର ହଜାର ହଜାର ଲୋକେ ବାହାରିଛନ୍ତି। ନିଜ ଦଳିତ ଜାତିର ମହିଳାଙ୍କୁ ଅସମ୍ମାନ ଅପମାନକୁ ନେଇ ଦଳିତ ସମାଜ ଗୁଡ଼ିକ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଯେଉଁ ଲୋକମାନେ ଗଣମାଧ୍ୟମରେ ସିଧାସଳଖ ପ୍ରତିକ୍ରିୟା ରଖି ଜାତିଆଣ ଆକ୍ଷେପ କରୁଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦଳିତ ସମାଜ ଦାବି କରିଛି।

# ଏସ୍ଆଇଆର୍ ନେଇ ବିଜେଡିର ବୈଠକ



କୋରାପୁଟ,୨୭।୬(ସମିସ):

ଏସ୍ଆଇଆର୍ ନେଇ କୋରାପୁଟ ଠାରେ ବିଜୁ ଜନତା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ପାଠାଗାରରେ ପୂର୍ବତନ ବିଧାୟକ ରଘୁରାମ ପାଡାଲଙ୍କ ଆହ୍ୱାନ କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ଚାଲିଥିବା ବେଳେ କୋରାପୁଟ ବିଧାନସଭା କ୍ଷେତ୍ରରେ ଠିକ୍ ଭାବେ ତାହା କାର୍ଯ୍ୟକାରୀ ହେବ ସେଥିପ୍ରତି ଦଳୀୟ କର୍ମୀ ଦୃଷ୍ଟି ଦେବାକୁ ଶ୍ରୀ ପଡ଼ାଲ ପରାମର୍ଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି କିମ୍ବା ଅଯୋଗ୍ୟ ଆବେଦନକାରୀଙ୍କୁ ତାଲିକା ଭୁକ୍ତ କରା ନ ଯାଏ ସେ ଦିଗରେ ଗୁରୁତ୍ୱ ଦେବାକୁ ନିଷ୍ପତି ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଉପ ସଭାନେତ୍ରୀ ଲିଲି ବୁରୁଡ଼ି, ବିଜେଡି ବ୍ଲକ ସଭାପତି ମଣ୍ଟୁ ବେନିଆ, କାଉନସିଲର ପ୍ରଫୁଲ୍ଲ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ● ଓଲଟିଲା ପାଇପ୍ ବୋଝେଇ ଟ୍ରଲର

# ଗୁମ୍ମା ଘାଟି ଜାତୀୟ ରାଜପଥ ଅଚଳ



ରାୟଗଡ଼,୨୭।୬ (ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୁମ୍ମା ଘାଟିରେ ଏକ ପାଇପ୍ ବୋଝେଇ ଟ୍ରଲର ଓଲଟି ପଡ଼ିବାରୁ ଜାତୀୟ ରାଜପଥ-୩୨୬ରେ ପ୍ରାୟ ୧୩ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏହାର ପ୍ରଭାବରେ ରାଜପଥର ଉଭୟ ପାଶ୍ୱର୍ରେ ଶହ ଶହ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଅଟକି ରହିଥିବା ବେଳେ ହଜାର ହଜାର ଯାତ୍ରୀଙ୍କୁ ରାତିସାରା ଜଙ୍ଗଲ ଓ ଘାଟି ରାସ୍ତାରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସୂଚନାନୁସାରେ, ରାୟଗଡ଼ରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ ପାଇପ୍ ବୋଝେଇ ଟ୍ରଲର ମଧ୍ୟରାତ୍ରିରେ ଗୁମ୍ମା ଘାଟିର ଏକ ବିପଦସଙ୍କୁଳ ସ୍ଥାନରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ ହୋଇଯାଇଥିଲା। କେବଳ ଛୋଟ ଯାନବାହନ ଓ ବାଇକ୍‌ଗୁଡ଼ିକ ସୀମିତ ଭାବେ ଯାତାୟାତ କରିପାରୁଥିଲେ। ରାସ୍ତା ଅବରୋଧ ଯୋଗୁଁ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ଯାଉଥିବା ଏବଂ ସେଠାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଅନେକ ବସ୍ ଘାଟିରେ ଅଟକି ରହିଥିଲା। ଯାତ୍ରୀମାନେ ରାତିସାରା ଯାନବାହନରେ ଫସି ରହିବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କୁମ୍ଭିକୋଟା ଫାଣ୍ଡି ଓ ରାୟଗଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ରାୟଗଡ଼ାରୁ କ୍ରେନ ଆଣି ଦୀର୍ଘ ସମୟର ପ୍ରୟାସ ପରେ ଟ୍ରଲରକୁ ହଟାଯାଇ ରାସ୍ତା ସଫା କରାଯାଇଥିଲା। ପ୍ରାୟ ୧୩ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଯାତାୟାତ ସୁଗମ କରିବା ପାଇଁ ପୁଲିସକୁ ପ୍ରାୟ ୭ ଘଣ୍ଟା ଧରି ନାକେଦମ ହେବାକୁ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗୁମ୍ମା ଘାଟିର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। କେବଳ ସପ୍ତାହକ ମଧ୍ୟରେ ଏହି ସ୍ଥାନରେ ତିନୋଟି ଦୁର୍ଘଟଣା ଘଟିଥିବାରୁ ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ରାୟଗଡ଼ ଏସଡିପିଓ ଗୌରହରୀ ସାହୁ, ଆଇଆଇସି ପ୍ରସନ୍ନ ବେହେରା ଓ କୁମ୍ଭିକୋଟା ଫାଣ୍ଡିର ଏସଆଇ ଗ୍ୟାସଉଦ୍ଦିନ ଖାନ ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର ଓ ଯାତାୟାତ ସ୍ୱାଭାବିକ କରିବା କାର୍ଯ୍ୟର ତଦାରଖ କରିଥିଲେ। ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ, ଛୁଟି ଥିବା କାରଣରୁ ପୁଲିସକୁ ଛାଡ଼ି ଅନ୍ୟ ସମ୍ପୃକ୍ତ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିଲେ।

## ବର୍ଷାରେ ବେହାଲ୍ କୋରାପୁଟ

# ଅଧଘଣ୍ଟାଏ ବର୍ଷାରେ ସହର ଜଳାର୍ଣ୍ଣବ

କୋରାପୁଟ,୨୭।୬(ସମିସ): ଟିକିଏ ବର୍ଷା ହେଲେ କୋରାପୁଟ ସହରର ଅବସ୍ଥା କେମିତି ସଂଘାତିକ ହୋଇପଡ଼େ, ତାହାର ଏକ ନଗ୍ନଚିତ୍ର ଆଜି ସାମ୍ନାକୁ ଆସିଛି। ଆଜି ଅପରାହ୍ନରେ ମାତ୍ର ଅଧଘଣ୍ଟାଏ ବର୍ଷା ହୋଇଥିଲା। ଏତିକିରେ ହିଁ ବେହାଲ୍ ହୋଇପଡ଼ିଛି କୋରାପୁଟ ସହର। ପୂଜାରୀପୁଟ କଲ୍ୟାଣ ମଣ୍ଡପଠାରୁ ଗୌତମ ନଗରକୁ ସଂଯୋଗ କରୁଥିବା ରାସ୍ତାରେ ନଦୀର ଭ୍ରମ ସୃଷ୍ଟି ହୋଇଛି। ନାଳର ଅଳିଆ ଆବର୍ଜନା ମିଶ୍ରିତ ପାଣି ଏବଂ ବର୍ଷା ପାଣି ସିଧାସଳଖ ରାସ୍ତା ଉପରେ ପ୍ରବାହିତ ହେଉଥିଲା। ଯାହାଫଳରେ ଗାଡ଼ି ଚାଳକ ଏବଂ ପଥଚାରୀମାନେ ଯାତାୟାତ କରିବାରେ ଚରମ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନିକଟରେ ଏଠାରେ ଏକ ନୂତନ କଲଭର୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କାମ ସରିବା ପରେ ବି କାହିଁକି ଏଭଳି ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲା, ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଦୁର୍ଦ୍ଦଶା ଏତିକିରେ ସରିନି। ସହରର ୱାର୍ଡ ନମ୍ବର ୧ ଅନ୍ତର୍ଗତ କୁମ୍ଭାର ସାହିର ସ୍ଥିତି ମଧ୍ୟ ସମାନ ଥିଲା। ରାସ୍ତାରେ ନଦୀ ଭଳି ପାଣିର ଲହଡ଼ି ଭାଙ୍ଗୁଥିଲା, ଯାହା ଯାତାୟାତକୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ କରିଦେଇଥିଲା।





କେବଳ ସେତିକି ନୁହେଁ, ବର୍ଷା ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସାହିର ଜଣେ ବ୍ୟକ୍ତିଙ୍କ ଘର ଭିତରେ ବର୍ଷା ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଫଳରେ ସମ୍ପୃକ୍ତ ପରିବାର ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମାତ୍ର ୩୦ ମିନିଟ୍‌ର ବର୍ଷା ଯଦି କୋରାପୁଟ ଭଳି ସହରକୁ ଅଚଳ କରିଦେଇପାରେ, ତେବେ ଆଗକୁ ଯେତେବେଳେ ଲଗାତାର ବର୍ଷା ହେବ, ସେତେବେଳେ ସହରବାସୀଙ୍କ ଅବସ୍ଥା କଣ ହେବ, କଲଭର୍ଟ ଓ ଡ୍ରେନେଜ୍‌ର ସଫେଇ ଏବଂ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।

## ● ୧୯ ଦିନ ପରେ ବି ଗିରଫ ହେଲେନି ଅଭିଯୁକ୍ତ

# ପୁଲିସ ଉପରୁ ତୁଟୁଛି ବିଶ୍ୱାସ

ରାୟଗଡ଼,୨୭।୬(ସମିସ):

ରାୟଗଡ଼ ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ ଡେରାକଣା ଗ୍ରାମରେ ଜୁନ ୮ ତାରିଖ ରାତିରେ ମରଣାନ୍ତକ ଆକ୍ରମଣ ଘଟଣାରେ ଏତଲା ରୁଜୁ ହେବାର ୧୯ ଦିନ ପରେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଯୋଗକାରୀଙ୍କ ପରିବାର ଓ ସମ୍ପର୍କୀୟମାନେ ପୁଲିସ କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ସେବା ଉପରୁ ସେମାନଙ୍କ ବିଶ୍ୱାସ ତୁଟୁଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଜୁନ ୮ ତାରିଖ ରାତି ପ୍ରାୟ ୮ଟା ସମୟରେ ଗ୍ରାମର ଦୀପେନ୍ଦ୍ର ନାୟକଙ୍କୁ ସୁଦେରାମ ନାୟକ, ବୁଲୁ ନାୟକ, ଚଳେଶ୍ୱର ନାୟକ, ସତ୍ୟବତୀ ନାୟକ ଓ ରତ୍ନାବତୀ ନାୟକ ମିଶି ବିନା କାରଣରେ ଆକ୍ରମଣ କରୁଥିଲେ। ଏହି ସମୟରେ ଦୀପେନ୍ଦ୍ରଙ୍କୁ ଉଦ୍ଧାର କରିବାକୁ ଯାଇଥିବା କାଳୀରାମ ନାୟକ ଓ ତାଙ୍କ ପତ୍ନୀ ସୁମିତ୍ରା ନାୟକଙ୍କ ଉପରେ ମଧ୍ୟ ଅଭିଯୁକ୍ତମାନେ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ରହିଛି। ଏଥିରେ ସ୍ୱାମୀ-ସ୍ତ୍ରୀ ଉଭୟ ଗୁରୁତର ଆହତ ହୋଇଥିଲେ। ଆହତ ଦମ୍ପତିଙ୍କୁ ପ୍ରଥମେ ସୁଙ୍ଗେର, ପରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସେଠାରୁ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ପରବର୍ତ୍ତୀ ସମୟରେ କୋରାପୁଟସ୍ଥିତ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉଭୟ ସେଠାରେ ଚିକିତ୍ସାଧୀନ ଅଛନ୍ତି ଜ୍ଞ ଘଟଣା ପରଦିନ ଜୁନ ୯ ତାରିଖରେ କାଳୀରାମ ନାୟକ କାଶୀପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ଦେବଦତ୍ତ ମଲ୍ଲିକ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ମାମଲା ରୁଜୁ ହେବାର ୧୯ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିବାରୁ ସେମାନେ ଖୋଲାଖୋଲି ଗ୍ରାମରେ ବୁଲୁଥିବା ନେଇ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କାଶୀପୁର ଥାନାରେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନଙ୍କୁ ଆଶାନୁରୂପ ସହଯୋଗ ମିଳୁନାହିଁ। ଏହାକୁ ନେଇ ସେମାନେ ରାୟଗଡ଼ ଜିଲ୍ଲା ଏସପିଙ୍କୁ ଭେଟି ନ୍ୟାୟ ପାଇଁ ଦାବି କରିବା ସହ ଗଣମାଧ୍ୟମ ସମ୍ମୁଖରେ ପୋଲିସର କାର୍ଯ୍ୟଶୈଳୀ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ତତ୍କାଳୀନ ଆଇଆଇସି ଦେବଦତ୍ତ ମଲ୍ଲିକଙ୍କୁ ଉକ୍ତ ପଚାରିବାରୁ ସେ କହିଥିଲେ ଯେ, ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଅଗ୍ନିକାଣ୍ଡରେ ଜଳିଗଲା ଚାଳଘର, ଚିନ୍ତାରେ ପରିବାର



ନନ୍ଦାହାଣ୍ଡି,୨୭।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମାଲିଗୁଡା ପଞ୍ଚାୟତ ଅନ୍ତର୍ଗତ ଚିଲିଗୁଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଥିବା ଖବର ମିଳିଛି। ସୂଚନା ମୁତାବକ ଚିଲିଗୁଡା ଗ୍ରାମର ଚନ୍ଦ୍ର ଗୌଡ଼ଙ୍କ ଘରେ ଶୁଖେଇବା ଉଦେଶ୍ୟରେ ଚୁଲି ଉପରେ କାଠ ରଖିଥିଲେ। ତେବେ ଅପରାହ୍ନ ସାଢେ ତିନି ଘଣ୍ଟା ସମୟରେ ଚୁଲି ଉପରେ ରଖା ଯାଇଥିବା କାଠରେ ନିଆଁ ଲାଗି ଚାଳଘରକୁ ବ୍ୟାପିଥିଲା। ଦେଖୁ ଦେଖୁ ଚାଳ ଘର ଅଗ୍ନିକାଣ୍ଡରେ ଜଳିବାକୁ ଆରମ୍ଭ ହୋଇଥିଲା। ଏହା ଦେଖି ସାହି ପଡିଶା ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ନନ୍ଦାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘରଟି ଜଳି ଯାଇଥିଲା। ଅଗ୍ନିଶମ ବାହିନୀ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। ଅଗ୍ନିଶମ ବିଭାଗର ହେମରାଜ ଗହୀର, ପ୍ରମଦ କୁମାର ବେହେରା, ଫଗଣୁ ବାଘ, ମୁକୁନ୍ଦ ପାତ୍ର ଓ ଚନ୍ଦ୍ରଧ୍ୱଜ୍ ନାୟକ ପ୍ରମୁଖ ସାମିଲ ରହିଥିଲେ। ଅଗ୍ନିକାଣ୍ଡରେ ଚନ୍ଦ୍ର ଘର ମଧ୍ୟରେ ରଖିଥିବା ୩୦ ହଜାର ଟଙ୍କା ସହ ଗୋଟିଏ ଶଗଡ଼, ପ୍ଲାଷ୍ଟିକ ପାଇପ, ଧାନ ଚାଉଳ ସହ କପଡା ଲତା ସମ୍ପୂର୍ଣ ଜଳି ପାଉଁଶ ହୋଇଯାଇଛି। ଚନ୍ଦ୍ର କୁଲି ମଜୁରୀ କରି ବଞ୍ଚୁଥିବା ବେଳେ ଅଳ୍ପ କିଛି ଜମିରେ ଚାଷ କରି ଜୀବିକା ନିର୍ବାହ କରନ୍ତି। ଘରେ ମହଜୁଦ ରହିଥିବା ଧାନ ଚାଉଳ ସହ ଟଙ୍କା ଅଗ୍ନିକାଣ୍ଡ ନଷ୍ଟ ହୋଇଥିବା ଯୋଗୁଁ ଚନ୍ଦ୍ରଙ୍କ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏଣୁ ତାଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗେଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ● ତରଳ ଗଞ୍ଜେଇ ତେଲ ଜବତ ଘଟଣା

# ୫ ଅଭିଯୁକ୍ତଙ୍କୁ କେରଳ ନେଲା ପାଡୁଆ ପୁଲିସ




ନନ୍ଦପୁର,୨୭।୬ (ସମିସ): ବହୁ ଚର୍ଚ୍ଚିତ ହାସିସ ତେଲ ( ଗଞ୍ଜେଇ ତେଲ) ମାମଲାରେ ୭ଜଣ ମାଫିଆକୁ ଗିରଫ କରିବା ପରେ ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିବା ପାଡୁଆ ପୁଲିସ ଗଞ୍ଜେଇ ତେଲ ବ୍ୟବସାୟୀ ଗ୍ୟାଙ୍ଗର ପୁରା ଚିଠା ଖୋଲିଥିବା ଖବର ମିଳିଛି। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ପାଡୁଆ ପୁଲିସ ଜଲାପୁଟ ଜଳବନ୍ଦୀ ଘେରରେ ଥିବା ତିନି ଗ୍ରାମରେ ଚାଲିଥିବା ଗଞ୍ଜେଇ ତେଲ ଘଣା ଠାବ କରିବା ସହ ଏହି ମାମଲାରେ ୭ ଜଣ ଙ୍କୁ ଗିରଫ କରି ରାଜ୍ୟ ସ୍ତରରେ କୋରାପୁଟ ପୁଲିସ୍ ବାବା ନେଇଥିଲା। ହେଲେ କୋରାପୁଟ ପୁଲିସ ପାଇଁ ଆଉ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା ଏହି ମାମଲାରେ ଲମ୍ବିଥିବା ଚେର, ମୂଳ ସହ ମାଷ୍ଟର ମାଇଣ୍ଡକୁ କାବୁ କରିବା। ବର୍ତ୍ତମାନ ଏହି ମାମଲାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ମାଫିଆକୁ କାବୁ କରିବାକୁ କେରଳରେ ଡେରା ପକାଇ ସୁରାଗ ହାସଲ କରିଥିଲେ। ତେବେ ହାସିସ ତେଲ ମାମଲାରେ ଜଡ଼ିତ ଥିବା ସନ୍ଦିଗ୍ଧ ମାନେ ପୂର୍ବରୁ କେରଳ ରାଜ୍ୟରେ ଅନ୍ୟ ମାମଲାରେ ଜେଲ ରହିଥିଲେ। କୋର୍ଟଙ୍କ ଦ୍ୱାରା ଆବେଦନ ପରେ ଉକ୍ତ ସନ୍ଦିଗ୍ଧଙ୍କୁ ରିମାଣ୍ଡରେ କୋରାପୁଟ ଜିଲ୍ଲାକୁ ଅଣାଯାଇଥିଲା । ଶନିବାର ରିମାଣ୍ଡ ଅବଧି ଶେଷ ହେବା ପରେ ପାଞ୍ଚ ଜଣଙ୍କୁ କେରଳ ଅଭିମୁଖେ ନିଆ ଯାଇଥିବା ବିଶିଷ୍ଟ ସୂତ୍ରରୁ ଖବର ମିଳିଛି । ତେବେ ଏହି ମାମଲା ନେଇ କୌଣସି ସୂଚନା ଜିଲ୍ଲାର ବଡ଼ ପୁଲିସ୍ ଅଧିକାରୀଙ୍କ ଠାରୁ ମିଳିନାହିଁ। ତେବେ ଅନୁସନ୍ଧାନରୁ ମିଳିଥିବା ଖବର ଅନୁସାରେ ଶନିବାର ରିମାଣ୍ଡ ଅବଧି ଶେଷ ହେବା ପରେ ପାଞ୍ଚ ଜଣଙ୍କୁ କେରଳ ଅଭିମୁଖେ ନିଆ ଯାଉଥିବା ସୂଚନା ରହିଛି । କୋରାପୁଟ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଫେବୃଆରୀ ୨୭ ତାରିଖ ଦିନ ଏକ ବଡ଼ ଧରଣର ଚଢ଼ଉ କରି ଜଳବନ୍ଦୀ ଘେରରେ ଥିବା ପାଡ଼ାଲପୁଟ ଗ୍ରାମରୁ ଏହି ମାମଲାରେ ୭ ଜଣ ସନ୍ଦିଗ୍ଧଙ୍କୁ କାବୁ କରିବାରେ ସଫଳ ହେବା ସହ ଏହି ମାମଲାର ମାଷ୍ଟର୍ ମାଇଣ୍ଡର ସନ୍ଧାନରେ ସୁଦୂର କେରଳରେ ଡେରା ପକାଇଥିଲା ପାଡୁଆ ପୋଲିସ। ଗତ କିଛିଦିନ ତଳେ ଏହି ମାମଲାରେ କେରଳ ପୁଲିସ ହାତରେ ଧରା ପଡ଼ି କିଛି ମାଫିଆ କାରାଗାର ମଧ୍ୟରେ ରହିଥିଲେ। ତେବେ ଉକ୍ତ ସନ୍ଦିଗ୍ଧଙ୍କୁ ରିମାଣ୍ଡରେ ଆଣି କୋରାପୁଟ ପୁଲିସକୁ ବଡ ସଫଳତା ମିଳିଥିବା କୁହାଯାଉଛି। ସେପଟେ ଆଜି ମଧ୍ୟ ଜଳବନ୍ଦୀ ପଡାଲ ପୁଟ ଗ୍ରାମରେ ଭୟର ବାତାବରଣ ଲାଗି ରହିଛି।

# ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ




ନବରଙ୍ଗପୁର,୨୭।୬(ସମିସ): ଜିଲ୍ଲାରେ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବା ଏବଂ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ନବରଙ୍ଗପୁର ଠାରେ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଭାପତି ଜିଲ୍ଲା ସୁକ୍ଷ୍ମ,କ୍ଷୁଦ୍ର ଓ ମଧ୍ୟମ, ନବରଙ୍ଗପୁର ଜ୍ୟୋତି ରଞ୍ଜନ କଂସ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ନିଜ ଅଭିଭାଷଣରେ ନିଯୁକ୍ତି ସୃଷ୍ଟି, ଗ୍ରାମୀଣ ବିକାଶ ଏବଂ ଆଂନିର୍ଭର ଓଡ଼ିଶା ଗଠନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି କହିଥିଲେ। ସେ ଯୁବ ଓ ମହିଳା ଉଦ୍ୟୋଗୀମାନଙ୍କୁ ଉଦ୍ୟମ ପଞ୍ଜୀକରଣ, ପିଏମ୍ ଇଜିପି , ଏବଂ ଏସଏଚ୍‌ଜି ଆଧାରିତ ଉଦ୍ୟୋଗ ପାଇଁ ମିଶନ୍ ଶକ୍ତି ପ୍ରୋତ୍ସାହନ ଭଳି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରୀ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରୀ, ବ୍ୟାଙ୍କ ପ୍ରତିନିଧି, ଶିଳ୍ପ ବିଶେଷଜ୍ଞ, ଏସ ଏଚ ଜି ସଦସ୍ୟ ଏବଂ ଜିଲ୍ଲାର ଆଗ୍ରହୀ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ। ଉଦ୍ୟମ ପଞ୍ଜୀକରଣ, ଆର୍ଥିକ ସହାୟତା, ବଜାର ସଂଯୋଗ, ଟେକ୍ନୋଲୋଜି ଉନ୍ନୟନ ଏବଂ କ୍ଲଷ୍ଟର ବିକାଶ ଉପରେ ସଚେତନତା ଅଧିବେଶନ କରାଯାଇଥିଲା। ଉଦ୍ୟୋଗୀ ଓ ଏସ୍‌ଏଚଜି ପ୍ରତିନିଧିମାନେ ସେମାନଙ୍କର ନାମ ସଫଳତାର କାହାଣୀ ବାଣ୍ଟିଥିଲେ। କିପରି ମିଶନ୍ ଶକ୍ତି ଓ ଏମଏସଏମଇ ସହାୟତା ତୃଣମୂଳ ସ୍ତରରେ ଜୀବିକାକୁ ପରିବର୍ତ୍ତନ କରିଛି। ଜିଲ୍ଲା ଶିଳ୍ପ କେନ୍ଦ୍ର, ନବରଙ୍ଗପୁର ଓ ମିଶନ୍ ଶକ୍ତିର ଅଧିକାରୀମାନେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପଞ୍ଜୀକରଣ, ସବସିଡି ଓ ବ୍ୟାଙ୍କ ଲିଙ୍କେଜ୍ ସମ୍ବନ୍ଧରେ ଉଦ୍ୟୋଗୀମାନଙ୍କ ପ୍ରଶ୍ନର ସମାଧାନ ପାଇଁ ଏକ ପାରସ୍ପରିକ ଆଲୋଚନା ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଉଦ୍ୟମୀ ଓଡ଼ିଶା ପଦକ୍ଷେପର ଲକ୍ଷ୍ୟ ହେଉଛି ଏମ୍‌ଏସଏମ୍‌ଇ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିବା ଏବଂ ନବରଙ୍ଗପୁରକୁ ସ୍ଥାନୀୟ ଉଦ୍ୟୋଗ ତଥା କୃଷି ଓ ବନ-ଆଧାରିତ ମୂଲ୍ୟଯୁକ୍ତ ଉତ୍ପାଦର ଏକ ବର୍ଦ୍ଧିଷ୍ଣୁ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା। ଅନ୍ୟ ମାନଙ୍କ ମଧ୍ୟରେ କାଉନ୍‌ସିଲର ଶର୍ମିଷ୍ଠା ଦେଓ, ମମତା ମହାରଣା, ଏଲ୍‌ଡିଏମ୍ ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡିଶା ଜୀବିକା ମିଶନ ସୁସ୍ମିତା ସାମନ୍ତରାୟ, ଉପ ନିର୍ବାହୀ ଅଧିକାରୀ, ଓରମାସ ରୋଶନ କୁମାର କାର୍ତିକ, ଜିଲ୍ଲା ପ୍ରଯୋଜକ, ଇପିକଲ ବୈଜନ୍ତିମାଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ଦାବି ପୂରଣ ନେଇ ପୁଣି ସମାବେଶ


# ୨୯ରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ବିଶାଳ ରାଲି

ରାୟଗଡ଼ା, ୨୭।୬(ସମିସ): ଓଡ଼ିଶା ସ୍କୁଲକଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦୀର୍ଘଦିନ ଧରି ବିଭିନ୍ନ ଦାବି ନେଇ ସରକାରଙ୍କ ସହ ଆଲୋଚନା, ପ୍ରତିବାଦ ଓ ଆନ୍ଦୋଳନ କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ତାହାର ପ୍ରତିଫଳନ ଦେଖିବାକୁ ମିଳୁନଥିବାରୁ ଶିକ୍ଷକ ସମାଜ ମଧ୍ୟରେ ଅସନ୍ତୋଷ ବଢୁଥିବା କଥା ରାୟଗଡ଼ା ଜିଲ୍ଲା ଓଷ୍ଟା ସଭାପତି ଅନିଲ କୁମାର ପୁରୋହିତ ଓ ସମ୍ପାଦକ ପ୍ରସନ୍ନ କୁମାର ରଥ ପ୍ରେସ ବିବୃତିରେ କହିଛନ୍ତି। ସମିତିର କହିବାନୁସାରେ, ନୂତନ ସରକାର ଗଠନର ଦୁଇ ବର୍ଷ ବିତିଥିଲେ ମଧ୍ୟ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇନାହିଁ। ବିଶେଷକରି ଅନୁଦାନ ପ୍ରତ୍ୟାଶୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ। ୨୫ରୁ ୩୦ ବର୍ଷ ଧରି ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବା ଅନୁଦାନଯୋଗ୍ୟ ସ୍କୁଲ ଓ କଲେଜର ଶିକ୍ଷକକର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବା ସହ ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ସରକାରୀ ସହାୟତା ଦେବାକୁ ସେମାନେ ଦାବି କରିଛନ୍ତି। ଏହାଛଡ଼ା ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ



ପେନସନ ପ୍ରଦାନ, ଖାଲି ପଦବୀ ପୂରଣ, ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂର କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଏବଂ ଅବସର ବୟସ ସୀମାକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ନେଇ ସମନ୍ୱୟ ସମିତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି ଜଣାଇଛି। ଏହି ସମସ୍ତ ଦାବି ପୂରଣ ପାଇଁ ଆସନ୍ତା ୨୯ ଜୁନ ସୋମବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ପଣ୍ଡା, ଉପସଭାପତି ମହେଶ ପଟ୍ଟନାୟକ, ରବୀନ୍ଦ୍ରନାଥ ପଣ୍ଡିତ, ଇନ୍ଦିରା ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ମନୋଜ ଡାକୁଆ, ରାଜ୍ୟ ସହ-ସମ୍ପାଦକ ମନୋଜ କୁମାର ପାତ୍ରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ନାୟକଙ୍କ ସମେତ ବିଭିନ୍ନ ବ୍ଲକର ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ପରଲୋକ



କୋରାପୁଟ,୨୭।୬(ସମିସ): କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତ ରଣ୍ଡାପାଲି ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା କୋରାପୁଟ ଘରୋଇ ବସ କର୍ମଚାରୀ ସଂଘର ସଦସ୍ୟ ସରୋଜ କୁମାର ମହାନ୍ତି (ଟୁଟୁ)ଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସରୋଜଙ୍କ ନିଜ ଘର କୋରାପୁଟ ବ୍ଲକର ପଦ୍ମପୁର ଗ୍ରାମରେ। କିନ୍ତୁ ବର୍ତ୍ତମାନ ସେ ଜୟପୁର ନିକଟ ରଣ୍ଡାପାଲିରେ ରହୁଥିଲେ। ତାଙ୍କ ବିୟୋଗରେ ପଦ୍ମପୁର, ଡୁମୁରିପୁଟ ଓ ରଣ୍ଡାପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୋରାପୁଟ ଘରୋଇ ବସ କର୍ମଚାରୀ ସଂଘ, ଡୁମୁରିପୁଟ ବୀର ସୁରେନ୍ଦ୍ର ସାଏ ପାଠାଗାର ଓ ସୁନାବେଡ଼ା ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଘରେ ଶୋଇଥିବା ବୃଦ୍ଧଙ୍କୁ ଗଳାକାଟି ହତ୍ୟା




ବୈପାରିଗୁଡ଼ା,୨୭।୬(ସମିସ): କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର ପଞ୍ଚାୟତର କାଉକୁଣ୍ଡ ଗ୍ରାମରେ ବିଳମ୍ବିତ ରାତିରେ ଶୋଇଥିବା ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ସେହି ଗାଁର ଲକ୍ଷ୍ମଣ ଗୋଲରୀ(୬୫)। ସୂଚନା ଅନୁଯାୟୀ, ସେ ଘର ଅଗଣାରେ ଏକ ଖଟିଆରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସକାଳେ ଉଠି ପରିବାର ଲୋକେ ଘଟଣା ଜାଣିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ମୃତକଙ୍କ ପୁଅ ରତି ଗୋଲରୀ ବୈପାରିଗୁଡା ଥାନାରେ ଏନେଇ ଲିଖିତ ଏତଲା ଦେଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ସଂଗ୍ରହ କରୁଛି। ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ବ୍ୟକ୍ତିଗତ ଶତ୍ରୁତା, ପାରିବାରିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେହି ସବୁ ଦିଗକୁ ନଜରରେ ରଖି ପୁଲିସ ତଦନ୍ତ ଚଳାଇଛି। ଏହି ଘଟଣା ପରେ କାଉକୁଣ୍ଡ ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି। ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଶେଷ ହେବା ପରେ ହତ୍ୟା ପଛରେ ପ୍ରକୃତ କାରଣ ଏବଂ ଦୋଷୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ବୈପାରିଗୁଡା ଥାନା ଓଆଇସି ଡମ୍ବୁରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ଗ୍ୟାସ୍ ସଙ୍କଟରୁ ମୁକ୍ତି ପାଇବେ କେବେ ?



ଲମତାପୁଟ,୨୭।୬(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ଏଚ୍‌ପି ଗ୍ୟାସ ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ଗ୍ୟାସ ନ ପାଇ ଅଞ୍ଚଳବାସୀ ଦୁଇ ମାସ ହେଲା ହନ୍ତସନ୍ତ ହେଉଛନ୍ତି। ଦୁଇ ମାସ ପରେ ଆଜି ଗ୍ୟାସ ଗାଡି ଗୋଦାମକୁ ଆସିବା ଦେଖି ସକାଳ ଠାରୁ ଲୋକ ଲାଇନ୍‌ରେ ଜଗି ରହିଛନ୍ତି। ହେଲେ ପ୍ରଶ୍ନ ଉଠୁଛି ସାରା ରାଜ୍ୟରେ ଗ୍ୟାସ ସଙ୍କଟ ଦୂର ହୋଇଥିବା ବେଳେ ଲମତାପୁଟରେ ଗ୍ୟାସ ସଙ୍କଟ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାର ଗ୍ୟାସ କ୍ରୟରେ ଯେଉଁ ସବୁ କଟକଣା ଲଗାଇଥିଲେ ତାକୁ ମଧ୍ୟ ହଟାଇ ଦେଇଛନ୍ତି। ତେବେ ଲମତାପୁଟର ଏଚ୍‌ପି ଗ୍ୟାସ ଉପଭୋକ୍ତା ଦୁଇମାସ ହେଲାଣି ଗ୍ୟାସ ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି ଗ୍ୟାସ ଡିଲର ଉପରେ ପଡୋଶୀ ଆନ୍ଧ୍ରର ବହୁ ଉପଭୋକ୍ତା ଏବଂ ଶହେ କିଲୋମିଟର ଦୂରତାରେ ରହିଥିବା ଉପଭୋକ୍ତା ମାନେ ଏହି ଡିଲର ପଏଣ୍ଟ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଦୁଇମାସ

## ଦୁଇମାସ ପରେ ପହଞ୍ଚିଲା ଗୋଟାଏ ଗାଡ଼ି

ହେଲାଣି ଗ୍ୟାସ ନ ପାଇ ରୋଷେଇ ଶାଳରେ କେଉଁ ଭଳି ଅସୁବିଧା ଉପୁଜିଛି ତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ବ୍ଲକ ଯୋଗାଣ ଅଧିକାରୀ କହିଛନ୍ତି ରାୟଗଡା ଡିପୋରେ ଗ୍ୟାସ ସମସ୍ୟା ଥିବାରୁ ଗ୍ୟାସ ଆସିପାରୁନଥିଲା, ଆଜି ପହଞ୍ଚିଛି । ଉପଭୋକ୍ତା ମାନେ ଗ୍ୟାସ ପାଇବେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଗ୍ୟାସ ଯୋଗାଣରେ କେଉଁଠି ବି ସମସ୍ୟା ନଥିବା ବେଳେ ଏଠାରେ ଗ୍ୟାସ ସମସ୍ୟାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି।

# କୋରାପୁଟ ରେଳଷ୍ଟେସନରୁ ଗଞ୍ଜେଇ ଜବତ, ମହିଳା ଅଟକ

କୋରାପୁଟ,୨୭।୬(ସମିସ): କୋରାପୁଟ ରେଳ ଷ୍ଟେସନରେ ଆଜି ସକାଳେ ଗଞ୍ଜେଇ ଚାଲାଣକୁ ବିଫଳ କରିଛି ଜିଆରପି ପୋଲିସ। ସମଲେଶ୍ୱରୀ ଏକ୍ସପ୍ରେସରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଜଣେ ମହିଳାଙ୍କୁ ଅଟକ ରଖିବା ସହ ତାଙ୍କ ନିକଟରୁ ୧୧ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଜିଆରପି ପୁଲିସ ଓ ଆରପିଏଫ୍ ମିଳିତ ଭାବେ



କୋରାପୁଟ ରେଳ ଷ୍ଟେସନରେ ଚଢ଼ଉ କରିଥିଲେ। ସମଲେଶ୍ୱରୀ ଏକ୍ସପ୍ରେସରେ ଚଢ଼ିବାକୁ ଯାଉଥିବା ଜଣେ ମହିଳାଙ୍କ ସୁଟକେସ୍ ଯାଞ୍ଚ କରାଯିବାରୁ ସେଥିରୁ ପ୍ରାୟ ୧୧ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ମହିଳା ଜଣକ ବିହାର ରାଜ୍ୟର ଔରଙ୍ଗାବାଦ ଜିଲ୍ଲାର ସୁନୈନା ଦେବୀ ବୋଲି ରେଲୱେ ପୁଲିସ ସୂଚନା ଦେଇଛି। ଅଭିଯୁକ୍ତ ମହିଳାଙ୍କୁ ବର୍ତ୍ତମାନ ଜିଆରପି ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। କୋରାପୁଟରୁ କାହାଠାରୁ ଗଞ୍ଜେଇ ସଂଗ୍ରହ କରୁଥିଲେ ଏବଂ କାହା ପାଖକୁ ପଠାଉଥିଲେ, ସେନେଇ ତଦନ୍ତ ଚାଲିଛି। ଏହି ଗଞ୍ଜେଇ କେଉଁ ଅଞ୍ଚଳରୁ ଆସିଥିଲା ଏବଂ ଏହି ଚୋରାଚାଲାଣ ରାକେଟ୍‌ରେ ଆଉ କିଏ କିଏ ସାମିଲ ଅଛନ୍ତି, ସେନେଇ ରେଳବାଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କାକିରିଗୁମା,୨୭।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଭିତରଗଡ଼ ପଞ୍ଚାୟତର କାପସିପୁଟ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ସତ୍ୟ ପ୍ରକାଶ ସାଉଁନ୍ତାଙ୍କ ୨୦ ବର୍ଷୀୟ ପୁଅ ବିକ୍ରମ ସାଉଁନ୍ତା ବୋଲି ଜଣାପଡ଼ିଛି। ଅଚାନକ ଘଡ଼ଘଡ଼ି ଓ ପବନ ହେବାରୁ ବର୍ଷା ହେବା ସମ୍ଭାବନା ଦେଖି ଘର ଛାତ ଉପରେ ଶୁଖା ଯାଇଥିବା ଧାନ ଉଠାଇବାକୁ ବିକ୍ରମ ଛାତକୁ ଯାଇଥିବା ବେଳେ ଘର ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ବିକ୍ରମକୁ ଉଦ୍ଧାର କରି ପରିବାର ଲୋକେ କାକିରିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ବିକ୍ରମକୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅନ୍ୟ ପକ୍ଷରେ ଗାଁ ମଝିରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଯାଇଥିବା ବେଳେ ଅନେକ ଘର ତାର ତଳେ ବିପଦ୍‌ଜନକ ସ୍ଥିତିରେ ରହିଛି। ତେଣୁ ଉକ୍ତ ତାର ଜନବସତି ଠାରୁ ଦୂରରେ ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି।

# ଗିରଫ ଲାଞ୍ଚୁଆ ପ୍ରାଣୀଧନ ନିରୀକ୍ଷକ ଜେଲ୍ ହାଜତରେ



ଜୟପୁର/ରାଇଘର,୨୭।୬(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତ ସଂଧ୍ୟାରେ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପଶୁ ସମ୍ପଦ ବିଭାଗର ପ୍ରାଣୀଧନ ନିରୀକ୍ଷକ (ଏଲଆଇ) ପ୍ରଫୁଲ୍ଲ ହାଲଦାର ଭିଜିଲାନ୍ସ ଚଢଉ ଦଳ ହାତରେ ଧରାପଡି ଗିରଫ ହୋଇଛନ୍ତି। ଆଜି ଅଭିଯୁକ୍ତ ଏଲଆଇଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କ ଓକିଲଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ କରାଯାଇଥିଲା । ଏହି ଆବେଦନର ଶୁଣାଣି ଜୁଲାଇ ୧୦ ତାରିଖକୁ ଧାର୍ଯ୍ୟ କରାଯାଇଛି । ଅଭିଯୁକ୍ତ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗିୟ ହାଜତରେ ରହିବେ। ତେଣୁ ତାଙ୍କୁ ଜେଲ ହାଜତକୁ ପଠାଇବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସରକାରଙ୍କ ଗୋ-ଚାଷୀଙ୍କୁ ପ୍ରୋତ୍ସାହନ ନେଇ ମୁଖ୍ୟମନ୍ତ୍ରୀ କାମେଧେନ ଯୋଜନା ରହିଛି। ଏଥିରେ ଗୋ-ଚାଷୀ ମାନେ ଏହି ଯୋଜନାରେ ସର୍ବାଧିକ ୫ଟି ଗାଈ ପର୍ଯ୍ୟନ୍ତ ରଖିପାରିବେ ଏବଂ ଫାର୍ମ ନିମନ୍ତେ ସରକାରଙ୍କ ପକ୍ଷରୁ ଟଙ୍କା ଛାଡ (ସବ୍‌ସିଡ଼) ବ୍ୟବସ୍ଥା ରହିଛି। ଜଣେ ଚାଷୀ ତଥା ହିତାଧିକାରୀଙ୍କ ସରକାରୀ ଟଙ୍କା ଛାଡ ନିମନ୍ତେ ଗିରଫ ଅଭିଯୁକ୍ତ ଶ୍ରୀ ହାଲଦାର ୮୦ ହଜାର ଟଙ୍କା ଲାଞ୍ଚ ବାବଦକୁ ଦାବି କରିଥିଲେ। ଏଥିନେଇ ହିତାଧିକାରୀ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏଥିନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରିବା ସହିତ କୋରାପୁଟ ଡିଭିଜନ ଭିଜିଲାନ୍ସ ଏସ୍‌ପି ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଭିଜିଲାନ୍ସ ଦଳ ଗତକାଲି ସଂଧ୍ୟାରେ ଚଢଉ କରିଥିଲେ। ଅଭିଯୁକ୍ତ ନିଜ କାର୍ଯ୍ୟାଳୟ ଠାରେ ହିତାଧିକାରୀଙ୍କ ଠାରୁ ୮୦ ହଜାର ଟଙ୍କା ଲାଞ୍ଚନେଉଥିବା ବେଳେ ଧରାପଡିଥିଲେ। ତାଙ୍କ ହାତ ପାଣିରେ ଧୋଇବା ବେଳେ ରସାୟନିକ ପଦାର୍ଥ ଯୋଗୁଁ ପାଣି ଲାଲ ହୋଇଥିଲା। ତୁରନ୍ତ ଭିଜିଲାନ୍ସ ବିଭାଗ ଅଭିଯୁକ୍ତ ଏଲ.ଆଇଙ୍କୁ କାବୁ କରିବା ସହିତ ରାଇଘର ତାଙ୍କ ସରକାରୀ କାର୍ଯ୍ୟାଳୟ ଏବଂ ବାସଭବନରେ ଯାଞ୍ଚ ବେଳେ ତାଙ୍କ ବାସଭବନରୁ ୮ଲକ୍ଷ ୨୪ ହଜାର ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗତକାଲି ରାତିରେ ଗିରଫ କରାଯାଇ ଜୟପୁର କାର୍ଯ୍ୟାଳୟକୁ ଅଣାଯାଇ ପଚରା ଉଚରା କରାଯାଇଥିଲା। ଏହି ଚଢ଼ଉରେ ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ଅନୁଭା ଦାସ, ସୂର୍ଯ୍ୟପ୍ରକାଶ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ରହିଥିଲେ।

# କାଗଜପ୍ଲେଟ୍ ତିଆରି କରି ସ୍ୱାବଲମ୍ବୀ ହୀରା ମାଳି

ପୋଡ଼ାଗଡ଼,୨୭।୬(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅଧିନସ୍ଥ ମସ୍ତିପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲେନ୍ଦ୍ରୀମାଳି ଗୁଡା ଗ୍ରାମର ହୀରା ମାଳି। ପ୍ରଥମେ ୟୁ-ଟ୍ୟୁବ୍ ଦେଖି ପ୍ରେରଣା ପାଇ ନିଜ ସ୍ୱାମୀ ମନ ମାଳିଙ୍କୁ ଜଣାଇଲେ। କିନ୍ତୁ ଅର୍ଥର ଅଭାବ ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ମିଶି ନିଜ ଗ୍ରୁପରୁ ବ୍ୟାଙ୍କରୁ ୯୫ ହଜାର ଟଙ୍କା ଋଣ ଆଣିଥିଲେ। ସେହି ଋଣ ଟଙ୍କା ଅନ୍ୟ ମହିଳା ମାନଙ୍କୁ ନ ନେବା ପାଇଁ ଅନୁରୋଧ କରିଥିଲେ। ତାଙ୍କର ଅନୁରୋଧକୁ ରକ୍ଷା କରି ଅନ୍ୟ ମହିଳାମାନେ ହୀରାକୁ ସବୁ ଟଙ୍କା ଦେଇଥିଲେ। ସେହି ଟଙ୍କାରେ ହୀରା ବ୍ରହ୍ମପୁରରୁ ଏକ କାଗଜ ପ୍ଲେଟ ତିଆରି ମେସିନ କିଛି କଞ୍ଚା ମାଲ ଆଣିଲେ। ପ୍ରଥମରୁ ୟୁଟ୍ୟୁବ୍ ଦେଖି ମେସିନ ଚଲାଇବା ଶିଖି ଯାଇଥିଲେ। ଫଳରେ ମେସିନ ଚଲାଇ ପ୍ଲେଟ ତିଆରି କରିବାରେ କୌଣସି ଅସୁବିଧା ହେଲା ନାହିଁ। ହୀରା ପ୍ଲେଟ ତିଆରି କରି ନିକଟ ପୋଡ଼ାଗଡର ବିଭିନ୍ନ କିରାନା ଦୋକାନ ମାନଙ୍କରେ ହୋଲସେଲ୍ ଦରରେ ବିକ୍ରି କରୁଛନ୍ତି। ସେହିପରି ନିଜ ଗାଁରେ କିମ୍ବା ଆଖପାଖ ଗାଁରେ ଭୋଜି ଭାତ ହେଲେ କାଗଜ ପ୍ଲେଟ ଯୋଗାଇ ଦେଇଥାନ୍ତି। ଏହି ପ୍ଲେଟ ତିଆରି କାମରେ ତାଙ୍କର ଝିଅ ଗୀତା ମାଳି ସାହାଯ୍ୟ କରୁଥିବା ହୀରା କହିଛନ୍ତି। ଗୀତା ସୁନାବେଡ଼ା ସ୍ଥିତ ମହିଳା ମହାବିଦ୍ୟାଳୟରୁ +୩ ପାସ କରି ଘରେ ବେକାର ରହୁଥିବାରୁ ମାଆଙ୍କୁ କାମରେ ସାହାଯ୍ୟ କରୁଥିବା ଗୀତା କହିଛନ୍ତି। ଏହି ପ୍ଲେଟ ବିକ୍ରି କରି ଦିନକୁ ପ୍ରାୟ ୩୦୦ ଟଙ୍କା ରୋଜଗାର ହେଉଥିବା ହୀରା କହିଛନ୍ତି। ଏହି ୩୦୦ ଟଙ୍କାରେ ଯେମିତି ସେମିତି ପରିବାର ଚଳିଯାଉଛି। ପ୍ରଚାର, ପ୍ରସାର ହେଲେ ଆଗକୁ ତାଙ୍କ ବେପାର ଆହୁରି ବଢ଼ିବ ବୋଲି ସେ କହିଛନ୍ତି।

# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ଉଦ୍‌ଘାଟିତ



କୋରାପୁଟ,୨୭।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ କୋରାପୁଟ ଠାରେ ଆରମ୍ଭ ହୋଇଛି ତିନି ଦିନିଆ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ହେଉଛି। ରାଜ୍ୟ ସରକାରଙ୍କ 'ବିକାଶର ଧାରା ଓଡ଼ିଶା ସାରା' ସମ୍ମିଳନୀ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି କୋରାପୁଟ ବିଧାୟକ ରଘୁରାମ ମାଛ। ନୂଆ ସରକାରଙ୍କ ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଦିଗରେ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ସବୁଠାରୁ ବଡ଼ ମାଧ୍ୟମ ସାଜିଛି। ସରକାରଙ୍କ ସଶକ୍ତ ଏମଏସଏମଇ ନୀତି ଯୋଗୁଁ ଆଜି ଜିଲ୍ଲାର ଯୁବ ଉଦ୍ୟୋଗୀମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରୁଛନ୍ତି। ଏହି ତିନି ଦିନିଆ ପ୍ରଦର୍ଶନୀ ଅବସରରେ ଜିଲ୍ଲାର ଅନେକ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯିବା ସହ ନୂଆ ବ୍ୟବସାୟ ଆରମ୍ଭ ଏବଂ ବ୍ୟବସାୟର ସମ୍ପ୍ରସାରଣ ପାଇଁ ଋଣ ପ୍ରଦାନ କରାଯାଇଛି। ସରକାରଙ୍କ ନୂଆ ନୀତି ଯୋଗୁଁ ଆଗାମୀ ଦିନରେ ଉଦ୍ୟୋଗୀମାନେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ଯୋଗ ଦେଇଥିବା ବେଳେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିନ୍ମୟ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ମହେଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକ୍ରି ହୋଇପାରୁନି ଚାରା, ଚିନ୍ତାରେ ଚାଷୀ



ଲକ୍ଷ୍ମୀପୁର,୨୭।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ପଞ୍ଚାୟତର ମାର୍ବାଇଗୁଡା ଗାଁର ଗୋବିନ୍ଦ ସାହୁ ଜଣେ ସଫଳ ଚାଷୀ। ୨୦୦୩ ମସିହାରେ ସେ ଲାଇସେନ୍ସ ସରକାରଙ୍କ ପକ୍ଷରୁ ପ୍ରାପ୍ତ କରିଛନ୍ତି। ସମ୍ରାଟ ନର୍ସରୀ ନାମରେ ଲାଇସେନ୍ସ ମିଳିଛି। ଦୁଇ ଏକର ଅଧା ଜମିରେ ବିଭିନ୍ନ ପ୍ରକାର ଚାରା ରୋପଣ କରି ବ୍ୟବସାୟ କରୁଛନ୍ତି। ପୂର୍ବପୁରୁଷରୁ ହିଁ ଚାଷ କରୁଥିବା ସେ କହିଛନ୍ତି । ନିଜ ନର୍ସରୀରେ ଆମ୍ବ, କାଜୁ, ଅଙ୍ଗୁର, ସେଓ ଭଳି ଚାରା ରୋପଣ କରି ବେଶ୍ ଲାଭବାନ୍ ହେଉଥିଲେ। ଶ୍ରୀ ସାହୁଙ୍କ କହିବା ଅନୁସାରେ ଦୁଇ ବର୍ଷ ହେବ ନିଜ ନର୍ସରୀରୁ ଆଉ ଚାରା ବାହାରେ ବିକ୍ରି ହେଉ ନାହିଁ। ଏଣୁ ଏବେ ସିଏ ଚିନ୍ତାରେ ପଡିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ୨୦୨୪ ଅଗଷ୍ଟ ମାସ ୫ ତାରିଖରେ ଦରଖାସ୍ତ ମାଧ୍ୟମରେ ଗୁହାରି କରିଥିଲେ। ସେଠାରୁ ତାଙ୍କୁ ଫେରସ୍ତ କରି ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଥିଲେ। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିବା ସେ କହିଛନ୍ତି। କିନ୍ତୁ ଫଳ କିଛି ମିଳି ନ ଥିବା ଯୋଗୁଁ ମାନସିକ ଚାପରେ ରହିଥିବା କହିଛନ୍ତି। ରାଜ୍ୟ ବାହାରୁ ଚାରା ଆମ ଅଞ୍ଚଳକୁ ଆସୁଛି। ଉତ୍କୃଷ୍ଟ ଚାରା ଆମ ଏଠାରେ ତିଆରି କରି ଚାଷୀ ମାନଙ୍କୁ ଦେଉଛୁ। ଆମ ଅଞ୍ଚଳର ଚାଷୀ ଗୋଟେ ଦୁଇଟା ଚାରା ନେଇ ନିଜ ଜମିରେ ଚାଷ କରି ତାର ପରବର୍ତ୍ତୀ ସମୟରେ ଆସି ଆମ ସହିତ ଚାରା, ଗଛ ଓ ଫଳ କିପରି ପାଇ ଲାଭବାନ ହୋଇଛନ୍ତି ସେ ବିଷୟ ଆଲୋଚନା କରୁଛନ୍ତି । ହଜାର ହଜାର ବିଭିନ୍ନ ଚାରା ନର୍ସରୀରେ ପଡି ରହିଛି । ଯାହା ପାଇଁ କ୍ଷତି ସହିବାକୁ ପଡୁଛି। ଏଠାରେ କାମ କରୁ ଥିବା ୨୦ରୁ ୨୫ ଶ୍ରମିକ ମଧ୍ୟ ଜୀବିକା ହରାଇଛନ୍ତି। କିଛି ଚାଷୀ ମଧ୍ୟ ଏହି ନର୍ସରୀର ଚାରା ଭଲ ହୋଇ ଥିବା କହିଛନ୍ତି। ଏପରି ସ୍ଥଳେ ସରକାର ଏଠାରୁ ଚାରା କ୍ରୟ କରି ଆବଶ୍ୟକ ସ୍ଥାନକୁ ନ ନେବାର କାରଣ କଣ ହୋଇ ପାରେ ସେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ସରକାରୀ ଲାଇସେନ୍ସଧାରୀ ଚାଷୀଙ୍କ ଠାରୁ ଚାରା କଣ ପାଇଁ କ୍ରୟ କରାଯାଉ ନାହିଁ, ଦୁଇ ବର୍ଷ ହେଲା କଣ ପାଇଁ ଅଣଦେଖା କରାଯାଉଛି। ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

# ଛାତ୍ରୀମାନଙ୍କୁ ବିଦ୍ୟାଳୟ ପୋଷାକ ବଣ୍ଟନ



ଜୟପୁର, ୨୭।୬(ସମିସ): ଜୟପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରୀ ମାନଙ୍କୁ ଚଳିତ ଶିକ୍ଷା ବର୍ଷ ନିମନ୍ତେ ବିଦ୍ୟାଳୟ ୟୁନିଫର୍ମ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ଜୟପୁର ଶିକ୍ଷା ମଣ୍ଡଳ ଅଧିକାରୀ ଚନ୍ଦନ କୁମାର ନାୟକ ଓ ବିଦ୍ୟାଳୟର ନିରାପତ୍ତା କମିଟି ସଦସ୍ୟା ତଥା ଆଇନଜୀବୀ ପୁଷ୍ପାଞ୍ଜଳି ସାହୁ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଶୋକ କୁମାର ଖରଚଲିଆ, ରବିନ୍ଦ୍ର ସ୍ୱାଇଁ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ଅଭିଯାନ ବୈଠକ



ନନ୍ଦପୁର,୨୭।୬ (ସମିସ): ନିଶାମୁକ୍ତ ନେଇ ଶନିବାର ଦୁର୍ଗମ ଅଞ୍ଚଳ ଗଙ୍ଗା ଗୁଡ଼ାରେ ସୁଗମ ବାର୍ତ୍ତା ଦେଇଛନ୍ତି କବି ବିଚିତ୍ରାନନ୍ଦ ପଣ୍ଡା । ପାଡୁଆ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ନିଶାମୁକ୍ତ ଅଭିଯାନର ବୈଠକରେ କିପରି ନିଶାମୁକ୍ତ ଗ୍ରାମ ଗଠନ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ନିଶାମୁକ୍ତ ଜୀବନ ଶୈଳୀ ଉପରେ ଉପଦେଶ ଦେଇଥିଲେ କବି ଶ୍ରୀ ପଣ୍ଡା । ନନ୍ଦପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ଗୋଲୁର ଗ୍ରାମ ପଞ୍ଚାୟତ ଅଧୀନ ଗଙ୍ଗାଗୁଡ଼ାରେ ଆୟୋଜିତ ନିଶାମୁକ୍ତ ଗ୍ରାମ ଗଠନ କାର୍ଯ୍ୟକ୍ରମରେ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ଟୁନେସ କୁମାର ପାତ୍ର, ଆବାହକ ସମ୍ପାଦକ, ସାଧାରଣ ଭଗବାନ ମହାପାତ୍ର, ସଦସ୍ୟ ରେଲି ସୀସା, ସୁନ୍ଦର ରାୟ କହଁର, ଭଗବାନ ଖରା, କାମ ମାଟାମ, ବୁରେଞ୍ଜି ମାଟାମ ପ୍ରମୁଖ ଯୋଗ ଦେଇଥିବା ବେଳେ ଏହି ଅବସରରେ ନିଶାକୁ ନା କହିଥିବା କିଛି ଗ୍ରାମବାସୀଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ଆଲୁମିନା କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଓରିଅନ କ୍ରିକେଟ୍ କ୍ଲବ; ଅନୁଗୁଳ ନାଲ୍‌କୋ ବିଜୟୀ


ଦାମନଯୋଡ଼ି,୨୭।୬(ସମିସ): ଦାମନଯୋଡ଼ି ସ୍ଥିତ ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ସ୍ପୋର୍ଟସ ସେଲ ପକ୍ଷରୁ ୧୦ମ ଆଲୁମିନା କପ୍ କ୍ରିକେଟ ପ୍ରତିଯୋଗିତା ନାଲ୍‌କୋ ଟାଉନ୍‌ସିପ ଡ. ବି.ଆର. ଆମ୍ବେଦକର ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ ,ଦିଲ୍ଲୀପ କୁମାର ବାଗ ଓ ସୁଗାତୋ ଆନନ୍ଦ ବାସୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ପୋର୍ଟସ ସେଲ୍ ଅଧିକାରୀ ଅରୁଣ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷ ୮ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଜୟପୁରର ଓରିଅନ କ୍ରିକେଟ କ୍ଲବ ଓ ମାଲକାନଗିରିର ଜଗଦୀଶ ରାଓ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଓରିଅନ ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିଥିଲେ। ମାଲକାନଗିରି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ୧୪୮ ରନ୍ କରିଥିଲେ। ଜବାବରେ ଓରିଅନ ଦଳ ୧୯.୨ ଓଭରରେ ୮ ୱିକେଟ ହରାଇ ୧୪୯ରନ୍ କରି ୨ୱିକେଟରେ ମ୍ୟାଚ ଜିତି ଯାଇଥିଲେ। ୪ ଓଭରରେ ୧୬ରନ ଦେଇ ୪ୱିକେଟ ନେଇଥିବା ଓରିଅନ ଦଳର ଖେଳାଳୀ ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚନା କରାଯାଇଛି। ୨ୟ ମ୍ୟାଚ ଅନୁଗୁଳ ସ୍ଥିତ ନାଲକୋର ସ୍ମେଲଟର ଓ ପାୱାର ପ୍ରକଳ୍ପ ଓ ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ନାଲକୋ ଦଳ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ।



ପ୍ରଥମେ ବ୍ୟାଟିଂ କରି ଉତ୍କଳ ଆଲୁମିନା ଦଳ ନିର୍ଦ୍ଧାରିତ ୧୬ଓଭରରେ ୯ଉଇକେଟ ହରାଇ ୧୨୩ ରନ୍ କରିଥିଲେ। ଜବାବରେ ନାଲକୋ ଦଳ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୨୫ ରନ୍ କରି ୩ ୱିକେଟରେ ମ୍ୟାଚ ଜିତି ଯାଇଥିଲେ। ୪ ଓଭରରେ ୨୯ ରନ ଦେଇ ୫ ୱିକେଟ ନେଇଥିବା ନାଲ୍‌କୋ ଦଳର ଖେଳାଳୀ ଦୀପକ ସାମଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚନା କରାଯାଇଛି। ଅମ୍ପାୟାର ସୁରେଶ ମାଣିଆ, ଅସିତ କୁମାର ପଟ୍ଟନାୟକ, ନିର୍ମଳ କୁମାର ରାଉତ ଓ ତୁଷାର କାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ। ରଶ୍ମି ରଞ୍ଜନ ପଣ୍ଡା ଓ ସୁଧାଂଶୁ ଶେଖର ପାଢ଼ୀ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସୁଶାନ୍ତ ହିକୋକ୍କା ଧାରା ବିବରଣୀ ପ୍ରଦାନ କରିଥିଲେ। ନାଲକୋ ସ୍ପୋର୍ଟସ ସେଲ ସଦସ୍ୟ ଶ୍ରୀକାନ୍ତ କୁମାର ସାହୁ,ଲାବଣ୍ୟ ଖରା,ମୋହନ କଟିମ,ଦିଲ୍ଲୀପ କୁମାର ନାୟକ,ମହେନ୍ଦ୍ର ବେହେରା,ଲଳିତ ଗୌଡ଼,ତ୍ରିନାଥ ମାଳି,ପୁତୁଲ ମହାକୁଡ଼,ହରେକୃଷ୍ଣ ଏକୁଡୁ,ପ୍ରଭାତ କୁମାର ସାହୁ,ଗୌରାଙ୍ଗ ଦୋରା,ଜେ ପି ବାଲା,ସୋମେନ୍ଦୁ ବାରିକ, ଦୁର୍ଗାପ୍ରସାଦ ନାୟକ,ସୁଭ୍ରଜିତ ଜେନା,ଅଭିଷେକ ଦତ୍ତ, ଜିତେନ୍ଦ୍ର ଡାକୁଆ,ଶ୍ରବଣ ମହାନ୍ତ,ଦୁର୍ଲ୍ଲଭ ନାଗ ଓ ସମୀର ବେନ୍ୟା ପ୍ରମୁଖ ପରିଚାଳନା କରିଥିଲେ। ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ ଦଳ ସହିତ ବ୍ରହ୍ମପୁରର ୨ଟି ଦଳ ଲିଡ୍ସ କ୍ରିକେଟ କ୍ଲବ ଓ ଆଲଫା ସ୍ପୋର୍ଟିଂ କ୍ଲବ ଏବଂ ଭୁବନେଶ୍ୱରର କଳିଙ୍ଗ କ୍ରିକେଟ ଆସୋସିଏସନ ମଧ୍ୟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ଲିଗ୍ ଭିତ୍ତିରେ ହେଉଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଜୁଲାଇ ୩ ତାରିଖରେ ଅନୁଷ୍ଠିତ ହେବ।

# କୋଡ଼ିଏ ବର୍ଷ ପରେ





ମୂଳ ଇଂରାଜୀ: ଓ. ହେନେରୀ

ଅନୁବାଦ: କନକ ମଞ୍ଜରୀ ସାହୁ

ନ୍ୟୁୟର୍କ ସହରର ସେହି ରାସ୍ତାରେ ଜଣେ ପୋଲିସ ଅଫିସର୍ ଖୁବ୍ ଗମ୍ଭୀରତାର ସହ ପାଟ୍ରୋଲିଂ କରୁଥିଲେ । ସେତେବେଳକୁ ରାତି ପ୍ରାୟ ଦଶଟା ହେବ । ଥଣ୍ଡା ପବନ ବହୁଥିଲା ଏବଂ ହାଲୁକା ବର୍ଷା ଯୋଗୁ ରାସ୍ତା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା ।

ଏହି ସମୟରେ ପୋଲିସ ଅଫିସର୍ ଜଣକ ଦେଖିଲେ, ଗୋଟିଏ ବନ୍ଦ ଥିବା ଦୋକାନ ଦୁଆରେ ଜଣେ ଲୋକ ଅନ୍ଧାରରେ ସିଗାରେଟ୍ ଜଳାଇ ଛିଡ଼ା ହୋଇଛି । ଅଫିସର୍ ଜଣକ ତାଙ୍କ ଆଡ଼କୁ ଆଗେଇଲେ । ପୋଲିସକୁ ଦେଖି ସେହି ବ୍ୟକ୍ତି ଜଣକ ତରବର ହୋଇ କହିଲେ, 'ଅଫିସର୍, ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ଏଠାରେ ଜଣେ ପୁରୁଣା ବନ୍ଧୁଙ୍କୁ ଅପେକ୍ଷା କରିଛି । ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଦୁହେଁ ଏହି ଜାଗାରେ ଏକାଠି ବସି ପ୍ରତିଜ୍ଞା କରିଥିଲୁ ଯେ, ଜୀବନରେ ଆମେ ଯେଉଁଠି ଥାଉନା କାହିଁକି, ଆଜିର ଦିନରେ ଏବଂ ଠିକ୍ ଏହି ସମୟରେ ଏଠାରେ ପରସ୍ପରକୁ ଭେଟିବୁ ।"

ଲୋକଟି ତାଙ୍କ ସିଗାରେଟ୍ ନିଆଁ ଆଲୁଅରେ ପୋଲିସକୁ ତାଙ୍କ ଘଣ୍ଟା ଦେଖାଇଲେ । ତାଙ୍କ କଥା ଶୁଣି ପୋଲିସ ଅଫିସର୍ ଜଣକ ଆଗ୍ରହର ସହ ପଚାରିଲେ, "ବେଶ୍ କୌତୁହଳପୂର୍ଣ୍ଣ କଥା! ତେବେ ସେଇ ବନ୍ଧୁ ଜଣକ କିଏ?"

ବ୍ୟକ୍ତି ଜଣକ କହିଲେ, "ତାଙ୍କ ନାଁ ଜିମି ୱେଲ୍ସ । ସେ ମୋ ପିଲାଦିନର ସବୁଠୁ ବିଶ୍ୱସ୍ତ ବନ୍ଧୁ ଥିଲା । ସେଦିନ ଏହି ଜାଗାରେ ଗୋଟିଏ ହୋଟେଲ ଥିଲା, ଯେଉଁଠି ଆମେ ଶେଷ ଥର ପାଇଁ ଏକାଠି ଖାଇଥିଲୁ । ମୁଁ ଭାଗ୍ୟ ଅନ୍ୱେଷଣରେ ପଶ୍ଚିମ ପ୍ରାନ୍ତକୁ ଚାଲିଗଲି ଏବଂ ଜିମି ଏହି ନ୍ୟୁୟର୍କ ସହରରେ ରହିଗଲା । ଆମେ ଭାବିଥିଲୁ କୋଡ଼ିଏ ବର୍ଷ ମଧ୍ୟରେ ଆମେ ଜୀବନରେ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିବୁ ।"

ପୋଲିସ ଅଫିସର୍ ଜଣକ ଲୋକଟିର ଚେହେରାକୁ ଭଲ ଭାବେ ଚାହିଁଲେ । ତାଙ୍କ ଆଖି କୋଣରେ ଏକ ଛୋଟ କ୍ଷତ ଚିହ୍ନ ଥିଲା ଏବଂ ସେ ପିନ୍ଧିଥିବା କୋଟ୍‌ରେ ଏକ ଦାମୀ ହୀରାର ପିନ୍ ଲାଗିଥିଲା । ସେ ପଶ୍ଚିମ ପ୍ରାନ୍ତରେ ଖୁବ୍ ଧନୀ ହୋଇଯାଇଥିବା ଭଳି ଜଣାପଡୁଥିଲେ ।

ଅଫିସର୍ ପଚାରିଲେ, "ତୁମ ବନ୍ଧୁ ଜିମି ଏପର୍ଯ୍ୟନ୍ତ ଆସିନାହାନ୍ତି, ତୁମେ ଆଉ କେତେ ସମୟ ଅପେକ୍ଷା କରିବ?"

ଲୋକଜଣକ ହସି କହିଲେ, "ଅତି କମ୍‌ରେ ମୁଁ ଆଉ ଅଧ ଘଣ୍ଟା ଅପେକ୍ଷା କରିବି । ମୋର ବିଶ୍ୱାସ ଅଛି ଜିମି ଯଦି ଜୀବିତ ଥିବ, ତା'ହେଲେ ସେ ନିଶ୍ଚୟ ଆସିବ ।"

"ଠିକ୍ ଅଛି, ମୁଁ ମୋ' ଡ୍ୟୁଟିରେ ଯାଉଛି । ଆଶା କରେ ଆପଣଙ୍କ ବନ୍ଧୁ ଶୀଘ୍ର ଆସିବେ ।" ଏହା କହି ପୋଲିସ ଅଫିସର୍ ଜଣକ ସେଠାରୁ ଚାଲିଗଲେ ।

ଠିକ୍ କୋଡ଼ିଏ ମିନିଟ୍ ପରେ ଓଭରକୋଟ୍ ପିନ୍ଧିଥିବା ଜଣେ ଟିକେ ମୋଟା ଲୋକ ଦ୍ରୁତ ଗତିରେ ସେହି ଅନ୍ଧାରୁଆ ଦୋକାନ ଆଡ଼କୁ ଆସିଲା । ସେଇ ଲୋକଟି ପାଖକୁ ଆସି ପଚାରିଲା, "ତୁମେ ବବ୍ ନା?"

ସେଇ ପ୍ରଥମ ଲୋକଟି ଆନନ୍ଦରେ ଚିତ୍କାର କରି କହିଲେ, "ଜିମି! ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ ।"

ଦୁଇ ବନ୍ଧୁ ହାତ ମିଳାଇଲେ ଏବଂ ଭାବବିହ୍ୱଳ ହୋଇ କଥା ହେବାକୁ ଲାଗିଲେ । ବବ୍ ପଶ୍ଚିମରେ କେମିତି ସଫଳତା ପାଇଲା, ସେଇ ବିଷୟରେ ବଡ଼ ବଡ଼ କଥା କହିବାକୁ ଲାଗିଲା । ସେମାନେ କଥା ହେଇ ହେଇ ଆଗକୁ ବଢ଼ିଲେ । ରାସ୍ତାର ମୋଡ଼ରେ ଥିବା ଏକ ମେଡିସିନ୍ ଦୋକାନର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ଉପରେ ପଡ଼ିଲା ।

ହଠାତ୍ ବବ୍ ଅଟକିଗଲା ଏବଂ ନିଜ ହାତ ଛଡ଼ାଇ ନେଇ କହିଲା, 'ତୁ ଜିମି ନୁହେଁ! କୋଡ଼ିଏ ବର୍ଷରେ ଜଣକର ଉଚ୍ଚତା ବଢ଼ିପାରେ, ହେଲେ ନାକର ଗଢ଼ଣ ବଦଳି ଯାଇପାରେନା ।"

ସେହି ଦ୍ୱିତୀୟ ବ୍ୟକ୍ତି ଜଣକ ଗମ୍ଭୀର ସ୍ୱରରେ କହିଲେ, "କିନ୍ତୁ କୋଡ଼ିଏ ବର୍ଷରେ ଜଣେ ଭଲ ମଣିଷ ଅପରାଧୀ ହୋଇପାରେ, ବବ୍ । ତୁମେ ଚିକାଗୋ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ । ତୁମକୁ ଗିରଫ କରୁଛି । ଷ୍ଟେସନ ଯିବା ପୂର୍ବରୁ, ମୋ ପାଖରେ ତୁମ ପାଇଁ ଗୋଟିଏ ଛୋଟ ଚିଠି ଅଛି, ଏହାକୁ ପଢ଼ିନିଅ ।"

ବବ୍ କମ୍ପିତ ହାତରେ ସେଇ କାଗଜଟିକୁ ଖୋଲିଲା । ସେଥିରେ ଲେଖାଥିଲା : "ପ୍ରିୟ ବବ୍, ମୁଁ ଠିକ୍ ସମୟରେ ଆମର ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲି । କିନ୍ତୁ ଯେତେବେଳେ ତୁମେ ସିଗାରେଟ୍ ଜଳାଇଲ, ମୁଁ ଦେଖିଲି ତୁମେ ହେଉଛ ଚିକାଗୋ ପୋଲିସ ଖୋଜୁଥିବା ସେହି ପଳାତକ ଅପରାଧୀ । ମୋର ପିଲାଦିନର ବନ୍ଧୁକୁ ମୁଁ ନିଜ ହାତରେ ଗିରଫ କରିପାରିଲି ନାହିଁ, ତେଣୁ ମୁଁ ଚାଲିଗଲି ଏବଂ ଏହି ସାଧାରଣ ପୋଷାକଧାରୀ ଅଫିସର୍‌ଙ୍କୁ ତୁମ ପାଖକୁ ପଠାଇଲି...ତୁମର ପୁରୁଣା ବନ୍ଧୁ, ଜିମି ।"

ଇବ୍ ଆଖିରେ ଲୁହ ଜକେଇ ଆସିଲା । କର୍ତ୍ତବ୍ୟ ଆଗରେ ବନ୍ଧୁତ୍ୱ ହାରି ଯାଇଥିଲା, କିନ୍ତୁ ଜଣେ ବନ୍ଧୁ ଭାବେ ଜିମି ନିଜର ପ୍ରତିଶ୍ରୁତି ମଧ୍ୟ ରଖିଥିଲା । ■

ଶ୍ରାବଣୀ ରେସିଡେନ୍ସୀ
୧୧୪୪, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ: ୯୪୩୯୭୫୦୩୭୮

# ଏଇ ଅନ୍ଧାର ଓ ଆଲୁଅର ତନ୍ମୟତା



ମୂଳ ଅସମୀୟା : ସମୀର ତାନ୍ତି

ଅନୁବାଦ : ଶୈଳବାଳା ମହାପାତ୍ର

ସେଇ ଆବରଣ ହୀନ ଦିନମାନଙ୍କ ପଛପଟୁ
କାହାର ଏ ନରମ ଡାକ ?

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ !

କ'ଣ ଏମିତି ନିମିଷକରେ
ଶେଷ କରିଦିଏ
କାଠଛତୁର ବିନତି

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର

ସଂଗୀତ ହୀନ ଆକାଶ
ଟୋପେ ଟୋପେ କରି
ମାଟିରୁ ଶୋଷି ନିଏ
ହଳଦୀ ରଙ୍ଗ

ଧୀରେ ଧୀରେ ମୋ ଭିତରକୁ ପଶିଆସେ
ନୀଳ - ନିଃଶବ୍ଦ ଧୂଆଁ

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର !! ■



# ଚଢ଼େଇମାନେ ପଚାରିଲେ

ଚଢ଼େଇମାନେ ପଚାରିଲେ :
ଯିବ ନା
ଯିବ ନା ତୁମେ !
ଫଳଟିଏ ପାଚି
ତୁମକୁ ଚାହିଁ ରହିଛି !

ପାଗଳ ପବନ
କାହାକୁ ଖୋଜି କୋଉଠିକୁ ଯାଏ !
ନିଜେ ଇ ଜାଣେନା ।

ଫଳଟିଏ ପାଚି
ତୁମକୁ ଚାହିଁ ରହିଛି

ଯିବ ନା
ଯିବ ନା ତୁମେ !?

ବହୁଦୂର ଛୋଟ ନଇଟିରେ
ମାଛମାନେ ଆନନ୍ଦରେ ଖେଳୁଛନ୍ତି

ଖିଆଲି ଖରା
କୁଆଡ଼େ ଚାହିଁ କ'ଣ ଯେ ଭାବେ !
ନିଜେ ଇ ଜାଣେନା

ଦୂର ନଇଟିରେ ମାଛମାନେ
ଆନନ୍ଦରେ ଖେଳୁଛନ୍ତି

କହ !
ଯିବ ନା
ଯିବ ନା ତୁମେ
ଶୋକ ସନ୍ଧ୍ୟା
ନିଜକୁ ପାଶୋରି !! ■

ପୁରୀ
ମୋ: ୭୦୦୮୫୮୭୫୦୧


# ଇଂରାଜୀ ସାହିତ୍ୟରେ ମାନବେତର ଚରିତ୍ର



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ପଶୁ ଓ ମଣିଷର ସଂପର୍କ କେବଳ ସହାବସ୍ଥାନର କାହାଣୀ ନୁହେଁ । ଏହା ହେଉଛି ପ୍ରେମ, ଭରସା, ନିଷ୍ଠା ଓ ନୈତିକତାର ଅନନ୍ୟ ବନ୍ଧନ । ଯେତେବେଳେ ନିଜର ସ୍ୱାର୍ଥ, ଲୋଭ ଓ ଅହଂକାରରେ ବଶୀଭୂତ ହୁଏ ମଣିଷ, ସେତେବେଳେ ସରଳତା, ନିଷ୍କପଟତା ଓ ଆତ୍ମତ୍ୟାଗର ପ୍ରତୀକ ହୋଇ ଉଭା ହୋଇଥାନ୍ତି ପଶୁମାନେ । ତେଣୁ ଅନେକ ସମୟରେ ମଣିଷଠାରେ ପଶୁ ପ୍ରବୃତ୍ତି ଦେଖାଦେଉଥିବା ବେଳେ ପଶୁର ମଣିଷପଣିଆ ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ । ଏହି ନୈତିକତାର ଦ୍ୱନ୍ଦ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ । ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟରେ ମାନବେତର ଜୀବଙ୍କ ଚିତ୍ର ଓ ଚରିତ୍ର ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟରେ ମଧ୍ୟ ମାନବେତର ଜୀବଙ୍କୁ ନେଇ ମାର୍ମିକ ସାହିତ୍ୟ ସୃଷ୍ଟି ହୋଇଛି । ସେହିପରି ଇଂରାଜୀ ସାହିତ୍ୟରେ ମାନବେତର ଜୀବଙ୍କୁ ନେଇ ଅନେକ ଚମତ୍କାର କବିତା, ଗପ, ଉପନ୍ୟାସ ରଚନା କରାଯାଇଛି ।

ପଶୁ ଚରିତ୍ର ମାଧ୍ୟମରେ ମଣିଷକୁ ନୀତି, ସାମାଜିକ ମୂଲ୍ୟବୋଧ ଓ ଜୀବନ ଶିକ୍ଷା ଦେବାର ପରମ୍ପରା ବିଶ୍ୱ ସାହିତ୍ୟରେ ଅତ୍ୟନ୍ତ ପ୍ରାଚୀନ ଅଟେ । ରାମାୟଣରେ ଜଟାୟୁଙ୍କ ତ୍ୟାଗ, ହନୁମାନଙ୍କ ଅତୁଳନୀୟ ଭକ୍ତି, ଜଙ୍ଗଲରେ ସୀତା ଶବରୀ ଆଦିଙ୍କୁ ପଶୁ-ପକ୍ଷୀଙ୍କ ସମବେଦନା ମଣିଷକୁ ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ଶିକ୍ଷା ଦେଇଥାଏ । ଭାରତୀୟ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ଆଦି ମଣିଷ ହୃଦୟରେ ବିବର୍ତ୍ତନ ଆଣିଥାଏ । ଇଂରାଜୀ ସାହିତ୍ୟରେ ଏହି ପ୍ରତିଫଳନ ସାରା ବିଶ୍ୱକୁ ଆନ୍ଦୋଳିତ କରିଛି । ରୁଡୟାର୍ଡ କିପଲିଙ୍ଗଙ୍କ 'ଦି ଜଙ୍ଗଲ ବୁକ୍'ରେ ଜଙ୍ଗଲର ପଶୁମାନେ ମଣିଷଠାରୁ ଅଧିକ ନୈତିକତା, ଶୃଙ୍ଖଳା ଓ ସହଯୋଗିତା ଦେଖାଇଥାନ୍ତି । ଇଂରାଜୀ ଲେଖକ ଓସ୍କାର ୱାଇଲଡଙ୍କ ବହୁ ଚର୍ଚ୍ଚିତ ଗପ ହେଉଛି 'ଦି ନାଇଟିଙ୍ଗେଲ୍ ଏଣ୍ଡ ଦି ରୋଜ୍' । ପ୍ରେମିକାକୁ ଲାଲ ଗୋଲାପ ଦେବା ପାଇଁ ଅସମର୍ଥ ହୋଇ ଯୁବଛାତ୍ର ଭାଙ୍ଗି ପଡ଼ିଛି । କେବଳ ପ୍ରେମର ରକ୍ଷା ପାଇଁ ବୁଲବୁଲ ପକ୍ଷୀ ଗୋଲାପ କଣ୍ଟାରେ ନିଜ ଛାତିର ରକ୍ତ ବୁହାଇ ଶୀତ ଦିନର ଧଳା ଗୋଲାପକୁ ଲାଲ କରିଛି । ଗଛତଳେ ପଡ଼ିଥିବା ବୁଲବୁଲର ମୃତଦେହକୁ ଦୃଷ୍ଟି ମଧ୍ୟ ନ ଦେଇ ଯୁବକ ଲାଲ ଗୋଲାପ ନେଇ ପ୍ରେମିକା ପାଖରେ ପହଞ୍ଚିବା ପରେ ପ୍ରେମିକା ଫୁଲଠାରୁ ରତ୍ନର ମୂଲ୍ୟ ଅଧିକ ବୋଲି ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି । ଏଠାରେ ପକ୍ଷୀର ତ୍ୟାଗ ମଣିଷର ସ୍ୱାର୍ଥପରତାଠାରୁ କେତେ ମହାନ, ଏହି କଥାବସ୍ତୁକୁ ମାର୍ମିକ ଭାବରେ ଲେଖକ ଚିତ୍ରିତ କରିଛନ୍ତି ।




ଜର୍ଜ ଓରୱେଲ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନିମଲ୍ ଫାର୍ମ'ରେ ପଶୁମାନେ ମଣିଷ ମାଲିକଙ୍କ ବିରୁଦ୍ଧରେ ବିଦ୍ରୋହ କରି ସମାନତା ଭିତ୍ତିକ ସମାଜ ଗଢ଼ିବାକୁ ଚାହିଁଛନ୍ତି । କିନ୍ତୁ କ୍ଷମତା ପାଇବା ପରେ ପଶୁ ମାଲିକ ଅଧିକ କ୍ଷମତା ଉପଭୋଗ କରିଛି । ସମାନତା ନାମରେ ସୃଷ୍ଟି ହୋଇଥିବା ଅସମାନତା ଓ ଶୋଷଣ ଯୋଗୁଁ ପଶୁମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି । ତେଣୁ ଏହା କେବଳ ପଶୁମାନଙ୍କ କାହାଣୀ ନୁହେଁ, ଏହା ଏକ ଗଭୀର ରାଜନୈତିକ ରୂପକ । କ୍ଷମତାର ଦୁରୁପଯୋଗ କରୁଥିବା ମଣିଷ ହୃଦୟରେ କିଭଳି ଭାବରେ ପଶୁ ପ୍ରବୃତ୍ତି ଜାଗ୍ରତ ହୋଇଥାଏ, ଏଭଳି ପ୍ରତୀକଧର୍ମୀ ବାର୍ତ୍ତା ଉପନ୍ୟାସର ଅସଲ ଦିଗ ଅଟେ । ଗୋପ ରଞ୍ଜନ ମିଶ୍ରଙ୍କ କବିତା 'ଫିସିଂ' ସରଳ କିନ୍ତୁ ଏହାର ଗଭୀର ଅର୍ଥ ରହିଛି । ଘରେ ମାଛ ତରକାରୀର ଦୃଢ଼ ପ୍ରତିଶ୍ରୁତି ଦେଇ ମାଛ ଧରିବାକୁ ଯାଇଥିବା କବିତାର ଲେଖକ ବହୁ ସମୟ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ବହୁ କଷ୍ଟରେ ଗୋଟିଏ ବଡ଼ ମାଛ ଧରିଛନ୍ତି । ସେ ଅତ୍ୟଧିକ ଖୁସି ଅନୁଭବ କରିଛନ୍ତି । କିନ୍ତୁ ଛଟପଟ ମାଛର ଓଠ ଓ ଆଖିରୁ ବଞ୍ଚିବାର ବ୍ୟାକୁଳତା ଅନୁଭବ କରିଛନ୍ତି । ସତେ ଯେମିତି ମୁକ୍ତ କରି ପୁଣି ପାଣିରେ ଛାଡ଼ି ଦେବାର ଆକୁଳ ନିବେଦନ କରୁଛି ଅସହାୟ ମାଛ । ମାଛଧରାଳିଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଛି । ମାଛକୁ ଛାଡ଼ି ଦେଇ ଖାଲି ହାତରେ ଫେରୁଥିବା ଲେଖକ ପୂର୍ବାପେକ୍ଷା ଅଧିକ ଖୁସି ଅନୁଭବ କରିଛନ୍ତି । ପଶୁର ନିରବ ବେଦନା ମଣିଷର ବିବେକକୁ ଜାଗ୍ରତ କରିଛି । ମଣିଷ ତା'ର ଶକ୍ତି ଦ୍ୱରା ନୁହେଁ, ଦୁର୍ବଳ ଓ ନିର୍ବାକ ପ୍ରାଣୀମାନଙ୍କ ପ୍ରତି ତା'ର ବ୍ୟବହାର ଦ୍ୱରା ମହାନ ହୋଇଥାଏ ବୋଲି ଆନ୍ନା ସେୱଲ ଘୋଡ଼ାଟିଏର ଆତ୍ମଜୀବନୀ ମୂଳକ ଉପନ୍ୟାସ 'ବ୍ଲାକ୍ ବ୍ୟୁଟି' ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ଚିଡ଼ିଆଖାନାର ଜଞ୍ଜିରରେ ବନ୍ଧା ଜାଗୁଆର ମଧ୍ୟ ସ୍ୱାଭିମାନ ପାଇଁ ସ୍ୱାଧୀନ ଅଟେ ବୋଲି ପ୍ରସିଦ୍ଧ କବି ଟେଡ୍ ହ୍ୟୁଜେସ୍ ତାଙ୍କ 'ଦି ଜାଗୁଆର' କବିତାରେ ଦର୍ଶାଇଛନ୍ତି । ମଣିଷ ସମାଜର ଜଟିଳତା ଓ ମିଥ୍ୟାଚାରରେ ବିରକ୍ତ ହୋଇ ପଶୁମାନଙ୍କ ଗହଣରେ ରହିବାକୁ ଇଚ୍ଛା କରୁଥିବାର କଥା କବି ୱାଲ୍ଟ ହ୍ୱାଇଟମ୍ୟାନ୍ ତାଙ୍କ 'ଆନିମଲ୍' କବିତାରେ କହିଛନ୍ତି ।

ପ୍ରସଙ୍ଗ ପର୍ଯ୍ୟବସିତ ଏକ କାହାଣୀ ଏମିତି ଯେ- ବାଘ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଉପରକୁ ଚଢ଼ିଛି ମଣିଷ । କିନ୍ତୁ ସେହି ମଣିଷକୁ ତଳେ ପକାଇବା ପାଇଁ ଗଛରେ ଆଶ୍ରୟ ନେଇଥିବା ଭାଲୁକୁ ତାଗିଦ କରିଛି ବାଘ । ଅତିଥି ଦେବୋ ଭବଃ ନ୍ୟାୟରେ ଭାଲୁ ମନା କରିଛି । କିଛି ସମୟ ପରେ ଶୋଇଯାଇଥିବା ଭାଲୁକୁ ପକାଇବାକୁ ମଣିଷକୁ ପ୍ରଲୋଭିତ କରିଛି ବାଘ । ମଣିଷ ଭାଲୁକୁ ଠେଲିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ଗଛ ଡାଳରେ ଲାଖି ରହି କହିଛି- "ଯେଉଁଠି ମଣିଷ ଥାଆନ୍ତି, ସେଠି ଆମ ପଶୁମାନଙ୍କୁ ସହଜରେ ନିଦ ହୁଏ ନାହିଁ ।" ତେଣୁ ଏଭଳି ସ୍ଥିତିରେ ଆଜିର ମଣିଷ ସମାଜ ।

ପଶୁମାନଙ୍କ କାହାଣୀ ମଣିଷର କାହାଣୀ ଅଟେ । ସେମାନଙ୍କ ଆଚରଣରେ ମଣିଷ ନିଜ ଗୁଣ, ଦୋଷ ଓ କର୍ତ୍ତବ୍ୟକୁ ଚିହ୍ନିବା ଶିଖିଥାଏ । ପଶୁ ଓ ମଣିଷର ସଂପର୍କ ସାହିତ୍ୟରେ ସ୍ନେହ, ବିଶ୍ୱାସ, ତ୍ୟାଗ ଓ କରୁଣାର ଚିରନ୍ତନ ସେତୁ । ଏହା ମଣିଷକୁ ଅଧିକ ମଣିଷ କରିବା ପାଇଁ ତ୍ୱରାନ୍ୱିତ କରିଥାଏ । ଆଜିର ସମାଜରେ ପରିବେଶ ଧ୍ୱଂସ, ପଶୁ ନିର୍ଯାତନା, ଯୁଦ୍ଧ, ହିଂସା ଓ ସ୍ୱାର୍ଥପରତା ବୃଦ୍ଧି ପାଉଥିବା ବେଳେ ନୈତିକତା ବୃଦ୍ଧି ପାଇଁ ଏଭଳି ସାହିତ୍ୟର ପ୍ରାସଙ୍ଗିକତା ଅପରିହାର୍ଯ୍ୟ ଅଟେ । ଯେହେତୁ ପଶୁମାନେ ଅନେକ ସମୟରେ ମଣିଷର ହୃଦୟରେ ଲୁଚିଥିବା ମାନବିକତାକୁ ଜାଗ୍ରତ କରିଥାନ୍ତି । ସେଥିପାଇଁ ସାହିତ୍ୟରେ ମାନବେତର ଜୀବ କେବଳ ଚରିତ୍ର ନୁହେଁ, ସେମାନେ ମଣିଷର ନୈତିକ ବିକାଶର ସହଯାତ୍ରୀ । ■

ତାଳପଦର, ବରଗଡ଼
ମୋ: ୯୯୩୮୨୭୭୭୩୫

## ପୁସ୍ତକ ପରିଚୟ

### ଖୋଳପା

ଗଂଗାଧର ବିଶ୍ୱାଳ





ଅଲଟ୍ରା ଇମ୍ପ୍ରେସନ୍
ସୂତାହାଟ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୪ ଟଙ୍କା

ଅନେକ ମଣିଷ ଏକ ଖୋଳପା ଭିତରେ ଜୀବନ ବଞ୍ଚନ୍ତି । ସେମାନେ ବାହାରକୁ ଦେଖିବାକୁ ଯେମିତି ଭିତରେ ସେମିତି ନୁହଁନ୍ତି । ଏଭଳି ଏକ ଚିରନ୍ତନ ସତ୍ୟକୁ ନେଇ ଗଂଗାଧର ବିଶ୍ୱାଳଙ୍କ 'ଖୋଳପା' ଉପନ୍ୟାସ ରଚିତ । ଅସ୍‌ଗର୍ ଅଲ୍ଲୀରୁ ବିନୋଦ ପାଲଟିଥିବା ଜଣେ ମୁସଲମାନ ଯୁବକର ପ୍ରେମ, ବିଶ୍ୱାସ ଓ ପ୍ରତାରଣାକୁ ନେଇ ଏହି ଉପନ୍ୟାସର କାହାଣୀ ଆଧାରିତ । ପ୍ରଥମେ ବିନୋଦ ନିଜର ଅସଲ ପରିଚୟ, ଜାତି ଓ ନାଁ ବଦଳାଇ ବିନୀତା ବା ବିନି ନାମ୍ନୀ ଜଣେ ଛାତ୍ରୀ ଓ ତା'ର ମା' ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି । ପରବର୍ତ୍ତୀ ସମୟରେ ସେମାନଙ୍କର ଅସହାୟତାର ସୁଯୋଗ ନେଇ ସହଯୋଗର ହାତ ବଢ଼ାଇଛି । ତେବେ ଶେଷରେ ସେମାନଙ୍କର ବିଶ୍ୱାସରେ ବିଷ ଦେଇଛି । ବିନି ଓ ବିନୋଦ ପରସ୍ପରକୁ ପ୍ରେମ କରି ଘରୁ ପଳାଇ ଯାଇଛନ୍ତି । ପ୍ରେମ, ବିଶ୍ୱାସ ଓ ପ୍ରତାରଣାର ଏକ ମନଛୁଆଁ ଉପନ୍ୟାସ 'ଖୋଳପା' । ଏହି ଉପନ୍ୟାସ କାହାଣୀ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଶ୍ରୀଲଙ୍କାରେ ସାତରାତି

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଅନେକ ଲେଖକ ଭ୍ରମଣ ପ୍ରିୟ ଥାଆନ୍ତି । ବିଭିନ୍ନ ଦେଶ ଭ୍ରମଣ କରି ପରବର୍ତ୍ତୀ ସମୟରେ ସେଇ ଅନୁଭୂତିକୁ ଲେଖି ପୁସ୍ତକାରରେ ପ୍ରକାଶିତ କରିଥାନ୍ତି । ସେଭଳି ଜଣେ ଭ୍ରମଣ ପ୍ରିୟ ଲେଖକ ହେଉଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ । ଡକ୍ଟର ଆଚାର୍ଯ୍ୟଙ୍କ ଶ୍ରୀଲଙ୍କା ଭ୍ରମଣ ଅନୁଭୂତିକୁ ନେଇ ପ୍ରକାଶ ପାଇଛି 'ଶ୍ରୀଲଙ୍କାରେ ସାତରାତି' ପୁସ୍ତକ । ଏହି ପୁସ୍ତକରେ ପାଞ୍ଚୋଟି ଅଧ୍ୟାୟ ରହିଛି । ପ୍ରତିଟି ଅଧ୍ୟାୟରେ ନିଜ ଭ୍ରମଣ ଜିଜ୍ଞାସା, ଅନୁଭୂତି, ଅନୁଭବକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । 'ଭ୍ରମଣ ଜିଜ୍ଞାସା', 'ଶ୍ରୀଲଙ୍କା ସଂପର୍କୀୟ କିଛି ତଥ୍ୟ', 'ଶ୍ରୀଲଙ୍କା ଭ୍ରମଣର ପ୍ରସ୍ତୁତି', 'ଶ୍ରୀଲଙ୍କା ରହଣିକାଳର ସ୍ମୃତି ଅନୁଭୂତି', 'ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନର ଆବେଗାନୁଭବ' ଆଦି ପ୍ରସଙ୍ଗଗୁଡ଼ିକ ମନଛୁଆଁ ହୋଇଛି । ଲେଖକ ଶ୍ରୀଲଙ୍କା ଭ୍ରମଣ ପାଇଁ ପ୍ରସ୍ତୁତିଠାରୁ ଆରମ୍ଭ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ବିରଳ ଅନୁଭୂତି ଲିପିବଦ୍ଧ କରିଛନ୍ତି । ଏହି ପୁସ୍ତକରେ କେବଳ ଭ୍ରମଣ ଅନୁଭୂତି ନୁହେଁ, ଶ୍ରୀଲଙ୍କାର ଇତିହାସ, ଭୌଗୋଳିକ ସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ଦର୍ଶନୀୟ ସ୍ଥାନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ■

### ଫୁଲ ହୋଇ ଫୁଟିବି

କୁମୁଦିନୀ ଘି




ନୂଆପଡ଼ା, ହିଂଜିଳିବାହାଲି
କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ମା' ଗୋ ଇଷ୍ଟଦେବୀ ଲଙ୍କେଶ୍ୱରୀ ମା'ଗୋ/ ମୋ ଦେଶ ମୋ ଗାଁ ଘଣ୍ଟ ଘୋଡ଼େଇ ଥା' ଗୋ/ ଡାକୁଚି ଆକୁଳ ମନେ/ ଦରଶନ ଦେବୁ ମାଗୋ ବିପଦେ ବିଜନେ ।" (ମା' ଗୋ ଲଙ୍କେଶ୍ୱରୀ) ଦେଶକୁ, ମଣିଷ ସମାଜକୁ ସର୍ବଦା ବିପଦରୁ ଉଦ୍ଧାର କରିବା ନିମନ୍ତେ ଇଷ୍ଟ ଦେବୀଙ୍କଠାରେ ପ୍ରାର୍ଥନା କରେ ଅଷ୍ଟମ ଶ୍ରେଣୀର କୁନି ଝିଅଟିଏ । ଏଭଳି ଅନେକ ଭକ୍ତିରସାଶ୍ରିତ କବିତା ସଂକଳିତ ହୋଇଛି କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' ପୁସ୍ତକରେ । ଏହି ପୁସ୍ତକର 'ହେ କରୁଣା ସାଗର', 'ଜୟ ମା' ମାଣିକେଶ୍ୱରୀ', 'ମା' ଗୋ ଲଙ୍କେଶ୍ୱରୀ', 'ହେ ଗଜାନନ ବିଘ୍ନ ବିନାଶନ', 'ସରସ୍ୱତୀ ବନ୍ଦନା', 'ଅଗଷ୍ଟ ପନ୍ଦର', 'ପ୍ରକୃତି ପ୍ରେମରେ', 'ଗାଁରେ ସକାଳ', 'ପରିବେଶ ସୁରକ୍ଷା', ନୂଆଁଖାଇ, 'ଦୀପାବଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଇଷ୍ଟ ଦେବଦେବୀଙ୍କ ପ୍ରତି ଭକ୍ତି ଭାବନା, ଦେଶପ୍ରୀତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ବପର୍ବାଣି, ମଣିଷ ଜୀବନର ସୁଖଦୁଃଖକୁ ନେଇ ରଚିତ କବିତାଗୁଡ଼ିକ ଆକର୍ଷଣୀୟ ହୋଇଛି । କବିତାଗୁଡ଼ିକର ଭାବ, ଭାଷା, ଶବ୍ଦ ବିନ୍ୟାସ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ଏସ୍‌ସିବିରୁ ରୋଗୀ ନିଖୋଜ

କଟକ,୨୭ ।୬(ସମିସ): ଏସ୍‌ସିବି ମେଡିକାଲର ସୁପରସ୍ପେସାଲିଟି ବହିର୍ବିଭାଗରୁ ଜଣେ ରୋଗୀ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ପତ୍ନୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି । ନିଖୋଜ ରୋଗୀ ଜଣକ ହେଉଛନ୍ତି, ବାରିପଦା ଅଞ୍ଚଳର ଚନ୍ଦ୍ରକାନ୍ତ ମହାନ୍ତି(୫୬) । ଗତ ୨୩ ତାରିଖରେ ନେଫ୍ରୋଲୋଜି ବିଭାଗର

## ପତ୍ନୀଙ୍କ ଏତଲାରେ ପୁଲିସ ତଦନ୍ତ ଆରମ୍ଭ

ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବା ବେଳେ ଉକ୍ତ ବିଭାଗ ବହିର୍ବିଭାଗରେ ଅପେକ୍ଷା କରିଥିଲେ । କିଛି ସମୟ ଡାକ୍ତରଙ୍କୁ ଅପେକ୍ଷା କରି ବସି ରହିବା ପରେ ସେଠାରୁ କେଉଁ ଆଡେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ଏନେଇ ତାଙ୍କ ପତ୍ନୀ ସ୍ମୃତିସ୍ନିଗ୍ଧା ସାହୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସୂଚନା ମୁତାବକ, ଚନ୍ଦ୍ରକାନ୍ତଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ଗତ ୧୯ ତାରିଖରେ ଏସ୍‌ସିବି ମାନସିକ ବିଭାଗରେ ଭର୍ତ୍ତି ହୋଇଥିଲେ । ସେଠାକାର ଡାକ୍ତର ତାଙ୍କର କିଡ଼ନୀଜନିତ ସମସ୍ୟା ଥିବା ଆଶଙ୍କା କରି ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ । ଏହାପରେ ଚନ୍ଦ୍ରକାନ୍ତଙ୍କୁ ତାଙ୍କ ପତ୍ନୀ ନେଫ୍ରୋଲୋଜିବିଭାଗର ବହିର୍ବିଭାଗକୁ ଆଣିଥିଲେ । ତାଙ୍କୁ ଭୋକ କରୁଥିବା ସେ କହିବାରୁ ପତ୍ନୀ କହିଥିଲେ ଯେ ପ୍ରଥମେ ଡାକ୍ତର ଚେକଅପ୍ କରି ଦିଅନ୍ତୁ, ତା'ପରେ ଖାଇବ । ଡାକ୍ତର ଦେଖି ସାରିବା ପରେ ପତ୍ନୀ ଖାଇବା ଆଣିବାକୁ ମେଡିକାଲ୍ ବାହାରକୁ ଯାଇଥିଲେ । ଏହାରି ଭିତରେ ଚନ୍ଦ୍ରକାନ୍ତ କେଉଁ ଆଡେ ପଳାଇଥିଲେ । ପତ୍ନୀ ଆସି ସେଠାରେ ଖୋଜିବା ପରେ ତାଙ୍କୁ ପାଇ ନଥିଲେ । ଶେଷରେ ଥାନାରେ ଏତଲା ଦେଇଥିଲେ । ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଓ ଏସ୍‌ସିବି ପରିସର ସିସି କ୍ୟାମେରା ଫୁଟେଜ୍ ଆଣି ଯାଞ୍ଚ କରୁଥିବା ଜଣାପଡ଼ିଛି ।

### କାରଖାନାରେ ଗ୍ୟାସ୍ ଲିକ୍ ଦୁର୍ଘଟଣା

# ତାମିଲନାଡୁରୁ କେନ୍ଦୁଝରର ଫେରିଲେ ୫୮ ଶ୍ରମିକ

କେନ୍ଦୁଝର/ତେଲକୋଇ,୨୭।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୨ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି । ଏହି ଘଟଣାରେ ଏବେବି ଆଉ ଦୁଇଜଣ ଗୁରୁତର ଥିବା ସୂଚନା ରହିଛି । ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶାସନ ଆଜି ଫେରାଇ ଆଣିବାରେ ସଫଳ ହୋଇଥିବା ଜଣାପଡ଼ିଛି ।

ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ୭୦ ଅଧିକ କାମ କରୁଥିଲେ । କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ବରଣ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗ ପ୍ରମୁଖଙ୍କର ମୃତ୍ୟୁ ହୋଇଥିଲା । ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ବେଳେ ପରେ ଦୁଇଜଣ ତେଲକୋଇ ଥାନା ପିତାନାଳୀ ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଳିଆବନ୍ଧ ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ

## ଶବ ହୋଇ ଫେରିଥିଲେ ୧୨, ଏବେ ବି ୨ ଗୁରୁତର

ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ ।

ଇତିମଧ୍ୟରେ ଘରକୁ ଫେରିଥିବା ଲୋକମାନଙ୍କ ମଧ୍ୟରେ ଜିଲ୍ଲାର ବାଂଶପାଳ ବ୍ଲକ ତଳଚମ୍ପେଇ ଗ୍ରାମର ୧ ଜଣ, କୋଡିପସାର ୧୪ ଜଣ, ବରାହଗଡର ୬ ଜଣ, ଗୋନାସୀକାର ୬ ଜଣ, କାଞ୍ଚିପାଣିର ୧ ଜଣ, ଖୁଡିପଶାର ୧ ଜଣ, କୋଡିପଶାର ୨ ଜଣ, ଥିବାବେଳେ ହରିଚନ୍ଦନପୁର ବ୍ଲକର ସୁନାପେଣ୍ଠର ୩ ଜଣ, ବାରେଇଗଡା, ଗୁଡାକମଣ, ହୁଣ୍ଡା, ମୌନଗୋଡ଼ା, ପାଠଗଡା, ପିଠାଗୋଳା, ଟେଣ୍ଟଲାପଶି ଗ୍ରାମର ଜଣେ ଲେଖାଏଁ, ତେଲକୋଇ ବ୍ଲକର ତାଳପଦାରୁ ୧୧ ଜଣ, ବିମଳାରୁ ଜଣେ, ଓରିଆରୁ ଜଣେ, ଶିବନାରାୟଣପୁରଗୋଡ଼ାରୁ ଜଣେ, ତାଳଦାରୁ ଜଣେ ଏବଂ ଘଟଗାଁ ବ୍ଲକର ପାଣ୍ଡପଡାରୁ ୨ ଜଣ ଫେରି ଆସିଥିବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ ଏମାନେ ସମସ୍ତେ ପ୍ରାୟ ମହିଳା ହୋଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବୋଲି ସୂଚନା ମିଳୁଛି । ଏତେ ସଂଖ୍ୟାରେ ମହିଳା ପ୍ରଶାସନର ଅଗୋଚରରେ କିପରି ବାହାରକୁ ଦାଦନ ଖଟିବାକୁ ଗଲେ ତାହା ତଦନ୍ତସାପେକ୍ଷ ହୋଇଛି । ବାଂଶପାଳ, ହରିଚନ୍ଦନପୁର, ତେଲକୋଇ, ଘଟଗାଁ ଏବଂ ସଦର ବ୍ଲକ ଦାୟିତ୍ୱରେ ଥିବା ଶ୍ରମ ନିରୀକ୍ଷକ ଏହାକୁ ଜାଣି ପାରିଲେ ନାହିଁ କିପରି? ତାହା ବଡ଼ ପ୍ରଶ୍ନ ହୋଇ ରହିଛି । ଏହି ଅଧିକାରୀଙ୍କର ଅବହେଳା ପାଇଁ ତାମିଲନାଡୁର ତିରୁଭଲୁର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନରେ ଆମୋନିଆ ଗ୍ୟାସ ଲିକ ଦୁର୍ଘଟଣା ଫଳରେ ୧୧ ଜଣ ମହିଳାଙ୍କ ଅକାଳରେ ଜୀବନ ଯାଇସାରିଲାଣି । ସେମାନଙ୍କର ପରିବାରରେ ଏଭଳି କ୍ଷତି ଭରଣା ଅସମ୍ଭବ ଥିବାବେଳେ ଦୋଷୀ ଅଧିକାରୀଙ୍କ ବିରୋଧରେ ସରକାର ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ଦେଖିବାକୁ ରହିଲା ।


**REQUIREMENT**

Civil Engg. Diploma / Degree Required Experience-10yrs in building construction. Site-Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.

**Contact No.: 9547756937**
**Mr. Santu Mondol**

**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍ ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ସୋମ୍ୟା ସରିତା ପତି, ସ୍ୱାମୀ - ଶୁଭକାନ୍ତି ପତି, ଗ୍ରାମ - ଆଚାର୍ଯ୍ୟନଗର, ଜଗନ୍ନାଥପୁର, ଥାନା - ଭଦ୍ରକ, ଜିଲ୍ଲା- ଭଦ୍ରକ, ଓଡ଼ିଶା ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୨୩୧୯୦୪୧୨୫, ତା ୧୬.୧୦.୨୦୧୯, ପଟ୍ଟା ନଂ. ୧୩୪୫/୩୬୦୨ ମୁଁ ତା ୧୫.୧୦.୨୦୨୫ ରିଖରେ ଜଗନ୍ନାଥପୁରରେ ଥିବା ସମୟରେ କେଉଁଠାରେ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନମ୍ବର - ୯୧୨୪୦୦୮୨୯୯ (ରଶ୍ମିରଞ୍ଜନ ପାଣିଗ୍ରାହୀ) ।

**AFFIDAVIT**

I, PANKAJINI MOHAPATO, W/O SATYA NARAYAN MOHAPATRO resident of At - Dash Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 2852 Dated 25/06/2026, that now onwards I shall be known as **ANNAPURNA MAHAPATRA** for all future purposes.

**LOST**

ମୁଁ ଅମରେଶ ନାୟକ, ବୟସ ୩୩, ପିତା- ଅରୁଣ ଚରଣ ନାୟକ, ନୂଆ ସାହି, ଗୋଣାଳା ରୋଡ, ପୋଷ୍ଟ-ନୟାବଜାର, ଥାନା-ମଧୁପାଟଣା, ଜିଲ୍ଲା - କଟକ, ବିକ୍ରୟ ଦଲିଲ କ୍ରମାଙ୍କ - 2726, ତା. 31/05/2004, ପ୍ଲଟ ନମ୍ବର - 177/3963, 178/3962, ମୌଜା - ସାର୍ଗଡ, ପୋ -ନୟା ବଜାର, ଜିଲ୍ଲା -କଟକ, ସମ୍ବନ୍ଧିୟ ଦଲିଲ ଟି କେଉଁଠାରେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ଦଲିଲ ଟିକୁ ପାଆନ୍ତି ତେବେ ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ-7205805375.

**AFFIDAVIT**

By virtue of an affidavit sworn before Notary Public Bhubaneswar, S.L. No. 283 on dated 25/06/2026, I **AMEETA SRICHANDAN**, W/o Prasanta Srichandan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my minor Son's name from **JASHPRIT SRICHANDAN (Old Name)** to **ANSUMAN SRICHANDAN (New Name)**. Henceforth, he shall be known as **ANSUMAN SRICHANDAN** for all purposes.
Sd- **AMEETA SRICHANDAN**

**AFFIDAVIT**

By virtue of an affidavit before the Notary Public, Phulbani, Kandhamal, dtd. 24.06.2026, I, Prashant Majhi, At - Sakhipada Po - Sakhipada, Dist- Kandhamal do hereby declare that my minor daughter's name has been changed from "Sukanti Majhi" to "Priyanka Majhi". Henceforth, she shall be known as **"Priyanka Majhi"** for all purposes.
**Prashant Majhi**

**AFFIDAVIT**

By virtue of an affidavit (CF No. 1932, dtd- 22/06/2026) sworn before The Executive Magistrate, Khordha. I, **Shaikh Sajid,** S/o- Shaikh Mahimud, resident of At/Po: Saradhapur, PS: Khordha, Dist: Khordha, Odisha declare that I have changed my name & my father's name from **Mahammad Sajid, S/o Abdul Samad** to **Shaikh Sajid, S/o Shaikh Mahimud** in my Aadhar Card (vide No. 8491 7007 7851). Henceforth, I shall be known as **Shaikh Sajid, S/o Shaikh Mahimud** for all purposes.
**Shaikh Sajid**

**AFFIDAVIT**

I, R Bhagirathy Reddy, aged about 48 years, S/o- Rika Chineya Reddy, resident of At- New Sindhigam (TATA Colony), Badapur, Ps- Gopalpur, Berhampur, Dist- Ganjam, Odisha, Pin- 760007, do hereby declare by this affidavit No. 1307, dtd- 26.06.2026, that now onwards I shall be known as **R BHAGIRATHI REDDY** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିମିଳିପାଳର ଶୋଭା...

ଅଭୟାରଣ୍ୟ ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି । ଏଥିସହିତ ବାଘୁଣୀ ଜିନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଓ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି । ବନ ବିଭାଗ ଅଧିକାରୀ କହିଛନ୍ତି ଯେ କୋର୍ ଜଙ୍ଗଲ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି । ମଣିଷମାନଙ୍କ ଯୋଗୁଁ ଯେପରି କୌଣସି ବାଧା ଉପୁଜିବ ନାହିଁ ଓ ସେମାନଙ୍କ ସୁରକ୍ଷା ନିଶ୍ଚିତ ହେବ, ସେଥିପାଇଁ ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି ।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡ଼ବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଥିଲା । ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି । ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି । ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି ।

### ପୋତି ହୋଇଗଲା...

ସୁଦ୍ଧା ଏହା ବାକି ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବ ବୋଲି ପୂର୍ବାନୁମାନ କରାଯାଇଛି । ତେବେ ଉତ୍ତର ପ୍ରଦେଶରେ ଏହା ନିର୍ଦ୍ଧାରିତ ସମୟଠାରୁ ୮ ଦିନ ବିଳମ୍ବରେ ପହଞ୍ଚିଛି । ବିହାର ସୀମାରେ ପ୍ରାୟ ୧୫ ଦିନ ଧରି ଅଟକି ରହିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଉତ୍ତର ପ୍ରଦେଶରେ ପ୍ରବେଶ କରିବ । ଅନ୍ୟପଟେ ପଞ୍ଜାବରେ ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ଆସିବାର ସମ୍ଭାବନା ରହିଛି । ମୌସୁମୀ ବର୍ଷା ସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିଆଣା, ଦିଲ୍ଲୀ ଏବଂ ଗୁଜରାଟର କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି । ହରିଆଣାର ରୋହତକଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ୪୩.୨ଡିଗ୍ରୀ, ବାନ୍ଦା ଓ ଆଗ୍ରାରେ ୪୩ ଡିଗ୍ରୀ, ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ୪.୧ ଡିଗ୍ରୀ ଏବଂ ଗୁଜରାଟର ଅହମଦାବାଦରେ ୪୧.୭ଡିଗ୍ରୀ ତାପମାତ୍ରା ରହିଛି ।

ଆଗାମୀ ୨ ଦିନରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକିମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗୋଆ, ତେଲଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ନେଇ ଚେତାବନୀ ଦିଆଯାଇଛି । ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କେରଳ, ଗୋଆ, ତାମିଲନାଡୁ ଏବଂ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ । ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଘଣ୍ଟାପ୍ରତି ୩୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି । ଚଳିତ ବର୍ଷ ମୌସୁମୀର ଗତିପଥ ଅସମାନ ରହିଥିବାରୁ ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବାଦଲଫଟା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି । ପାଣିପାଗ ବିଭାଗ ଆଗାମୀ କିଛି ଦିନ ମଧ୍ୟରେ ଅଧିକାଂଶ ରାଜ୍ୟରେ ବର୍ଷା ହେବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ଆଶା ପ୍ରକଟ କରିଛି ।

### ୨ ମାସରେ ଖର୍ଚ୍ଚ...

ରହିଥିଲା । ଝାଡ଼ଖଣ୍ଡର ପୁଞ୍ଜି ବ୍ୟୟ କ୍ଷେତ୍ରରେ ୦.୦୫%ରେ ନେଟ୍-ନେଗେଟିଭ୍ ହାର ହାସଲ କରିଛି । ଅନ୍ୟପକ୍ଷରେ, ତ୍ରିପୁରା ଏହାର ପୁଞ୍ଜି ଆବଣ୍ଟନର କେବଳ ୦.୩୪% ବ୍ୟବହାର କରିଥିବାବେଳେ ମେଘାଳୟ (୧.୫୫%), ଉତ୍ତରାଖଣ୍ଡ (୧.୬୭%) ଏବଂ ମହାରାଷ୍ଟ୍ର (୧.୮୫%) ମଧ୍ୟ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିଲେ । ଏଥିରେ ସବୁଠାରୁ କୌତୂହଳର ବିଷୟ ହେଉଛି, ପୁଞ୍ଜି ବ୍ୟୟ ଦୃଷ୍ଟିରୁ ଦେଶର ତିନି ବୃହତ ରାଜ୍ୟ ଉତ୍ତର ପ୍ରଦେଶ (୨.୯୮%), ତାମିଲନାଡୁ (୩.୯୨%) ଏବଂ କର୍ଣ୍ଣାଟକ (୩.୯୬ %) କରି ପଛରେ ରହିଛନ୍ତି । ସର୍ବବୃହତ ବଜେଟ୍ ଥିବା ରାଜ୍ୟ ଉତ୍ତର ପ୍ରଦେଶ ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୧.୭୮ ଲକ୍ଷ କୋଟି ଟଙ୍କାର ବାର୍ଷିକ ପୁଞ୍ଜି ଖର୍ଚ୍ଚ ଆବଣ୍ଟନର ୩ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛି । ବିଶେଷକରି, ମହାରାଷ୍ଟ୍ର ଏବଂ ଓଡ଼ିଶା ଉଭୟ ଏପ୍ରିଲରେ ନିଟ୍ ନକାରାତ୍ମକ ପୁଞ୍ଜି ଖର୍ଚ୍ଚ ରେକର୍ଡ କରିଥିଲେ । କିନ୍ତୁ ମେ' ମାସରେ ବ୍ୟୟରେ ସକାରାତ୍ମକ ପାଲଟିଛନ୍ତି । ମହାରାଷ୍ଟ୍ର ମେ' ମାସରେ ପ୍ରାୟ ୨,୫୩୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କା ବ୍ୟୟ କରିଛି ।

### ଓଟିଏଏସ୍ ଅଧିକାରୀ...

ତାଙ୍କୁ ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି । ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ । ଏହାପରେ କଟକର ଏକ କଲେଜରେ ଉଭୟ ଯୁକ୍ତ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ । ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ । ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ । ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଏପରିକି ଚନ୍ଦ୍ରିକାଙ୍କୁ ଭୀମସେନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା । ଏହାପରେ ଚନ୍ଦ୍ରିକା କଟକ ତ୍ରିଶୂଳିଆଠାରେ ଆତ୍ମହତ୍ୟା କରିଥିବା ବେଳେ ଝିଅର ମୃତ୍ୟୁ ପାଇଁ ତାଙ୍କ ମାଆ ଭୀମସେନଙ୍କୁ ଦାୟୀ କରିଥିଲେ । ମାନସିକ ନିର୍ଯାତା କାରଣରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ମାଆ ଏତଲାରେ ଉଲ୍ଲେଖ କରିଥିଲେ । ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

### ପୁଣି ଆମେରିକା-ଇରାନ...

ସାମ୍ବାଦିକମାନେ ଯେତେବେଳେ ଟ୍ରମ୍ପଙ୍କୁ ପଚାରିଥିଲେ ଯେ ଆମେରିକା ଏହାର ପ୍ରତିଶୋଧ ନେବ କି? ଟ୍ରମ୍ପ ଉତ୍ତର ଦେଇଥିଲେ, 'ଆପଣମାନେ ଖୁବ୍ ଶୀଘ୍ର ଜାଣିବାକୁ ପାଇବେ ।' ଏହାର କିଛି ସମୟ ପରେ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ପକ୍ଷରୁ ଇରାନ ଭିତରେ ଥିବା କ୍ଷେପଣାସ୍ତ୍ର, ଡ୍ରୋନ ସଂରକ୍ଷଣ ଗୃହ ଏବଂ ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିବା ସୂଚନା ଦିଆଯାଇଥିଲା । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନ ସହିତ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା ଏବଂ ଆମେ ତାହାକୁ ସମ୍ମାନ ଜଣାଇଛୁ । ଯଦି ସେମାନଙ୍କର କୌଣସି ଆପତ୍ତି ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ । କିନ୍ତୁ ମନେରଖିବା ଉଚିତ ଯେ ହିଂସାର ଜବାବ ସର୍ବଦା ହିଂସାରେ ହିଁ ଦିଆଯିବ ।ଅପରପକ୍ଷରେ, ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ଉଦବେଗ ପ୍ରକାଶ କରିଛି । ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆଲୋଚନା ଚାଲିଥିବା ସମୟରେ ଆକ୍ରମଣ କରି ଆମେରିକା ନିଜର ବିଶ୍ୱସନୀୟତା ହରାଇଛି । ଏହି ବେଆଇନ ଆକ୍ରମଣ ପାଇଁ ଆମେରିକାକୁ ଶେଷରେ 'ପଛକୁ ହଟିବାକୁ ହେବ ଏବଂ ଅନୁତାପ କରିବାକୁ ପଡ଼ିବ ।' ଇରାନ ଗଣମାଧ୍ୟମ ଅନୁସାରେ, ଆମେରିକାର ଆକ୍ରମଣରେ ସିରିକ ବନ୍ଦର ନିକଟସ୍ଥ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ ଏହାର ଜବାବରେ ଇରାନ ସେନା ମଧ୍ୟ ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଛି । ଏହି ସାମରିକ ଗତିରୋଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ' ଏବେ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଏବଂ ଗ୍ୟାସ୍ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ । ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ସ୍ଥିତି ଲାଗିରହେ, ତେବେ ସାରା ବିଶ୍ୱରେ ପୁଣି ଇନ୍ଧନ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି । ମିଳିଥିବା ସୂଚନା ଅନୁଯାୟୀ ଇରାନ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଆରବ ସାଗରୀୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଏହି ସାମରିକ ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନାହିଁ, ବରଂ ଏହା ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ । ସୁଇଜରଲ୍ୟାଣ୍ଡରେ ହୋଇଥିବା ଶାନ୍ତି ଚୁକ୍ତି ମାତ୍ର କେଇ ଦିନ ମଧ୍ୟରେ ଭାଙ୍ଗିଯିବା ଦର୍ଶାଉଛି ଯେ ଉଭୟ ଦେଶ ମଧ୍ୟରେ ଅବିଶ୍ୱାସର ପାଚେରୀ କେତେ ଗଭୀର । ଯଦି ଆନ୍ତର୍ଜାତୀୟ ସ୍ତରରେ ଏହି ସଙ୍କଟକୁ ତୁରନ୍ତ ସମାଧାନ କରା ।ନଯାଏ, ତେବେ ଏହା ଏକ ବ୍ୟାପକ ଆଞ୍ଚଳିକ ମହାଯୁଦ୍ଧର ରୂପ ନେଇପାରେ, ଯାହାର ଭୟଙ୍କର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ।

### ବିକଳ୍ପ ଇନ୍ଧନ...

ଜଳ ବ୍ୟବହାରକୁ ୧୦ ହଜାର ଲିଟରରୁ ଅଧିକ କରିଥାଏ । ଏହା ତୁଳନାରେ, ମକା କ୍ଷେତ୍ରରେ ପ୍ରତି ଲିଟର ଇଥାନଲ୍ ପାଇଁ ପ୍ରାୟ ୪୬୭୦ ଲିଟର ଏବଂ ଆଖୁ ପାଇଁ ପ୍ରାୟ ୩୬୩୦ ଲିଟର ପାଣି ଆବଶ୍ୟକ ହୁଏ । ଏହାଛଡା ଇଥାନଲ୍ ମିଲ୍‌ରୁ ନିର୍ଗତ ପ୍ରଚୁର ପରିମାଣର ଭିନାସ୍‌କୁ ଯଦି ସଠିକ୍ ଭାବରେ ବିଶୋଧନ ନ କରାଯାଏ, ତେବେ ପୃଷ୍ଠ ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିପାରେ । ଅପରପକ୍ଷେ ନୀତି ଆୟୋଗର କମ୍ପୋଜିଟ୍ ଜଳ ପରିଚାଳନା ସୂଚକାଙ୍କ (ସିଡବ୍ଲ୍ୟୁଏମ୍ଆଇ) ସତର୍କ କରାଇ ଦେଇଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ସମେତ ୨୧ଟି ପ୍ରମୁଖ ସହରରେ ଭୂତଳ ସ୍ତର ଶୂନ୍ୟରେ ପହଞ୍ଚିପାରେ । ଭାରତର ମୋଟ ଇଥାନଲ୍ ଉତ୍ପାଦନ କ୍ଷମତା ୧୮୨୨ କୋଟି ଲିଟର, ଯାହାର ପୂର୍ବରୁ ଜଳ ସଙ୍କଟ ସହିତ ଜଡ଼ିତ ରାଜ୍ୟଗୁଡ଼ିକର ଏକ ବଡ଼ ଅଂଶ । ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୯୬ କୋଟି ଲିଟର ମିଳିତ କ୍ଷମତା ସହିତ ପ୍ଲାଣ୍ଟ ଅଛି, ଯେତେବେଳେ କି ବିଦର୍ଭ ଏବଂ ମରହଟ୍ଟାୱାଡାର ଚାଷୀମାନେ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି । ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟରେ ଭୂତଳର ସଂରକ୍ଷିତ ଜଳକୁ ବ୍ୟବହାର କରାଯାଉଛି, ଯାହା ଗୁରୁତର ଭାବରେ ହ୍ରାସ ପାଇଥିବା ଘୋଷଣା କରାଯାଇଛି । ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏ ପର୍ଯ୍ୟନ୍ତ ପ୍ରାଥମିକ ଅବସ୍ଥାରେ ଅଛି । କାରଣ ଏଥିରେ ଦେଶ ମୁଖ୍ୟତଃ ଆଖୁ ଉପରେ ନିର୍ଭର କରୁଛି । ତଥାପି, ଆଖୁ ଚାଷରେ ତୁର ପାଣି ବ୍ୟବହାର କରାଯାଇଥାଏ । ଏଥିରେ ପ୍ରତି ଲିଟର ଇଥାନଲ୍ ପାଇଁ ୩୬୩୬ ଲିଟର ପାଣି ବ୍ୟବହାର ହୋଇଥାଏ । ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ କରୁଥିବା ଅଞ୍ଚଳରେ ଅବସ୍ଥିତ କାରଣ କଞ୍ଚାମାଲ ସେଠାରେ ସହଜରେ ଉପଲବ୍ଧ । ଶକ୍ତି ଅର୍ଥନୀତି ଏବଂ ଆର୍ଥିକ ବିଶ୍ଳେଷଣ ପ୍ରତିଷ୍ଠାନର ଶକ୍ତି ବିଶେଷଜ୍ଞ ସ୍ୱାତୀ ଶେଷାଦ୍ରି କହିଛନ୍ତି ବର୍ଷ ବର୍ଷ ଧରି ଆଖୁ ଚାଷ ଏହି ଅଞ୍ଚଳଗୁଡ଼ିକରେ ଜଳସ୍ତରକୁ ହ୍ରାସ କରିସାରିଛି । ବର୍ତ୍ତମାନ ଇଥାନଲ୍ ପ୍ଲାଣ୍ଟଗୁଡ଼ିକ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏହା ବ୍ୟତୀତ, ଆଖୁ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଚାଷ କରାଯାଏ, ଯେଉଁଠାରେ ଭୂତଳ ଜଳ ଅଭାବ ପୂର୍ବରୁ ଗୁରୁତର ।

### ମହାନଦୀରେ ପାଣି...

ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବା ଏବଂ ଛତିଶଗଡ଼ ୨୭ ମିଲିୟନ ଏକର ଫୁଟ ପାଣି ଆବଶ୍ୟକ କରୁଥିବା ଦାବିକୁ ଯଦି ଓଡ଼ିଶା ସରକାର ମାନି ନେଇଥା'ନ୍ତି, ତା'ହେଲେ ଏହା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସେ କହିଛନ୍ତି । ସେହିପରି ପୂର୍ବରୁ ଆମେ ଛତିଶଗଡ଼ ପାଖରେ ସମର୍ପଣ କରିସାରିଛୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଦାସ । ସେ କହିଛନ୍ତି ଯେ ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । ପ୍ରଦତ୍ତ ଡାଟା ଅନୁଯାୟୀ ମହାନଦୀରେ ମୋଟ ଉପଲବ୍ଧ ଜଳର ପରିମାଣ ୬୨. ୩୬ ମିଲିୟନ ଏକର ଫୁଟ ଅଟେ । ତନ୍ମଧ୍ୟରେ ନରାଜ ପାଖରେ ୫୬. ୨୯ ମିଲିୟନ ଏକର ଫୁଟ ହୀରାକୁଦ ଉପର ମୁଣ୍ଡରେ ୩୨. ୮୩ ମିଲିୟନ ଏକର ଫୁଟ ଓ ଛତିଶଗଡ଼ ଓଡ଼ିଶା ସୀମାରେ ୨୮. ୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ । ବର୍ଷ ସାରା ମହାନଦୀରେ ଉପଲବ୍ଧ ପାଣିର ହାରାହାରି ହିସାବକୁ ନେଇ ଏହି ଡାଟା ବା ତଥ୍ୟ ପ୍ରସ୍ତୁତ ହୋଇଛି । ଯାହା ଅଣ ମୌସୁମୀ ସମୟରେ ଓଡ଼ିଶାର ଜଳ ସଂକଟକୁ ଅଣ ଦେଖାକରିଛି । ଏହି ତଥ୍ୟକୁ ଗ୍ରହଣ କରି ଆମେ ଆତ୍ମଘାତୀ କାମ କରିଛନ୍ତି । ଏହାର ଅର୍ଥ ହେଉଛି ଆମ ପାଖରେ ପ୍ରଚୁର ପାଣି ରହିଛି ଏବଂ ଆମର କୌଣସି ବିବାଦ ନାହିଁ । ତେଣୁ ଆଜିର ବୈଠକରେ ନିର୍ଦ୍ଦିଷ୍ଟ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳ ବିବାଦରେ ସହମତି ଆଣିବା ପାଇଁ ଟ୍ରିବ୍ୟୁନାଲ ପୂର୍ବ ଶୁଣାଣିରେ ଉଭୟ ରାଜ୍ୟର ବୈଷୟିକ ଏବଂ ଆଇଗତ ଟିମକୁ ଏକ ଲମ୍ବା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଏହାକୁ ଆଧାର କରି ଉଭୟ ରାଜ୍ୟର ମଧ୍ୟରେ ଗତ ୧୬ ତାରିଖ୍ରୁ ୧୧ ଦିନିଆ ଆଲୋଚନା ଆରମ୍ଭ ହୋଇଥିଲା । ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ତାହା ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି । ଆଗକୁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସଚିବ ତଥା ମୁଖ୍ୟ ଶାସନ ସଚିବ ସ୍ତରୀୟ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

### ପେଟ୍ରୋଲ ଢାଳି...

ସମ୍ପର୍କୀୟ ଭାଇ ରଜତ କିରୋ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବାବେଳେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ । ମାତ୍ର ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ । ଫଳରେ ନିରାଶ ହୋଇ ପ୍ରେମ ପାଗଳ ଯୁବକ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା । 'ମୋର ନୁହେଁ ତ କାହାର ନୁହେଁ ' ନୀତିରେ ଶନିବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ବୋତଲ ଧରି ସମ୍ପୃକ୍ତ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଥିଲା । ଯୁବତୀ ଜଣଙ୍କ ଶୋଇଥିବାବେଳେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ହୁତୁ ହୁତୁ ହୋଇ ବିଛଣା ସହ ଯୁବତୀ ଜଣକ ଜଳୁଥିବାବେଳେ ଘରେ ଥିବା ସମସ୍ତ ଆସବାବପତ୍ରରେ ନିଆଁ ଲାଗି ପାଉଁଶ ହୋଇ ଯାଇଥିଲା । ଝିଅର ଚିତ୍କାର ଶୁଣି ପରିବାର ଲୋକେ ଏବଂ ପଡୋଶୀ ନିଦରୁ ଉଠି ପଡ଼ିଥିଲେ । ପ୍ରଥମେ ମୋଟର ଦ୍ୱାରା ପାଇପରେ ପାଣି ପକାଇ ନିଆଁକୁ ଲିଭାଇ ଝିଅକୁ ଉଦ୍ଧାର କରିଥିଲେ । ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଝିଅର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ବୁର୍ଲା ପଠାଇ ଦେଇଥିଲେ । ବୁର୍ଲାରେ ମଧ୍ୟ ବର୍ଣ୍ଣ ବିଭାଗରେ ବେଡ୍ ନାହିଁ ବୋଲି କହି ସେଠିକାର ଡାକ୍ତରମ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରି ଦେଇଥିଲେ । ପରିବାର ଲୋକ ପୁନର୍ବାର ଝିଅକୁ ବୁର୍ଲାରୁ ରାଉରକେଲା ଫେରାଇ ଆଣି ଆଜି ଦିନ ସାଢେ ୧୧ଟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି ।

ଏ ବିଷୟରେ ତାଙ୍କ ପରିବାର ଲୋକଙ୍କ କହିବା କଥା ଯେ, ରଜତ ତାଙ୍କ ଝିଅକୁ ବାରମ୍ବାର ହଇରାଣ କରି ଆସୁଥିଲା । ତାକୁ ବି ଏ ନେଇ ବୁଝାସୁଝା କରାଯାଇଥିଲା । ଏହା ସତ୍ତ୍ୱେ ବି ସେ ନ ମାନି ଏପରି କରିଛି । ତାକୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ତାଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ଦାବି କରାଯାଇଛି ।

### ବିଷ ବୋତଲ ଧରି...

ଯେଉଁମାନେ ପୁଣି ଆବେଦନ କରିଛନ୍ତି ସେମାନଙ୍କର ଚାଷ ଏବଂ କାଗଜପତ୍ର ତଦନ୍ତ ହୋଇ ଯୋଗ୍ୟ ଚାଷୀଙ୍କୁ ଟୋକନ ଦିଆଯାଉଛି । ସାଟେଲାଇଟ୍ ସର୍ଭେରେ ଯେଉଁ ଚାଷୀଙ୍କ ନାଁ କଟିଛି ସେମାନଙ୍କୁ ଟୋକନ ମିଳୁନାହିଁ । ଅନ୍ୟପଟେ ଚାଷ ହୋଇଥିବା ଜମି କେମିତି ସାଟେଲାଇଟ୍ ସର୍ଭେରେ କଟିଯାଉଛି ବୋଲି କୃଷକ ସଙ୍ଗଠନ ପ୍ରଶ୍ନ କରିଛି ।

ଡିଆରସିଏସ୍ ଅଫିସରେ ପ୍ରତିବାଦ ସଭା ଚାଲୁଥିବା ବେଳେ ଭଟଲି ବ୍ଲକ ବାଞ୍ଜିପାଲି ଗ୍ରାମର କନ୍ଦର୍ପ ବାରିକ ନିଜ ସମସ୍ୟା ଉପସ୍ଥାପନା ପାଇଁ ଅନୁରୋଧ କରିଥିଲେ । ସେ ଆଠ ଏକର ଜମିରେ ଧାନ ଚାଷ କରିଥିବାବେଳେ ଋଣ କରି ଟ୍ରାକ୍ଟର ଭଡ଼ା ୩୯ ହଜାର, ସାର ୫୫ ହଜାର ଏବଂ କୀଟନାଶକରେ ୫୩ ହଜାର ଟଙ୍କା ବ୍ୟୟ କରିଛନ୍ତି । ଧାନ କାର୍ଡ ଆସିଥିଲେ ଉତ୍ପାଦିତ ୬୫୦ ପ୍ୟାକେଟ ଧାନ ବିକ୍ରି କରି ଋଣ ପରିଶୋଧ କରି ନିଜର ଆବଶ୍ୟକ ମେଣ୍ଟାଇବା ସହିତ ନୂତନ ଚାଷ କରିବା ସ୍ୱପ୍ନ ଦେଖିଥିଲେ । ହେଲେ ୮ ଏକର ଜମିରେ ଦୁଇଟି ଟୋକନରୁ ୧୩୦ କ୍ୟୁଣ୍ଟାଲ ଧାନ ବିକ୍ରି ଅନୁମତି ମିଳିବାର ଥିଲା; କିନ୍ତୁ କେବଳ ମାତ୍ର ୬୫ କ୍ୟୁଣ୍ଟାଲ ଧାନ ବିକ୍ରି ଅନୁମତି ପାଇଥିବାରୁ ସେ ୧୨ ମେ'ରୁ ଜିଲ୍ଲାପାଳ ଅଫିସ, ସୋସାଇଟି ଏବଂ ବିଧାୟକଙ୍କୁ ନିଜର ଦୁଃଖ ଜଣାଇଛନ୍ତି । କୌଣସି ସମାଧାନ ନ ହେବାରୁ ଆଜି ଡିଆରସିଏସ ଅଫିସରେ ଚାଲୁଥିବା ଚାଷୀଙ୍କ ଧାରଣା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ନିଜର ବକ୍ତବ୍ୟ ରଖୁଥିବା ସମୟରେ ହଠାତ ଧରିଥିବା ମୁଣାରୁ ୨୫୦ ଏମ୍ଏଲ୍‌ର ଏକ କୀଟନାଶକ ବୋତଲ ବାହାର କରି 'ଟୋକନ ନ ଆସିଲେ କୀଟନାଶକ ଖାଇ ମରିଯିବି ବୋଲି' କ୍ଷୋଭର ସହ କହିଥିଲେ । ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ବୋତଲଟିକୁ ଛଡ଼ାଇ ଆଣି ପୁଲିସକୁ ଦେଇଥିଲେ । ପରେ ପୁଲିସ ଚାଷୀଙ୍କୁ ପଚରାଉଚରା କରି ଛାଡି ଦେଇଛି ।

ଜିଲ୍ଲା ଉପନିବନ୍ଧକ ଯୁଗଳ ଦାସ ଧାରଣାରତ ଚାଷୀଙ୍କ ସହ ଆଲୋଚନା କରିଥିଲେ ବି ବିଫଳ ହୋଇଥିଲା । ଆନ୍ଦୋଳନକାରୀମାନେ ଟୋକନ ନ ଆସିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚରମ ବାଣୀ ଶୁଣାଇଛନ୍ତି । ଆଜିର ଏହି ଧାରଣା ସଭାରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, କରଣ ସାହୁ, ସୁବାସ ପଧାନ, ରବିଶଙ୍କର ପଧାନ, ଯୁବ ନେତା କିଶୋର ସାହୁ, ପୂର୍ଣ୍ଣ ସାହୁ, ନିରଞ୍ଜନ ପଧାନ, ସୁରେଶ ନିକେଣ୍ଟି, ଥବିର ପଧାନ, ଈଶାନ୍ତ ଭୋଇ, ଅଭିମନ୍ୟୁ ପଧାନ, ଜୟ ପ୍ରକାଶ ବେହେରା, ସୁରେନ ସାହୁ, ପ୍ରସନ୍ନ କୁମ୍ଭାର, ଆନନ୍ଦ ପଧାନ, ସରୋଜ ସାହୁ ଏବଂ ଅରବିନ୍ଦ ପଣ୍ଡା ନେତୃତ୍ୱ ନେଇଥିଲେ ।


34001/397/2627 — ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-08/2026-27/JYP(K)**
No. 3889 Date.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 7 Nos.
3. Estimated Cost : Rs. 3.98 Lakhs to 11.85 lakhs
4. Period of completion : 2 (Two) Months
5. Date & Time of Bidding : From 11.00 hours of **01.07.2026** Up-to 17.00 hours of **10.07.2026**
6. Last date & time for receipt of bids in portal : 17.00 hours of **11.07.2026.**
7. Bids received online shall be opened on : 11.00 hours of **13.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Superintending Engineer, Jeypore (R&B) Division

OIPR-34001/34027/1/26-27/0008

25001/531/2627 — PHONE: OFF: (06852) 251263, Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**Through GePNIC e-Procurement Notice**
**Bid Identification No.:** SERWKPT-Online-04/2026-27
**Letter No.:** 2215, **Date:** 19.06.2026

1. Name of the Work — **Special Repair of Road Works for the year 2026-27 (Renewal Coat of SDBC with WMM Profile Correction)**
2. Total Number of Works — **05 Nos.**
3. Approximate Estimate Cost — **Rs. 62.16 Lakhs to Rs. 70.24 Lakhs (Approximately)**
4. Class of Contractor — **"B" Class**
5. Period of Completion — **2 Months**
6. Detail of Projects — **As per Annexure attached**

**Other Details as follows:**

| Procurement Officer | Bid Identification No. | No. of Works | Availability of tender online bidding | | Date & Time of opening of tender in O/o the SERW Division, Koraput | |
|---|---|---|---|---|---|---|
| | | | (From) | (To) | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-04/2026-27 | 05 (Five) Nos. | 30.06.2026 at 11.00 A.M. | 13.07.2026 up to 5.30 P.M. | 14.07.2026 at 11.00 A.M. | To be intimated separately |

Further details can be seen from the website: www.tendersodisha.gov.in/nicgep/app
All amendments, time extensions, clarifications, etc., will be uploaded on the website only. Bidders should regularly visit the above website to keep themselves updated.
**N.B.:** Any Addendum or Corrigendum will be available on the website only.

**Executive Engineer**
**Rural Works Division, Koraput**

OIPR-25001/25088/1/26-27/0004

● ଡାଙ୍ଗସୋରଡ଼ା ପୁଲିସର ସଫଳତା

# ଉଦ୍ଧାର ହେଲା ଦୁଇଟି ଚୋରି ମୋବାଇଲ୍




ଚନ୍ଦ୍ରପୁର,୨୭।୬(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ଥାନା ଅନ୍ତର୍ଗତ ଡାଙ୍ଗସୋରଡ଼ା ପୁଲିସ ଫାଣ୍ଡି ପକ୍ଷରୁ ଦୁଇଟି ଚୋରି ଓ ହଜିଯାଇଥିବା ମୋବାଇଲ ଫୋନ ଟ୍ରାକ୍ କରି ଉଦ୍ଧାର କରାଯାଇ ସେଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାଦାଗୁଡ଼ି ଗ୍ରାମର ବନମାଳୀ ଦିବାକା ନିଜ ଗ୍ରାମକୁ ଯାଉଥିବା ବେଳେ ତାଙ୍କର ମୋବାଇଲ ଫୋନ ହଜିଯାଇଥିଲା। ଏନେଇ ସେ ଡାଙ୍ଗସୋରଡ଼ା ପୋଲିସ ଫାଣ୍ଡିରେ ଅଭିଯୋଗ ଦାଖଲ କରିଥିଲେ। ସେହିପରି ଟୁରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍ଗରୋଡ଼ ଗ୍ରାମର ମାଳିବାଣୀ ଜାନିଙ୍କ ଘରୁ ମୋବାଇଲ ଚୋରି ହୋଇଥିବା ନେଇ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ଉଭୟ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଡାଙ୍ଗସୋରଡ଼ା ପୋଲିସ ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୋବାଇଲଗୁଡ଼ିକୁ ଟ୍ରାକ୍ କରି ଉଦ୍ଧାର କରିବାରେ ସଫଳ ହୋଇଥିଲା। ପରେ ଉଦ୍ଧାର ହୋଇଥିବା ଦୁଇଟି ମୋବାଇଲ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଡାଙ୍ଗସୋରଡ଼ା ଫାଣ୍ଡିରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଅଞ୍ଚଳରେ ବାଇକ୍ ଚୋରି, ଗୃହପାଳିତ ପଶୁ ଚୋରି ଭଳି ଘଟଣାକୁ ରୋକିବାରେ ମନୋରଞ୍ଜନ ବିଶ୍ୱାଳ ସଫଳ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପୋଲିସ ପ୍ରତି ବିଶ୍ୱାସ ବଢ଼ିଛି। ତାଙ୍କର ଏହି କାର୍ଯ୍ୟକୁ ସରପଞ୍ଚ ଅନିତା ଶବର, ସାମାଜିକ କର୍ମୀ ବିଜୟପ୍ରସାଦ ଉଲାକା, ଦୟାନିଧି ପାତ୍ରଙ୍କ ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

**ମାର୍କେଟ୍ ମଝିରେ ବ୍ରଏଲର କୁକୁଡ଼ା ଫାର୍ମ**

# ଖୋଲାରେ ମାଂସ ବିକ୍ରି, ସରକାରୀ ନିୟମ ଉଲ୍ଲଂଘନ



ଅମ୍ବାଦଳା,୨୭।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଶାନ୍ତି ଛକ ନିକଟ ମାର୍କେଟ ମଝିରେ ମୁଖ୍ୟ ରାସ୍ତା କଡ଼ରେ ବ୍ରଏଲର କୁକୁଡ଼ା ରଖି ସେଠାରେ କୁକୁଡ଼ା କାଟି ମାଂସ ବିକ୍ରି କରାଯାଉଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜନଗହଳିପୂର୍ଣ୍ଣ ବଜାର ଓ ମୁଖ୍ୟ ସଡ଼କ ପାର୍ଶ୍ୱରେ ଏଭଳି କାର୍ଯ୍ୟକଳାପ ସରକାରୀ ନିୟମାବଳୀ ଅନୁଯାୟୀ ଚାଲିଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁଯାୟୀ ବ୍ରଏଲର କୁକୁଡ଼ା ପାଳନ କିମ୍ବା ଫାର୍ମ ସ୍ଥାପନ ପାଇଁ ସ୍ଥାନ ଚୟନ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ଦୁର୍ଗନ୍ଧ ନିୟନ୍ତ୍ରଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି କୌଣସି ବିପଦ ସୃଷ୍ଟି ନ ହେବା ଭଳି ବିଷୟକୁ ଗୁରୁତ୍ୱ ଦିଆଯାଇଥାଏ। ସେହିପରି ମାଂସ ବିକ୍ରି ପାଇଁ ସମ୍ପୃକ୍ତ ସ୍ଥାନୀୟ ସଂସ୍ଥାର ଟ୍ରେଡ୍ ଲାଇସେନ୍ସ, ସ୍ୱଚ୍ଛ ପରିବେଶ ଏବଂ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ନିୟମ ପାଳନ କରିବା ଆବଶ୍ୟକ। ଜନଗହଳିପୂର୍ଣ୍ଣ ବଜାର ମଝିରେ କୁକୁଡ଼ା ପାଳନ, ଖୋଲାରେ କୁକୁଡ଼ା ବଧ ଓ ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ଦୁର୍ଗନ୍ଧ, ମାଛି ମଶାର ପ୍ରକୋପ ଏବଂ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଥାଏ। ଏହା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଚିନ୍ତାର ବିଷୟ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ପ୍ରଶାସନ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟବସାୟୀ ସରକାରୀ ଗାଇଡଲାଇନ, ଟ୍ରେଡ୍ ଲାଇସେନ୍ସ ଓ ଖାଦ୍ୟ ସୁରକ୍ଷା ନିୟମ ପାଳନ କରୁଛନ୍ତି କି ନାହିଁ ଯାଞ୍ଚ କରନ୍ତୁ। ଯଦି କୌଣସି ଅନିୟମ ଥାଏ, ତେବେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ଦୁରୁଆ ଭାଷାକୁ ସରକାରୀ ଜନଜାତି ଭାଷା ତାଲିକାରେ ସାମିଲ କରିବାକୁ ଦାବି



ମାଲକାନଗିରି,୨୭।୬(ସମିସ): ମାଲକାନଗିରି ଜିଲ୍ଲାର ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ ଦୁରୁଆ ସମାଜ ପକ୍ଷରୁ ସେମାନଙ୍କ ମାତୃଭାଷା ଦୁରୁଆ ପାଟାକୁ ରାଜ୍ୟ ସରକାରଙ୍କ ସରକାରୀ ଜନଜାତି ଭାଷା ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ଜୋର ଧରିଛି। ଏନେଇ ଆଜି ଜିଲ୍ଲା ଦୁରୁଆ ସମାଜ ପକ୍ଷରୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମାଜର ପ୍ରତିନିଧିମାନେ କହିଛନ୍ତି ଯେ, ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାରେ ୮ ହଜାରରୁ ଅଧିକ ଦୁରୁଆ ଭାଷାଭାଷୀ ଲୋକ ବସବାସ କରୁଥିବା ସତ୍ତ୍ୱେ ଭାଷାଟି ସରକାରୀ ସ୍ୱୀକୃତିରୁ ବଞ୍ଚିତ ରହିଛି। ସମାଜ ପକ୍ଷରୁ ଦର୍ଶାଯାଇଛି ଯେ, ବିଦ୍ୟାଳୟଗୁଡ଼ିକରେ ଦୁରୁଆ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ନଥିବାରୁ ପ୍ରାଥମିକ ସ୍ତରର ଶିଶୁମାନେ ଓଡ଼ିଆ ଭାଷା ବୁଝିବାରେ ଅସୁବିଧା ଭୋଗୁଛନ୍ତି। ଏହାର ପ୍ରଭାବରେ ପାଠଛାଡ଼ା ହାର ବୃଦ୍ଧି ପାଉଥିବା ବେଳେ ସରକାରୀ କାର୍ଯ୍ୟାଳୟରେ ଭାଷାଗତ ପ୍ରତିବନ୍ଧକ ଯୋଗୁଁ ଅନେକ ଲୋକ ସରକାରୀ ସୁବିଧା ଓ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ସରକାରୀ ପ୍ରୋତ୍ସାହନର ଅଭାବରୁ ଦୁରୁଆ ଭାଷା, ଲିପି ଓ ସଂସ୍କୃତି ଧୀରେ ଧୀରେ ଲୋପ ପାଇବା ସ୍ଥିତିକୁ ଆସିଥିବା ସମାଜ ଚିନ୍ତା ପ୍ରକାଶ କରିଛି। ଭାରତୀୟ ସମ୍ବିଧାନର ଧାରା ୨୯(୧), ୩୫୦ଏ ଓ ୩୫୦ବି ଅନୁଯାୟୀ ମାତୃଭାଷାର ସଂରକ୍ଷଣ ଓ ଶିକ୍ଷାର ଅଧିକାରକୁ ଉଲ୍ଲେଖ କରି ସମାଜ ପକ୍ଷରୁ ଦୁରୁଆ ପାଟାକୁ ସରକାରୀ ଜନଜାତି ଭାଷା ତାଲିକାରେ ସାମିଲ କରିବା, ଏଟିଏଲସି ମାଧ୍ୟମରେ ଭାଷାର ବିକାଶ, ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଦୁରୁଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଦାବି କରାଯାଇଛି। ଭାଷା ବଞ୍ଚିଲେ ସଂସ୍କୃତି ବଞ୍ଚିବ, ସଂସ୍କୃତି ବଞ୍ଚିଲେ ଜାତି ବଞ୍ଚିବ ବୋଲି ସମାଜର କର୍ମକର୍ତ୍ତାମାନେ କହିଥିବା ବେଳେ ବିଧାୟକ ନରସିଂହ ମାଡ଼କାମିଙ୍କୁ ଏହି ଦାବିକୁ ବିଧାନସଭା ଓ ସରକାରୀ ସ୍ତରରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

● ଅମ୍ବାଦଳା ମାର୍କେଟରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ

# ଘର ଭାଙ୍ଗୁଛନ୍ତି, ବିଦ୍ୟୁତ ବିଭ୍ରାଟରେ ଲୋକେ ଅତିଷ୍ଠ



ଅମ୍ବାଦଳା,୨୭।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ମାର୍କେଟ ଅଞ୍ଚଳରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାଫଳରେ ସ୍ଥାନୀୟ ଲୋକେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାଙ୍କଡ଼ମାନେ ଖପର ଓ ଆଜବେଷ୍ଟସ୍ ଘର ଉପରେ ଡେଇଁବା ଫଳରେ ଅନେକ ଘରର ଛାତ କ୍ଷତିଗ୍ରସ୍ତ ହେଉଛି। ଏଥିସହ ସେମାନେ ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ଉଠାଇ ନେବା ସହ ନଷ୍ଟ କରୁଥିବାରୁ ପରିବାରଗୁଡ଼ିକ ହଇରାଣ ହେଉଛନ୍ତି। ଏହାଛଡ଼ା ମାଙ୍କଡ଼ମାନେ ବିଦ୍ୟୁତ ଖୁଣ୍ଟ ଉପରକୁ ଚଢ଼ି ତାହାକୁ ହଲାଇବା ଫଳରେ ବାରମ୍ବାର ସର୍ଟ ସର୍କିଟ ହେଉଥିବା ଅଭିଯୋଗ ରହିଛି। ଫଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଉଥିବାରୁ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକଙ୍କ ମତରେ, ଜଙ୍ଗଲରେ ଖାଦ୍ୟ ଓ ବାସସ୍ଥାନର ଅଭାବ ଯୋଗୁଁ ମାଙ୍କଡ଼ମାନେ ଜଙ୍ଗଲ ଛାଡ଼ି ଗାଁ ଓ ବଜାର ମୁହାଁ ହେଉଛନ୍ତି। ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢୁଥିବାରୁ ଅମ୍ବାଦଳାବାସୀଙ୍କ ମଧ୍ୟରେ ଆତଙ୍କ ଓ ଚିନ୍ତା ବଢ଼ିଛି। ସ୍ଥାନୀୟ ବାସିନ୍ଦାମାନେ ବନ ବିଭାଗ ଓ ପ୍ରଶାସନଙ୍କୁ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ମାଙ୍କଡ଼ଙ୍କ ଉପଦ୍ରବ ନିୟନ୍ତ୍ରଣ ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଆଲୁମିନା ପାଉଡ଼ର ବୋଝେଇ ଟ୍ୟାଙ୍କର ଦୁର୍ଘଟଣା

ରାୟଗଡ଼,୨୭।୬(ସମିସ): ରାୟଗଡ଼ ଜିଲ୍ଲା ରାୟଗଡ-କେରଡ଼ା ମୁଖ୍ୟ ରାସ୍ତାର ପ୍ରତାପପୁର ଟ୍ରାପେଲ ରାଓ ଘାଟିରେ ଶନିବାର ବଡ଼ି ଭୋରରେ ଏକ ଆଲୁମିନା ପାଉଡର ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ଆନ୍ଧ୍ରପ୍ରଦେଶର କାକିନାଡାରୁ ଆଲୁମିନା ପାଉଡର ବୋଝେଇ କରି ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ପ୍ରତାପପୁର ଟ୍ରାପେଲ ରାଓଘାଟି ନିକଟରେ ପହଞ୍ଚିବା ବେଳେ ଭୋର ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ଟ୍ୟାଙ୍କରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ



ମାଲକାନଗିରି,୨୭।୬(ସମିସ) : ସାମାଜିକ ଗଣମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଅଶ୍ଳୀଳ ଓ ଆପତ୍ତିଜନକ ଭାଷା ବ୍ୟବହାର କରି ପୋଷ୍ଟ କରାଯାଇଥିବା ଅଭିଯୋଗରେ ସନ୍ତୋଷ ସେଠୀ ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ମାଲକାନଗିରି ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ ହୋଇଛି। ଅଭିଯୋଗ ଅନୁସାରେ, କିଛି ଦିନ ପୂର୍ବରୁ ଅଭିଯୁକ୍ତ ବ୍ୟକ୍ତି ଫେସବୁକ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅସମ୍ମାନଜନକ ଓ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିବା ଉଲ୍ଲେଖ କରାଯାଇଛି। ସେହିପରି ପୋଷ୍ଟର ବର୍ଣ୍ଣନାରେ ମଧ୍ୟ ଅଶୋଭନୀୟ ଭାଷା ବ୍ୟବହୃତ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା ଭାଜପା ପକ୍ଷରୁ ଜିଲ୍ଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ନବଘନ ଲୋକେଇ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବି. ମହାରଣା, ବିଧାୟକ ପ୍ରତିନିଧି ନିହାର ରାୟ, ରାଓଲ ତିୱାରୀ, ବି. ଶ୍ରୀନିବାସ ପାତ୍ର ଓ ସୋସିଆଲ ମିଡିଆ ପ୍ରମୁଖ ଦୀପକ ସାହାଙ୍କ ସମେତ ଅନ୍ୟାନ୍ୟ

● ଏସ୍‌ପିଙ୍କୁ ଭାଜପାର ଅଭିଯୋଗ

କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମର ନିୟମ ଉଲ୍ଲଂଘନ କରି ଅପମାନଜନକ ବିଷୟବସ୍ତୁ ପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଜାତୀୟ ବିଦ୍ୟୁତ୍ ସୁରକ୍ଷା ଦିବସ ପାଳିତ




ସେମିଲିଗୁଡା, ୨୭।୬ (ସମିସ): ସେମିଲିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ପଞ୍ଚାୟତ ସମିତିର ଉପର ମାନିଆ ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ଦିବସ ୨୦୨୬ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ବିଦ୍ୟୁତ ସୁରକ୍ଷା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ ମଙ୍ଗରାଜ କାର୍ତ୍ତମ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦାଶିବ ବାରିକ, ବାଞ୍ଛାନିଧି ଶ୍ରୀ ହରିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ବାରିକ, ଜଗତକୁମାର ଗୁଣ୍ଠା, ରାଜେନ୍ଦ୍ର ଶ୍ରୀ ହରିଆ, ସନ୍ତୋଷ କୁମାର ନାୟକ, ଦିଲୀପ କୁମାର କୁଲଦୀପ, ଚନ୍ଦ୍ରକାନ୍ତ ନାୟକ, ଚୈତନ୍ୟ ପ୍ରସାଦ ନାୟକ, ଚନ୍ଦ୍ରକାନ୍ତ ରଥ, ସୀମାଞ୍ଚଳ ବାରିକ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ମରାମତି ହେଲା ୨୫ ବର୍ଷ ତଳର ରାସ୍ତା

'ସକାଳ' ପ୍ରଭାବ

କୁନ୍ଦୁରା,୨୭।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରିମିଟି ପଞ୍ଚାୟତର ଜୀବନ ରେଖା କୁହାଯାଉଥିବା ବାଲିବେଡ଼ା ଛକରୁ ଆମ୍ବଗୁଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ଥିଲା। ଏନେଇ 'ସକାଳ'ରେ ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ ଏବଂ ରାସ୍ତା ମରାମତି କଲା। ସରପଞ୍ଚ ଏବଂ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହୋଇଛି । ଏ ନେଇ ବିଡିଓ ପି.ମନସ୍ମିତା, ସରପଞ୍ଚ ମାଣିକ ସାନ୍ତା ଏବଂ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ଅଞ୍ଚଳବାସୀ। ୨୫ ବର୍ଷ ତଳେ ପିଚୁରାସ୍ତା ନିର୍ମାଣ ହୋଇଥିଲା । ତାହା ଖରାପ ହେବା ପରେ ଆଉ ମରାମତି ହୋଇ ନଥିଲା। ରାସ୍ତାରୁ ପିଚୁ ଉଠିଯାଇ ମେଟାଲ ବାହାରି ପଡ଼ିଥିଲା ଓ ଯାତାୟତରେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ ଲୋକେ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାଦଚଲା ରାସ୍ତା ବନିଥିଲା। ସେଥିରେ ଯାତାୟତ କରୁଥିଲେ ଓ ଏ ନେଇ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ଶେଷରେ ଏହାର ଅନ୍ତ ଘଟିଛି। ବ୍ଲକରୁ ଏସ୍‌ଏଫସି ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟରେ ମୋରମ ପକାଇ ମରାମତି କରାଯାଇଛି। ପୂର୍ବ ରାସ୍ତାରୁ ମେଟାଲ ସବୁ ବାହାରି ପଡ଼ିଥିଲା। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିଲା। ସେଥିରୁ ମୁକ୍ତି ମିଳିଛି । ହେଲେ ଆଗକୁ ବର୍ଷା ଦିନ ଥିବାରୁ କାଦୁଅ ହେବାର ବହୁ ସମ୍ଭାବନା ରହିଛି। ଏହି ରାସ୍ତା ୧ କିମି ହୋଇଥିଲେ ବି କେରମେଟି ସମେତ ଆସନା ଓ ଫୁଲଭଟ୍ଟା ପଞ୍ଚାୟତର ପ୍ରାୟ ୨୦ ଖଣ୍ଡ ଗାଁ ଲୋକ ନିର୍ଭର କରନ୍ତି । ଏଣୁ ଆଗାମୀ ଦିନରେ ପିଚୁ ରାସ୍ତା ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ଅଞ୍ଚଳବାସୀ।

# ମାଲକାନଗିରି ବସ୍‌ଷ୍ଟାଣ୍ଡ ଶିଶୁ ଉଦ୍ୟାନରେ ଅଗ୍ନିକାଣ୍ଡ



ମାଲକାନଗିରି, ୨୭।୬(ସମିସ): ମାଲକାନଗିରି ସଦର ମହକୁମା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶିଶୁ ଉଦ୍ୟାନରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଉଦ୍ୟାନ

● ୩ ଘଣ୍ଟା ଉଦ୍ୟମ ପରେ ନିଆଁ ଆୟତ୍ତ

ଭିତରେ ରଖାଯାଇଥିବା କିଛି ପୁରୁଣା ଟାୟାରରେ ପ୍ରଥମେ ନିଆଁ ଲାଗି ଯାଇଥିଲା। ଦେଖୁଦେଖୁ ତାହା ଭୟଙ୍କର ରୂପ ଧାରଣ କରି ସମଗ୍ର ପରିସରକୁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଜିଲ୍ଲା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ତିନି ଘଣ୍ଟା ଧରି ଉଦ୍ୟମ କରିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣାର ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରେ ବସଷ୍ଟାଣ୍ଡ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଆ‡‡ ଓ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ସୁରକ୍ଷିତ ସ୍ଥାନରେ କିଏ ଓ କାହିଁକି ଏତେ ପରିମାଣର ପୁରୁଣା ଟାୟାର ରଖିଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ସହ ବସଷ୍ଟାଣ୍ଡ ଅଞ୍ଚଳରେ ବଢୁଥିବା ଅସାମାଜିକ ଓ ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବାକୁ ସ୍ଥାନୀୟ ଲୋକେ ପୁଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମାନସିକ ଅସୁସ୍ଥ ମହିଳାଙ୍କୁ ପୁନର୍ବାସ କେନ୍ଦ୍ରକୁ ସ୍ଥାନାନ୍ତର



ରାୟଗଡ଼ା,୨୭।୬(ସମିସ): ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ୍)ରେ ଚିକିତ୍ସାଧୀନ ଥିବା ପ୍ରାୟ ୨୭ ବର୍ଷ ବୟସର ଜଣେ ଅଜଣା ମାନସିକ ଅସୁସ୍ଥ ମହିଳାଙ୍କୁ ସଫଳ ଚିକିତ୍ସା ପରେ ମାଲକାନଗିରି ପୁନର୍ବାସ କେନ୍ଦ୍ରକୁ ସୁରକ୍ଷିତ ଭାବେ ପଠାଯାଇଛି। ସୂଚନା ଅନୁଯାୟୀ, ଗତ ୨୬ ଜୁନରେ ଉକ୍ତ ମହିଳାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାନସିକ ରୋଗ ବିଶେଷଜ୍ଞ ଡା. ରାକେଶ ରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ମାନସିକ ରୋଗ ବିଭାଗର ଡାକ୍ତରୀ ଦଳ ଓ ସାଇକିଆଟ୍ରି ସୋସିଆଲ୍ ୱର୍କର ତାଙ୍କୁ ତୁରନ୍ତ ଭର୍ତ୍ତି କରି ଆବଶ୍ୟକୀୟ ଚିକିତ୍ସା ଏବଂ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ସହ ପୁନର୍ବାସ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୨୭ ଜୁନରେ ଜିଲ୍ଲା ସାମାଜିକ ସୁରକ୍ଷା ଶାଖାର ସହଯୋଗରେ ଉକ୍ତ ମହିଳାଙ୍କୁ ମାଲକାନଗିରି ପୁନର୍ବାସ କେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ପରବର୍ତ୍ତୀ ଚିକିତ୍ସା, ପୁନର୍ବାସ ଓ ସାମାଜିକ ପୁନଃସ୍ଥାପନ କାର୍ଯ୍ୟ ଜାରି ରହିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନୋରୋଗ ବିଭାଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ଶାଖାର ସମନ୍ୱିତ ପ୍ରୟାସରେ ଏହି ପଦକ୍ଷେପ ସଫଳ ହୋଇଥିବା ବେଳେ, ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ଚିକିତ୍ସା, ସୁରକ୍ଷା ଓ ପୁନର୍ବାସ ଯୋଗାଇବା ଦିଗରେ ଏହା ଏକ ଉଲ୍ଲେଖନୀୟ ଉଦାହରଣ ବୋଲି ମତ ପ୍ରକାଶ ପାଇଛି।

**ରାୟଗଡ଼ରେ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମ୍‌ଇ' କାର୍ଯ୍ୟକ୍ରମ**

# ଉଦ୍ୟୋଗୀଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ




ରାୟଗଡ଼,୨୭।୬ (ସମିସ): ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ରାୟଗଡ଼ ପକ୍ଷରୁ ସ୍ଥାନୀୟ ପିଏମ୍ ଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ "ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମ୍‌ଇ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନ୍ ୨୭ରୁ ଜୁଲାଇ ୧ ପର୍ଯ୍ୟନ୍ତ ୫ଦିନିଆ ସେମିନାର ଓ ପ୍ରଦର୍ଶନୀ ମେଳାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ପ୍ରାରମ୍ଭିକ ବିଫଳତାରେ ନିରାଶ ନହୋଇ ଧୈର୍ଯ୍ୟ, ଦୃଢ଼ ମନୋବଳ ଓ ନବଚିନ୍ତନ ସହ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ସଫଳତା ପାଇଁ ନିରନ୍ତର ପ୍ରୟାସ ଓ ଅଭିନବ ଚିନ୍ତାଧାରାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହ ଏମଏସଏମଇ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ଉଦ୍ୟୋଗ ଓ ଉତ୍ପାଦର ପ୍ରଚାର-ପ୍ରସାର, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ସଫଳ ବ୍ୟବହାର ମାଧ୍ୟମରେ ବ୍ୟବସାୟର ବିକାଶ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜ୍ୟେଷ୍ଠ ଅଧିକାରୀ ସିବିଲ୍ ସ୍କୋରର ଗୁରୁତ୍ୱ, ବ୍ୟାଙ୍କ ଋଣ ପ୍ରାପ୍ତିରେ ଏହାର ଭୂମିକା ଏବଂ ଆର୍ଥିକ ଶୃଙ୍ଖଳା ରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓରମାସ୍ ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀର ବଜାରୀକରଣ, ବିପଣନ ସୁବିଧା ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ସହାୟତା ସମ୍ପର୍କରେ ମତ ରଖିଥିଲେ। ଅବସରପ୍ରାପ୍ତ ଡିଆଇସି ଅଧିକାରୀ ସବ୍ୟସାଚୀ ନାୟକ ଶିଳ୍ପ ସ୍ଥାପନାର ବିଭିନ୍ନ ପର୍ଯ୍ୟାୟ, ପ୍ରକଳ୍ପ ପ୍ରସ୍ତୁତି, ଆର୍ଥିକ ପରିଚାଳନା ଓ ଦୀର୍ଘମିଆଦୀ ସଫଳତାର ଉପାୟ ସମ୍ପର୍କରେ ଉଦ୍ୟୋଗୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାର ଚାରିଜଣ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଯୁବ ଉଦ୍ୟମୀମାନେ ଯୋଗଦେଇ ବିଭିନ୍ନ ବିଷୟରେ ସଚେତନତା ଲାଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଆଇଓ ବେଦାର୍ଚ୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନା, ଆଇପିଓ ସୁବ୍ରତ ପଟ୍ଟନାୟକ, ବରିଷ୍ଠ ସହାୟକ ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ, ଲକ୍ଷ୍ମୀକାନ୍ତ ଜେନା ଓ ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଜେପିର 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୨୭।୬ (ସମିସ): ସେମିଳିଗୁଡା ଓ ସୁନାବେଡ଼ା ଅଞ୍ଚଳରେ ବିଜେପି ନେତା ଓ କର୍ମୀମାନେ ଏସଆଇଆର କାର୍ଯ୍ୟକ୍ରମ, ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତିରେ ସରକାର ଓ ଲୋକଙ୍କ ଉପଲବ୍ଧି ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ସଂଧ୍ୟାରେ ସେମିଳିଗୁଡାର ଚର୍ଚ୍ଚିତ କୃଷ୍ଣ ଚା ଦୋକାନଠାରେ ସମସ୍ତେ ଏକତ୍ରିତ ହୋଇ ଚାଏ ପେ ଚର୍ଚ୍ଚା କରିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ ଓ ଯୁବକ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା, ଜନତାଙ୍କ ଗ୍ରହଣୀୟତା, ସବୁ ବିଷୟରେ ଆଲୋଚନା ହୋଇଥିଲା। ଏହି ଚା ଉପରେ ଚର୍ଚ୍ଚାରେ ସୁନାବେଡ଼ା ପୌରପରିଷଦର ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ମଣ୍ଡଳ ସଭାପତି ଟୁନା ଖରା, ବରିଷ୍ଠ ନେତ୍ରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର ,ଜିଲ୍ଲା ସଂପାଦିକା ସନ୍ତୋଷିନୀ ଜେନା, ମନୋଜ ସାହାଣୀ,ଅଶ୍ୱିନୀ ଜେନା, ସ୍ୱସ୍ତିକ ମିଶ୍ର, ନାୟକ, ବନଲତା,ଗୋବିନ୍ଦ ନାୟକ, ଗୋବିନ୍ଦ କଣ୍ଟା, ବିଷ୍ଣୁ ପ୍ରମୁଖ ଓ ଜନସାଧାରଣ ଏହି ଚର୍ଚ୍ଚାରେ ଯୋଗଦେଇ ଥିଲେ। ଭବିଷ୍ୟତରେ ମଧ୍ୟ ଜନତାଙ୍କ ସହ ମିଶି ଏପରି ଆଲୋଚନା ଜାରି ରହିବ ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି।

# ରଫାଦଫା ଉଦ୍ୟମ ଫେରାର୍ ବିଜେପି ନେତାଙ୍କ ପାଇଁ ବୁମେରାଂ


ବ୍ରହ୍ମପୁର,୨୭।୬(ସମିସ)

ସର୍ତ୍ତମୂଳକ ଜାମିନରେ ମୁକୁଳି ପରବର୍ତ୍ତି ସମୟରେ ଫେରାର ହୋଇଥିବା ଅଭିଯୁକ୍ତ ତଥା ବିଜେପି ନେତାଙ୍କ ଅଡୁଆ ବଢିବାରେ ଲାଗିଛି। ଗତ ୨୪ତାରିଖରେ ପିଡିତା ତଥା ତାଙ୍କ ପରିବାର ସଦସ୍ୟଙ୍କୁ ମାମଲା ପ୍ରତ୍ୟାହାର ନେଇ ଫେରାର ଭବାନୀ ଓ ତାଙ୍କ ଓକିଲ ଭାଇଙ୍କ ସମେତ ଅନ୍ୟ ସହଯୋଗୀଙ୍କ ବିରୁଦ୍ଧରେ ନିମଖଣ୍ଡି ଥାନାରେ ହୋଇଥିବା ଲିଖିତ ଏତଲା ପଞ୍ଜିକୃତ ହୋଇଛି। ଇତି ମଧ୍ୟରେ ଜାମିନରେ ଆସି ଫେରାର ହେବାକୁ ଦୀର୍ଘ ୩୯ଦିନ ବିତିଯାଇଛି। ତଥାପି ଫେରାର ବିଜେପି ନେତାଙ୍କୁ ଗିରଫ କରିବା ଦୂରେ ଥାଉ ତାଙ୍କ ସମ୍ପର୍କରେ ଟେର ପାଇପାରିନି ପୁଲିସ। ଫେରାର ଅଭିଯୁକ୍ତ ଜଣକ ଶାସକ ବିଜେପି ଦଳ ହୋଇଥିବାରୁ ପୁଲିସ ଚାପର ବଶବର୍ତ୍ତି ହୋଇ ଫେରାର ଅଭିଯୁକ୍ତଙ୍କୁ ଗିରଫ କରୁନଥିବା ଅଭିଯୋଗ ହୋଇଛି।

ଏଭଳି ପରିସ୍ଥିତିରେ ମାମଲା ଭିନ୍ନ ମୋଡ ନେଇଛି। ସର୍ତ୍ତମୂଳକ ଜାମିନରେ ଆସିଥିବା ବିଜେପି ନେତା ଭବାନୀ ତାଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିବା ପିଡିତା ଓ ତାଙ୍କ ଅଭିଯୋଗକାରିଣୀଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଚେଷ୍ଟା କରି ବିଫଳ ହେବାଥିଲେ। ପରବର୍ତ୍ତି ସମୟରେ ପିଡିତାଙ୍କ ପରିବାର ବର୍ଗଙ୍କ ବିରୁଦ୍ଧରେ ଭିନ୍ନ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରାଇବାରେ ସକ୍ଷମ ହୋଇଥିଲେ। ଯାହା ଗଜପତି ଜିଲ୍ଲା ମୋହନା ଥାନାରେ ରୁଜୁ ହୋଇଥିଲା। ତେବେ ପରବର୍ତ୍ତି ସମୟରେ ଅର୍ଥାତ୍ ତଦନ୍ତ ବେଳେ ଉକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜେରା ସମୟରେ ନିଜେ ପିଡିତା ସ୍ପଷ୍ଟ କରିଥିବା ବେଳେ ଅଭିଯୁକ୍ତଙ୍କ ସିଡିଆର ଯାଞ୍ଚରୁ ଜଣାପଡିଥିଲା। ଏପରିକି ନିଜେ ଗଣଦୁଷ୍କର୍ମ ପିଡିତା ଅଭିଯୋଗ ଏକ ଷଡଯନ୍ତ୍ର ବୋଲି ମଧ୍ୟ ସ୍ପଷ୍ଟ କରିଥିବା ପୁଲିସ କହିଛି। ଯାହାକୁ ନେଇ ମୋହାନା ଥାନାରେ ନାବାଳିକା ଦୁଷ୍କର୍ମ ତଥା ଫେରାର ଅଭିଯୁକ୍ତ ଭବାନୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିବା ଜଣାପଡିଛି ଘଟଣାକୁ ନେଇ ଇତି ମଧ୍ୟରେ ମୋହନା ଥାନା ପୁଲିସ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ସହ ଯୋଗାଯୋଗ କରିଛି। ଉଭୟ ଗଜପତି ଓ ବ୍ରହ୍ମପୁର ପୁଲିସର ସ୍କାନରରରେ ଫେରାର ବିଜେପି ନେତା ଭବାନୀ ଦାଶ ରହିଥିବା ଜଣାପଡିଛି। ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ଆସି ଭବାନୀ ଉଭୟ ପୁଲିସ ଓ ପିଡିତାଙ୍କ ପରିବାରକୁ ଅର୍ଥ ବଳରେ ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରି ବିଫଳ ହେବାପରେ ପିଡିତାଙ୍କ ପରିବାର ଉପରେ ତଥା ଘଟଣାର ସାକ୍ଷ୍ୟଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଯାଇ ସେମାନଙ୍କ ବିରୁଦ୍ଧରେ ଗଣଦୁଷ୍କର୍ମ ମାମଲା ରୁଜୁ କରିଥିଲେ। ଯାହା ପରବର୍ତ୍ତି ସମୟରେ ତଥା ତଦନ୍ତ ବେଳେ ମିଥ୍ୟା ବୋଲି ପୁଲିସ ଜାଣିବାକୁ ପାଇଥିଲା। ବ୍ରହ୍ମପୁରରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଜାମିନରେ ଆସି ପିଡିତା ତଥା ତାଙ୍କ ସମ୍ପର୍କୀୟ ଓ ପରିବାରବର୍ଗଙ୍କୁ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ନିମଖଣ୍ଡି ଥାନାରେ ଭଗବାନୀ ଓ ତାଙ୍କ ଓକିଲ ଭାଇଙ୍କ ସମେତ ଅନ୍ୟ ସହଯୋଗୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ସେପଟେ ଗଜପତି ଜିଲ୍ଲା ମୋହନା ଥାନାରେ ମଧ୍ୟ ଫେରାର ଅଭିଯୁକ୍ତ ତଥା ବିଜେପି ନେତା ଭବାନୀଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ ସହିତ ନୂତନ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଭବାନୀଙ୍କ ବିରୁଦ୍ଧରେ ହୋଇଥିବା ନାବାଳିକା ଦୁଷ୍କର୍ମ ମାମଲାରେ ଘଟଣାର ସାକ୍ଷୀ ଓ ପିଡିତାଙ୍କ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏକ ଗଣଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାର ତଦନ୍ତ ବେଳେ ତାହା ସମ୍ପୂର୍ଣ୍ଣ ମିଥ୍ୟ ଓ କପୋଳକଳ୍ପିତ ବୋଲି ଜଣାପଡିବା ସହିତ ଭବାନୀଙ୍କ ଷଡଯନ୍ତ୍ର ପ୍ରକାରେ ମିଥ୍ୟା ମାମଲା କରାଯାଇଥିବା ଖୋଦ୍ ପିଡିତା ଓ ଅନ୍ୟ ଅଭିଯୋଗକାରୀ ସ୍ପଷ୍ଟ କରିଥିଲେ। ଫଳରେ ଭବାନୀଙ୍କ ପ୍ରରୋଚନାରେ ମିଥ୍ୟା ମାମଲା ରୁଜୁ କରି ପୁଲିସକୁ ଭ୍ରମିତ କରିବା ଅଭିଯୋଗରେ ଖୋଦ୍ ଫେରାର ଅଭିଯୁକ୍ତ ଭବାନୀଙ୍କ ବିରୁଦ୍ଧରେ ଗଜପତି ଜିଲ୍ଲା ମୋହନ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଫଳରେ ଫେରାର ଅଭିଯୁକ୍ତ ତଥା ବିଜେପି ନେତା ଭବାନୀ ଶଙ୍କର ଦାଶଙ୍କୁ ଉଭୟ ଗଜପତି ଓ ବ୍ରହ୍ମପୁର ପୁଲିସ ଖୋଜୁଥିବା ଜଣାପଡିଛି। ଗତ ମେ ୮ ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଥିବା ବେଳେ ଆନ୍ତରୀଣ ଜାମିନ ଆବେଦନକୁ ମଞ୍ଜୁର କରି କୋର୍ଟ ୧୦ଦିନ ପାଇଁ ଅର୍ଥାତ୍ ମେ ୭ତାରିଖରୁ ସର୍ତ୍ତମୂଳକ ୧୮ ତାରିଖ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମେ ୧୮ ତାରିଖରେ ଅଭିଯୁକ୍ତ ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ରହିଛନ୍ତି। ଏହାକୁ ନେଇ କୋର୍ଟ ପକ୍ଷରୁ ଫେରାର ବିଜେପି ନେତା ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାଶଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି।

ସେପଟେ ଫେରାର ଭବାନୀଙ୍କୁ ଜାମୀନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଜୁନ ୨୯ତାରିଖରେ ଫେରାର ଅଭିଯୁକ୍ତ ଭବାନୀଙ୍କୁ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାମିନରେ ଯାଇ ଫେରାର ହେବା ସହିତ ନିଜେ ଅଭିଯୁକ୍ତ ଓ ତାଘଙ୍କ ସହଯୋଗୀ ପିଡିତା ତଥା ତାଙ୍କର ପରିବାର ବର୍ଗ ଓ ସାକ୍ଷ୍ୟଙ୍କୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ମାମଲା ପ୍ରତ୍ୟାହାର କରିବାକୁ ପିଡିତାଙ୍କ ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଫେରାର ଅଭିଯୁକ୍ତ ଭବାନୀଙ୍କୁ ଗିରଫ କରିବାରେ ବୈଦ୍ୟନାଥପୁର ଥାନା ପୁଲିସ ବିଫଳ ହୋଇଥିବା ବେଳେ ଗଜପତି ଜିଲ୍ଲା ମୋହନା ଥାନାରେ ରୁଜୁ ହୋଇଥିବା ମାମଲାରେ ଗଜପତି ଜିଲ୍ଲା ପୁଲିସ ମଧ୍ୟ ଭବାନୀଙ୍କୁ ଗିରଫ କରିବାରେ ଫେଲ ମାରିଛି। ଆସନ୍ତା ଜୁଲାଇ ୨୯ ତାରିଖ ସୁଦ୍ଧା ତାଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟ ଉଭୟ ଜାମିନଦାର ଓ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ନକଲି ଡାକ୍ତର ତଥା ବିଜେପି ନେତା ଭବାନୀଙ୍କୁ ଜାମୀନରେ ନେଇଥିବା ଦୁଇ ଜାମୀନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ଦସ୍ତାବିଜକୁ ପୁନଃ ଯାଞ୍ଚ କରିବା ସହ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ପୂର୍ବରୁ ବ୍ରହ୍ମପୁର କୋର୍ଟରେ ବିଭିନ୍ନ ମାମଲାରେ ନକଲି ଦସ୍ତାବିଜ ଦାଖଲ କରି ଗିରଫ ହୋଇଥିବା ଜାମିନଦାରଙ୍କ ମଧ୍ୟରେ ଉଭୟ ନିରାକାର ଓ ସନ୍ୟାସୀ ସମ୍ପୃକ୍ତ ଥିବା ସୂଚନା ମିଳିଛି।






- ନିମଖଣ୍ଡି ପରେ ମୋହନା ଥାନାରେ ରୁଜୁ ହେଲା ନୂଆ ମକଦ୍ଦମା
- ମିଛ ଗଣଦୁଷ୍କର୍ମ ମାମଲାରେ ଫସିଲେ ନିଜେ ଷଡ଼ଯନ୍ତ୍ରକାରୀ

# କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର,୨୭।୬(ସମିସ): କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟ ଅକାଦମୀ ଉପଦେଷ୍ଟା ମଣ୍ଡଳୀ ଆବାହକ ତଥା କେନ୍ଦ୍ର ସାହିତ୍ୟ ଅକାଦମୀ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ଡ. ଗୌରହରି ଦାସ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ଡ. ଅରବିନ୍ଦ ରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଅବସରରେ ସାହିତ୍ୟ ସମାଜର ବିଗତ ପାଞ୍ଚ ବର୍ଷର ସାରସ୍ୱତ କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନଙ୍କ ସହ ଦୁଇ ଦିଗଜଜ ସ୍ରଷ୍ଟା ଆଲୋଚନା କରିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଅନୁଗୃହୀତ ହେଉଥିବା ଓଡ଼ିଶାର ସାହିତ୍ୟାନୁଷ୍ଠାନମାନଙ୍କ ମଧ୍ୟରେ ଅବିଭକ୍ତ ଗଞ୍ଜାମ, ଅବିଭକ୍ତ କନ୍ଧମାଳ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର କୌଣସି ଅନୁଷ୍ଠାନ ନ ଥିବା ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନେ କଥା ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ। କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ଆବେଦନ କରାଗଲେ ସାହିତ୍ୟ ଅକାଦମୀର ଆଗାମୀ ସାଧାରଣ ପରିଷଦ ବୈଠକରେ ସେ ନେଇ ଆଲୋଚନା କରାଯିବ ବୋଲି ଡ. ଦାସ କହିଥିଲେ। କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସମିତି ସଦସ୍ୟ ଡ. କୁଳମଣି ଓଝା, କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ମନୋରଞ୍ଜନ ବିଷୋୟୀ, ଦିନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼, କାଳୀ ଓ ପ୍ରସାଦ ନାୟକ ଉପସ୍ଥିତ ଥିଲେ।

# 'ମାଇଁ ନ୍ୟାସନାଲ୍ ଫ୍ଲାଗ୍'କୁ ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ପୁରସ୍କାର



ବ୍ରହ୍ମପୁର,୨୭।୬(ସମିସ)

ଭୁବନେଶ୍ୱର ସ୍ଥିତ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ କ୍ଷୁଦ୍ର ଚଳଚ୍ଚିତ୍ର 'ମାଇଁ ନ୍ୟାସନାଲ ଫ୍ଲାଗ'କୁ ମିଳିଛି ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏମକେସିଜି ମେଡ଼ିକାଲ ଓ କଲେଜର ରେଜିଷ୍ଟ୍ରାର ତଥା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଡ. ଶ୍ୱେତ କୁମାର ଦାଶ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଲକ୍ଷେ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଗ୍ରହଣ କରିଛନ୍ତି।

ତାଙ୍କ ନିର୍ଦ୍ଦେନାଶରେ ଜାତୀୟ ପତାକାକୁ ନେଇ ନିର୍ମିତ ୧୦ ମିନଟ ଅବଧିର କ୍ଷୁଦ୍ର ଚଳଚ୍ଚିତ୍ର 'ମାଇଁ ନ୍ୟାସନାଲ ଫ୍ଲାଗ' ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଚଳଚ୍ଚିତ୍ରକୁ ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଥିଲା।

ଏହି ସଫଳତା ପରେ ଡ. ଦାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି। ବରିଷ୍ଠ ଓଏଏସ ଅଧିକାରୀ ଡ. ଦାଶ ଏହା ପୂର୍ବରୁ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ର ରଚନା କରିବା ସହ ନିର୍ଦ୍ଦେଶନା ଦେଇ ସାରିଛନ୍ତି।

# ହାଇକୋର୍ଟ ବିଲ୍ଡିଂ କମିଟି ଅଧ୍ୟକ୍ଷ ଜଷ୍ଟିସ ଏମ୍ଆର ପାଠକଙ୍କ ଗଞ୍ଜାମ ଗସ୍ତ

ବ୍ରହ୍ମପୁର,୨୭।୬(ସମିସ)

ବ୍ରହ୍ମପୁରରେ ପ୍ରସ୍ତାବିତ ନୂତନ ତଥା ଅତ୍ୟାଧୁନିକ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ରହିଥିବା କଳ୍ପନାଯଳ୍ପନାର ଅନ୍ତ ଘଟିଛି। ଦିତୀୟ ଗସ୍ତରେ ଆସି ହାଇକୋର୍ଟ ବିଲ୍ଡିଂ କମିଟି ଅଧ୍ୟକ୍ଷ ତଥା ଜଷ୍ଟିସ ମାନସ ରଂଜନ ପାଠକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିକଟରେ ସେ ବ୍ରହ୍ମପୁର ଗସ୍ତରେ ଆସି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ବିଚାରବିଭାଗକୁ ହସ୍ତାନ୍ତର ହୋଇନଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଏନେଇ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଇତି ମଧ୍ୟରେ ସମ୍ପୃକ୍ତ ଜମି ଉଚ୍ଛେଦ ସହିତ ଜୁଡିସିଆଲ ବିଭାଗକୁ ହସ୍ତାନ୍ତର ହୋଇସାରିଛି। ଦୁଇଦିନିଆ ଗଞ୍ଜାମ ଗସ୍ତ କାଳରେ ଜଷ୍ଟିସ ପାଠକ ପୁନଃ ବ୍ରହ୍ମପୁର ଆସି ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସର ସ୍ଥିତି ଅନୁଧ୍ୟାନ କରିଥିଲେ। ଜମି ହସ୍ତାନ୍ତର ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ପ୍ରକଳ୍ପ ଅଞ୍ଚଳରେ ରାସ୍ତା, ଡ୍ରେନ ଓ ବର୍ଷାଜଳ ନିଷ୍କାସନ ସହିତ ଅଗ୍ନିଶମ ନିର୍ବାପକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମସ୍ତ ଜରୁରୀ ତଥା ଆନୁସଙ୍ଗିକ ବ୍ୟବସ୍ଥା ସହିତ ପ୍ରକଳ୍ପ ପାଇଁ ପୁନଃ ପ୍ଲାନ ଓ ଏଷ୍ଟିମେଟ ପ୍ରସ୍ତୁତ କରିବାକୁ ସେ ପୂର୍ତ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ପରେ ପ୍ରଶାସନିକ ଓ ଆର୍ଥିକ ଅନୁମୋଦନ ପରେ ପ୍ରକଳ୍ପ କାର୍ଯ୍ୟର ଟେଣ୍ଡର କରି ପ୍ରକଳ୍ପକୁ ଆଗେଇ ନେବାକୁ ଜଷ୍ଟିସ ପାଠକ କହିଥିଲେ। ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ପାଇଁ ୫୦ରୁ ୫୫କୋଟି, ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ପାଇଁ ୧୫ରୁ ୧୭କୋଟି ଏବଂ ମାଲଖାନା ପାଇଁ ୧୦ରୁ ୧୨କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି।

ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ହେଉଥିବା ବେଳେ ଆଇନଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବା ବେଳେ ତୁରନ୍ତ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ପର୍ଯ୍ୟାୟରେ ନେତୃବୃନ୍ଦ ହାଇକୋର୍ଟର ବିଚାରପତିଙ୍କ ସହିତ ସାକ୍ଷାତ ଆଲୋଚନା କରି ଦାବି ଉପସ୍ଥାପନ କରାଯାଇଛି।

ଇତି ମଧ୍ୟରେ ହାଇକୋଟର ଖୋଦ୍ ବିଲ୍ଡିଂ କମିଟି ଅଧ୍ୟକ୍ଷ ତଥା ଜଷ୍ଟିସ ମାନସ ରଂଜନ ପାଠକ ଦୁଇ ଦୁଇଥର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିବାରୁ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ଆଇନଜୀବୀମାନେ ଆଶା ବ୍ୟକ୍ତ କରିଛନ୍ତି। ଗସ୍ତକାଳରେ ଜଷ୍ଟିସ ମାନସ ରଂଜନ ପାଠକ କୋର୍ଟ ପରିସରରେ ବୃକ୍ଷରୋପଣ କରିବା ସହିତ କ୍ୟାମ୍ପସ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲା ଦୌରାଜଜ୍ ଆଶାନ୍ତ ଦାସ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ନରେଶ ମହାନ୍ତି, ବିବସ୍ୱତ ଗୌତମ, ଲଳିତା ମଞ୍ଜରୀ ପଟ୍ଟନାୟକ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ, ଫ୍ୟାମିଲି କୋର୍ଟ ବିଚାରପତି ପ୍ରଣତି ସାହା ଓ ରେଜିଷ୍ଟ୍ରାର ସୌଦାମିନୀ ସିଂଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ଗଞ୍ଜାମ ଓକିଲ ସଂଘର ଉପ ସଭାପତି ସତ୍ୟନାରାୟଣ ବସନ୍ତିଆ, ସମ୍ପାଦକ ଜଗନ୍ନାଥ ମିଶ୍ର ଓ ଯୁଗ୍ମ ସମ୍ପାଦକ ରଂଜନ କୁମାର ସାମନ୍ତରାଙ୍କ ସମେତ ସଂଘର ପୂର୍ବତନ କର୍ମକର୍ତ୍ତା ଓ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଗସ୍ତ କାଳରେ ଜଷ୍ଟିସ ପାଠକ ଗଞ୍ଜାମ ଓକିଲ ସଂଘର କାର୍ଯ୍ୟାଳୟକୁ ଯାଇ ଆଇନଜୀବୀଙ୍କ ସହିତ ସେମାନଙ୍କ ସ୍ଥାୟୀ କାର୍ଯ୍ୟାଳୟ ନେଇ ଆଲୋଚନା କରିଥିଲେ। ଏବଂ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିଲେ ହେଁ ଆଗକୁ ଧର୍ଯ୍ୟର ସହିତ ପ୍ରକଳ୍ପ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।



- ପ୍ରସ୍ତାବିତ ନୂତନ ଜୁଡିସିଆଲ କ୍ୟାମ୍ପସ ନିର୍ମାଣ ଆଶା ଉଦ୍‌ଜୀବିତ
- ବୃକ୍ଷରୋପଣ ସହ ପରିଦର୍ଶନ କଲେ ଗଞ୍ଜାମ ଓକିଲ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ

# ଅନ୍ନପୂର୍ଣ୍ଣା ଯୋଜନାର ନୂତନ ରାସନ୍ କାର୍ଡ ବଣ୍ଟନ



ବ୍ରହ୍ମପୁର,୨୭।୬(ସମିସ)

ବିଜିପୁର ସୁନାରୀବନ୍ଧ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅନ୍ତର୍ଗତ ନୂତନ ରାସନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ୱାର୍ଡ ନମ୍ବର ୨୬ର ବିଜେପି ସଭାପତି ରବୀନ୍ଦ୍ର ସାହୁ ଯୋଦେଇଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାରେ ହିତାଧିକାରୀମାନେ ପୂର୍ବରୁ ମୁଣ୍ଡପିଛା ୫କିଲୋଗ୍ରାମ ଚାଉଳ ପାଉଥିବାବେଳେ, ରାଜ୍ୟ ସରକାରଙ୍କ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି। ଫଳରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପ୍ରତିମାସରେ ମୋଟ ୧୦କିଲୋଗ୍ରାମ ଚାଉଳ ପାଇବ ବୋଲି କହୁହାଯାଇଥିଲା।

କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୨୫ର କର୍ପୋରେଟର ନରସିଂହ ସେଠୀ, ସମାଜସେବୀ ବଦ୍ରୀ ନାୟକ, କ୍ଷୀରୋଦ କୁମାର ସାହୁ, ଗଣ ସ୍ୱାମୀ, ଭିକି ଆଚାରୀ, ଶିବ ଯାଦବ ଓ ଜଗନ୍ନାଥ ଜେନାଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

# ସବ୍‌କଲେକ୍ଟର ପରିଚୟ ଦେଇ ଠକେଇ

ବ୍ରହ୍ମପୁର,୨୭।୬(ସମିସ)

ନିଜକୁ ସବ କଲେକ୍ଟର ବୋଲି ପରିଚୟ ଦେଇ ଟାଟା ବେଞ୍ଜ ଛକ ସ୍ଥିତ ଏକ ବ୍ରାଣ୍ଡେଡ୍ ଶୋରୁମରୁ ହଜାର ହଜାର ଟଙ୍କାର ସାମଗ୍ରୀ କିଣି ଟଙ୍କା ନ ଦେଇ ଚାଲିଯିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ୟୁଏସ ପୋଲୋ ଡ୍ରେସ୍ ଶୋରୁମରେ ଘଟିଛି। ଶୋରୁମର ମ୍ୟାନେଜର ଅଜୟ କୁମାର ସାହୁଙ୍କ ଅଭିଯୋଗ ମୁତାବକ ଗତ ୨୪ ତାରିଖ ରାତିରେ ଜଣେ ବ୍ୟକ୍ତି ନିଜକୁ ସବ କଲେକ୍ଟର ବୋଲି ପରିଚୟ ଦେଇ ୨୦ ହଜାର ୪୯୪ ଟଙ୍କାର ସାମଗ୍ରୀ କିଣିଥିଲେ। ପରେ ଅଲ ଲାଇନରେ ଟଙ୍କା ପୈଠ କରିଥିଲେ କିନ୍ତୁ ଶୋ ରୁମ୍ କର୍ମଚାରୀଙ୍କ ନିକଟକୁ ଟଙ୍କା ଆସିନଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲରୁ ସଫଳ ଟ୍ରାଞ୍ଜେକ୍ସନ ଦେଖାଉଥିବା ବେଳେ ଶୋ ରୁମର ଆକାଉଣ୍ଟଙ୍କୁ ଟଙ୍କା ଆସିନଥିଲା। ରାତି ସାଢ଼େ ୧୦ଟା ହୋଇଯିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜକୁ ସବ କଲେକ୍ଟରର ପରିଚୟ ଦେଇ ନିଜର ଗାଡ଼ି ଦେଖାଇ ନିଜର ଫୋନ ନଂ ଦେଇ ଶୋ ରୁମରୁ ବାହାରିଗଲେ। ଯିବା ପୂର୍ବରୁ ନେଟୱାର୍କ ପ୍ରବ୍ଲେମ ଯୋଗୁଁ ଟଙ୍କା ଆସି ନଥିବ କହି ଚାଲିଗଲେ। କିଛି ଅସୁବିଧା ହେଲେ ଫୋନ କରି ଜଣାଇବାକୁ କହିଥିଲେ।

ବିଳମ୍ବିତ ରାତି ପର୍ଯ୍ୟନ୍ତ ଟଙ୍କା ନ ଆସିବାରୁ ମ୍ୟାନେଜର ଅଜୟ କୁମାର ସାହୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଦେଇଥିବା ମୋବାଇଲ ନଂକୁ ଯୋଗାଯୋଗ କରିଥିଲେ କିନ୍ତୁ ଫୋନ ଅଫ ଥିବା ଜାଣିବା ପରେ ସେ ବାଧ୍ୟ ହୋଇ ଗତ କାଲି ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣା ସ୍ଥଳକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଜାରି ରଖିଥିବା ବେଳେ ଭୁବନେଶ୍ୱର ସହୀଦ ନଗର ପୁଲିସ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଜଣକ ଗିରଫ ହୋଇଥିବା ବୈଦ୍ୟନାଥପୁର ଥାନା ପୁଲିସ ଜାଣିବାକୁ ପାଇଥିଲା। ଗିରଫ ବ୍ୟକ୍ତି ଜଣକ ହେଲେ ଆନ୍ଧ୍ର ପ୍ରଦେଶର ବରଦା ସୁଦୀର (୨୬)। ସେ ଜାଲ ଏନଇଏଫଟି ପେମେଣ୍ଟ କନଫର୍ମେଶନ୍ ଦେଖାଇ ୪୨,୦୦୦ ଟଙ୍କା ମୂଲ୍ୟର ଚଷମା ନେଇଥିଲେ। ସେ ନିଜ ମୋବାଇଲରେ ସଫଳ ଏନଇଏଫଟି କାରବାର ହୋଇଥିବା ଦର୍ଶାଇ ଶୋ'ରୁମ୍ କର୍ମଚାରୀଙ୍କୁ କହିଥିଲେ ଯେ, ଟଙ୍କା ଏକ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଜମା ହୋଇଯିବ। ତାଙ୍କ କଥାକୁ ବିଶ୍ୱାସ କରି ଶୋ'ରୁମ୍ କର୍ମଚାରୀ ଚଷମା ହସ୍ତାନ୍ତର କରିଥିଲେ। ଅଭିଯୁକ୍ତ ଜଣକ ଶୋ'ରୁମ୍ କର୍ମଚାରୀଙ୍କୁ ଏକ ସ୍କ୍ରିନସଟ୍ ଦେଖାଇ ଏନଇଏଫଟି ପେମେଣ୍ଟ ସଫଳ ହୋଇଥିବା ଦାବି କରିଥିଲେ। ଯେତେବେଳେ କର୍ମଚାରୀ କହିଥିଲେ ଯେ ଟଙ୍କା ଏପର୍ଯ୍ୟନ୍ତ ଶୌ'ରୁମ୍‌ର ବ୍ୟାଙ୍କ ଖାତାରେ ଜମା ହୋଇନାହିଁ, ସେ ନିଜକୁ ଜଣେ ସବ୍-କଲେକ୍ଟର ବୋଲି ପରିଚୟ ଦେଇ କହିଥିଲେ ଯେ ସେ ସର୍ବଦା ୟୁପିଆଇ ପରିବର୍ତ୍ତେ ଏନଇଏଫଟି ଟଙ୍କା ପୈଠ କରନ୍ତି।ଏନଇଏଫଟି ମାଧ୍ୟମରେ ଟଙ୍କା ଜମା ହେବାକୁ ସାଧାରଣତଃ ୩୦ ମିନିଟ୍‌ରୁ ୧ ଘଣ୍ଟା ସମୟ ଲାଗେ। ଶୋ'ରୁମ୍ କର୍ମଚାରୀଙ୍କ ବିଶ୍ୱାସ ହାସଲ କରିବା ପାଇଁ ସେ ନିଜର ମୋବାଇଲ୍ ନମ୍ବର ଓ ବ୍ୟବହୃତ ଗାଡ଼ିର ବିବରଣୀ ଦେଇଥିଲେ। ଏହି ମିଥ୍ୟା ଆଶ୍ୱାସନାକୁ ବିଶ୍ୱାସ କରି କର୍ମଚାରୀ ସନଗ୍ଲାସ୍ ହସ୍ତାନ୍ତର କରିଥିଲେ। କିନ୍ତୁ ଅଭିଯୁକ୍ତ ପ୍ରକୃତରେ କୌଣସି ଦେୟ ନକରି ସନଗ୍ଲାସ୍ ନେଇ ଶୋ'ରୁମ୍ ଛାଡ଼ି ଚାଲିଯାଇଥିଲେ।

ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ଦେଇଥିବା ମୋବାଇଲ୍ ନମ୍ବରରେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତ କୌଣସି କଲ୍‌ର ଉତ୍ତର ଦେଇନଥିଲେ। ବୈଷୟିକ ବିଶ୍ଳେଷଣ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ରାଜମହଲ ଛକ ନିକଟରୁ କାବୁ କରିଥିଲେ। ତଦନୁରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ସେ ନକଲି ଅନଲାଇନ୍ ପେମେଣ୍ଟ କନଫର୍ମେସନ୍ ଦେଖାଇ ସମାନ ଉପାୟରେ ହୋଟେଲ ଶିବାଲିକର ପରିଚାଳକଙ୍କ ସମେତ ଏକାଧିକ ଶୋ ରୁମ୍‌ରେ ଠକେଇ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ। ବ୍ରହ୍ମପୁର, ପାରାଦ୍ୱୀପ ଓ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ନିଜକୁ ସେ ଉପଜିଲ୍ଲାପାଳ ବୋଲି ପରିଚୟ ଦେଇ ଅନେକ ଲୋକଙ୍କଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଛି। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି।



# ଆପାର୍ଟମେଣ୍ଟରୁ ଚୋରି; ଜଣେ ଗିରଫ

ବ୍ରହ୍ମପୁର, ୨୭।୬ (ସମିସ): ଏକ ଆପାର୍ଟମେଣ୍ଟ ଭିତରେ ପଶି ଏକାଧିକ ମୋବାଇଲ ଓ ସାଇକଲ ଚୋରି କରିବା ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋଷାଣୀନୂଆଗାଁର ସଂଗ୍ରାମ ସାସମଲ(୨୩)। ସୂଚନାଥାଉକି, ୨୬ ତାରିଖ ବିଳମ୍ବିତ ରାତିରେ ଗୋଷାଣୀନୂଆଗାଁ ଠାରେ ଥିବା ଭରତବାଟିକା ଆପାର୍ଟମେଣ୍ଟ ଭିତରେ ଜଣେ ଦୁର୍ବୃତ୍ତ ପଶିବା ସହ ଏକାଧିକ ଲୋକଙ୍କ ଘରୁ ମୋବାଇଲ ଚୋରି କରିଥିଲେ।

ଏହାପରେ ଆପାର୍ଟମେଣ୍ଟ ପରିସରରେ ଥିବା ଏକ ସାଇକଲ ମଧ୍ୟ ଚୋରି କରି ନେଇ ଯାଇଥିଲେ। ଏହି ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସକାଳୁ ମୋବାଇଲ ଓ ସାଇକଲ ଗାଏବ ଥିବା ଜାଣିବା ପରେ ଆପାର୍ଟମେଣ୍ଟର ୩ ଜଣ ବାସିନ୍ଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତ ସଂଗ୍ରାମକୁ ଚିହ୍ନଟ କରିଥିଲା। ଆଜି ।ତାକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

# ବିଜେଡିର କ୍ଷୋଭ: ଛତିଶଗଡ଼ ନିକଟରେ ମୁଣ୍ଡ ବିକିଦେଲେ ଓଡ଼ିଶା ସରକାର

ଭୁବନେଶ୍ୱର,୨୭।୬(ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡ଼ିଶା ବିଜେପି ସରକାର। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡ଼ିଶା ସରକାର ନେବା ଦୁର୍ଭାଗ୍ୟଜନକ। ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡ଼ିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ। ଏଥିରୁ ସ୍ୱଷ୍ଟ ହେଉଛି ଯେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯର୍ଥାଥତା ନାହିଁ। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡ଼ିଶାରେ ଜଳ ପ୍ରବାହ ହ୍ରାସ ପାଇଛି। ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି। ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି।



ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଥିଲେ ଯେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ। ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି। ତୁଟକିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡ଼ିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ଼ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି। ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା

- ଯୁଗ୍ମ ବୈଷୟିକ କମିଟିର ତଥ୍ୟ ବାସ୍ତବତାରୁ ବହୁ ଦୂରରେ
- ଛତିଶଗଡ ଦାବିକୁ ମାନିନେଲେ ଓଡ଼ିଶା ବିଜେପି ସରକାର
- ମହାନଦୀ ଜଳ ବିବାଦରେ ଓଡିଶା ସରକାରଙ୍କ ପ୍ରତିବଦ୍ଧତା କୁଆଡେ ଗଲା?

ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି।

# ସମ୍ବଲପୁର ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ: ହାଇକୋର୍ଟ ମୁଖ୍ୟ ବିଚାରପତି

ସମ୍ବଲପୁର, ୨୭।୬ (ସମିସ) : ଅଦାଲତର କାର୍ଯ୍ୟଧାରାକୁ ସୁଗମ କରିବା ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ଜଣେ ସଫଳ ଆଇନଜୀବୀ ପାଇଁ ପୁସ୍ତକ ଓ ପାଠପଢ଼ିବା ଅଭ୍ୟାସର ବିକଳ୍ପ ଯାନ୍ତ୍ରିକ ପ୍ରଗତି ଦେଇପାରିବି ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ମତବ୍ୟକ୍ତ କରିଛନ୍ତି। ଏହାସହ ବିଚାରାଳୟରେ ଏକ ସୁସ୍ଥ ଏବଂ ଆଦର୍ଶ ଓକିଲ ସଂଘର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ଏବଂ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ବଲପୁର କୋର୍ଟ ପରିସରକୁ ଆସିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଓକିଲମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ସଭାପତି ଶ୍ରୀ ପୁରୋହିତ ସ୍ୱାଗତବକ୍ତବ୍ୟ ପ୍ରଦାନ କରିଥିବାବେଳେ ଉପସଭାପତି ରବି ରଞ୍ଜନ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ନ୍ୟାୟାଧୀଶ ଏବଂ ଅନ୍ୟାନ୍ୟ ବିଚାରପତି, ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ତଥା ସମସ୍ତ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଓକିଲ ସଂଘର ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଅଦାଲତ ଭଳି ସମ୍ବଲପୁରର ସମସ୍ତ କୋର୍ଟକୁ ଗୋଟିଏ କ୍ୟାମ୍ପସକୁ ଆଣିବା ପାଇଁ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେଥିପାଇଁ ଜାଗା ଚିହ୍ନଟକୁ ନେଇ କିଛି ଅସୁବିଧା ରହିଥିଲା। ତେବେ, ବର୍ତ୍ତମାନର କୋର୍ଟ ପରିସରରେ ପର୍ଯ୍ୟାପ୍ତ ସ୍ଥାନଥିବାରୁ ସମସ୍ତ କୋର୍ଟ ଏହିଠାରେ ଏକାସଙ୍ଗେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ପାରିତ ହୋଇଥିବା ସଭାପତି ଶ୍ରୀ ପୁରୋହିତ କହିଛନ୍ତି। ପରବର୍ତ୍ତୀ ସମୟରେ ସମ୍ବଲପୁର




ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ. ସଞ୍ଜୀବ ପାଣିଗ୍ରାହୀଙ୍କୁ ସର୍କିଟ୍ ହାଉସ୍‌ଠାରେ ସାକ୍ଷାତ କରି ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବିଶଦଭାବେ ଆଲୋଚନା କରିଥିଲେ। ନ୍ୟାୟାଧୀଶ ଡ. ପାଣିଗ୍ରାହୀ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ଆଜି ମୁଖ୍ୟ ବିଚାରପତିଙ୍କ ସମ୍ବଲପୁର ଅଦାଲତକୁ ଆସିଥିବାବେଳେ କୌଣସି ଆଲୋଚନା ପର୍ଯ୍ୟାଲୋଚନା ହୋଇନାହିଁ।

# ପଟ୍ଟାଦାର ବଦଳରେ ଜମିର ସତ୍ତ୍ୱ ସ୍ଥିତିବାନ ରେକର୍ଡ କରିବା ପାଇଁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୭।୬(ସମିସ): ଭୁବନେଶ୍ୱର ଶ୍ୟାମସୁନ୍ଦରପୁର ମୌଜାରେ ଏକ ଜମିର ସତ୍ତ୍ୱ 'ପଟ୍ଟାଦାର'ରୁ 'ସ୍ଥିତିବାନ'କୁ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଧବାନନ୍ଦ ମହାପାତ୍ର ଓ ଅନ୍ୟ ଦୁଇ ଜଣଙ୍କ ଆବେଦନର ଶୁଣାଣି କରି ୬ ସପ୍ତାହ ଭିତରେ ଏ ସଂକ୍ରାନ୍ତ ପଦକ୍ଷେପ ନେବାକୁ ଜଷ୍ଟିସ ଶଶିକାନ୍ତ ମିଶ୍ର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ସମୟରେ ହାଇକୋର୍ଟଙ୍କ ୨୦୨୬, ମେ ୨୨ର ରାୟ ପ୍ରସଂଗରେ ଆବେଦନକାରୀ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରାୟରେ ଜମି ରେକର୍ଡରେ ପ୍ରାକ୍-ସ୍ୱାଧୀନତା ଏବଂ ବ୍ରିଟିଶ ଅମଳର ପୁରୁଣା ଶବ୍ଦଗୁଡ଼ିକର ବର୍ତ୍ତମାନ ଯୁଗରେ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ହାଇକୋର୍ଟ କହିଥିଲେ।

ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୯୯୨ରେ ପଞ୍ଜୀକୃତ ବିକ୍ରି କବଲା ବଳରେ ସେ ଶ୍ୟାମସୁନ୍ଦରପୁର ମୌଜାରେ ୧୩୦ ଡିସିମିଲ ଜମି କିଣିଥିଲେ। ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କ ନାମରେ ଜାରି ପଟ୍ଟାରେ ଜମିର ସତ୍ତ୍ୱ 'ସ୍ଥିତିବାନ' ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ, ରାଜ୍ୟ ସରକାରଙ୍କ ଗତ ୨୦୨୫, ଜୁଲାଇ୨ର ଏକ ବିଜ୍ଞପ୍ତିକୁ ଆଧାର କରି ଭୁବନେଶ୍ୱର ତହସିଲଦାର ନିଜ ଆଡୁ ମାମଲା ରୁଜୁ କରି ଏହି ଜମିର ସତ୍ତ୍ୱକୁ 'ସ୍ଥିତିବାନ'ରୁ 'ପଟ୍ଟାଦାର'କୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥିତିବାନ ଜମିର ସତ୍ତ୍ୱକୁ ପଟ୍ଟାଦାର ପରିବର୍ତ୍ତନ କରିବାକୁ ତହସିଲଦାର ପ୍ରଦାନ କରିଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଅନିମା କୁମାରୀ ଦେଇ ମାମଲା ପରିଚାଳନା କରୁଥିଲେ।

### ନନ୍ଦନକାନନରେ ଖୁଲମ୍‌ଖୁଲା ଲୁଟ୍: ସରକାରୀ ବୋର୍ଡକୁ ଆଖିରେ ଆଙ୍ଗୁଠି

# ଡିସ୍‌ପ୍ଲେରେ ୧୦୦, ରେଟ୍ ଚାର୍ଟରେ ୧୦୦, ମଗାଯାଉଛି ୧୩୦

ବାରଙ୍ଗ, ୨୭।୬ (ସମିସ): ସାରା ଓଡ଼ିଶାକୁ ନନ୍ଦନକାନନ ସ୍ୱତନ୍ତ୍ର ପରିଚୟ ଦେଇ ଆସିଛି। ଏହା ପର୍ଯ୍ୟଟନ, ବିକାଶ ଓ ଆର୍ଥିକ ଅଭିବୃଦ୍ଧିର ଗୌରବ ମଣ୍ଡନ କରିଆସୁଛି। ଯାହା ଏବେ ବିଭିନ୍ନ ପ୍ରକାର ଠକେଇର ଅଡ୍ଡା ପାଲଟିଛି। ଯେଉଁ ନନ୍ଦନକାନନକୁ ଦେଖିବାକୁ ଦେଶ-ବିଦେଶରୁ ପର୍ଯ୍ୟଟକ ଧାଇଁ ଆସନ୍ତି, ମୁଖ୍ୟ ଫାଟକରେ ହିଁ ସେମାନଙ୍କୁ ଠକେଇର ଶିକାର ହେବାକୁ ପଡୁଛି। ସରକାରୀ ବୋର୍ଡକୁ ବେଖାତିର କରି ଖୋଲାଖୋଲି ପର୍ଯ୍ୟଟକଙ୍କୁ ଲୁଟାଯାଉଛି। ପାଣି ବୋତଲ ଷ୍ଟିକରକୁ ନେଇ ଏଠାରେ ଠକେଇ ଅଭିଯୋଗ ହୋଇଥିବା ବେଳେ ଏବେ ବ୍ୟାଟେରୀଚାଳିତ ଗାଡ଼ି ଟିକେଟ ମୂଲ୍ୟକୁ ନେଇ ପର୍ଯ୍ୟଟକ ପ୍ରତାରଣାର ଶିକାର ହେଉଥିବା ଘଟଣା ସାମନାକୁ ଆସିଛି।

ଟିକେଟ୍ କାଉଣ୍ଟର ପାଖ ଡିଜିଟାଲ୍ ଡିସପ୍ଲେରେ ସ୍ପଷ୍ଟ ଭାବେ ଲେଖା ଅଛି: "ବ୍ୟାଟେରୀ ଚାଳିତ ଗାଡ଼ି: ଜଣେ ବ୍ୟକ୍ତି ପାଇଁ ୧୦୦ ଟଙ୍କା'। କାଉଣ୍ଟର ପାଖରେ ଲାଗିଥିବା ବୋର୍ଡରେ ମଧ୍ୟ ୧୦୦ ଟଙ୍କା ଦର ଉଲ୍ଲେଖ ଅଛି; କିନ୍ତୁ ଆଶ୍ଚର୍ଯ୍ୟର କଥା, କାଉଣ୍ଟରରେ ପର୍ଯ୍ୟଟକଙ୍କଠାରୁ ୧୩୦ ଟଙ୍କା ଆଦାୟ କରାଯାଉଛି। ଠକେଇ ଏତିକିରେ ସରିନି। ଟିକେଟ କାଉଣ୍ଟର ପାଖରେ କେବଳ ଓଡ଼ିଆ ଭାଷାରେ ଲେଖାଥିବା ଅନ୍ୟ ଏକ ବୋର୍ଡ ଦେଖିବାକୁ



ମିଳିଛି; ଯେଉଁଥିରେ କାଗଜରେ ୧୩୦ ଟଙ୍କା ଲେଖି ଲଗାଯାଇଛି। ଗୋଟିଏ ସ୍ଥାନରେ ୨ଟା ଅଲଗା ଦର: ୧୦୦ ଓ ୧୩୦। ପ୍ରଶ୍ନ ଉଠୁଛି, କେଉଁଟା ଅସଲ ଦର ? ଏନେଇ କଲିକତାରୁ ଆସିଥିବା ବିକାଶ ଯାଦବ କୁହନ୍ତି, "ଆମେ ଡିସପ୍ଲେ ଦେଖି ୧୦୦ ଟଙ୍କା ଭାବି ଧାଡ଼ିରେ ଠିଆ ହେଲୁ। କାଉଣ୍ଟରରେ ୧୩୦ ମାଗିଲେ। ପଚାରିବାରୁ କହିଲେ, ଦର ବଢ଼ିଛି। ତେବେ ବୋର୍ଡ ବଦଳାଉନାହାନ୍ତି କାହିଁକି'? ଏହା କ'ଣ ଇଚ୍ଛାକୃତ ଠକେଇ ନା କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ? ଯଦି ଦର ୧୩୦, ତେବେ ଡିଜିଟାଲ୍ ଡିସପ୍ଲେ

### ସିସିଟିଭି ତଳେ ଚାଲିଛି ଠକେଇର କଳା କାରବାର

ଓ ମୁଖ୍ୟ ବୋର୍ଡରେ ଏବେ ବି ୧୦୦ କାହିଁକି ଦେଖାଇଛି ? କେବଳ ଓଡ଼ିଆ ବୋର୍ଡରେ କାଗଜ ମାରି ୧୩୦ ଲେଖିବା କ'ଣ ବାହାର ରାଜ୍ୟ ପର୍ଯ୍ୟଟକଙ୍କୁ ଅନ୍ଧାରରେ ରଖିବା ପାଇଁ ଚାଲ୍ ନୁହେଁ ତ? ଏହି ଅଧିକ ଟଙ୍କା ସରକାରୀ ରାଜକୋଷକୁ ଯାଉଛି ନା କାହା ପକେଟକୁ? ଏମିତି ଅନେକ ପ୍ରଶ୍ନ ସାଧାରଣରେ ସୃଷ୍ଟି କରିଛି। ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ମିଟାସେଙ୍କୁ ପଚାରିବାରୁ ସେ କହନ୍ତି, ଦର କେବଳ ୧୦୦ ଟଙ୍କା। ଠିକା ସଂସ୍ଥାକୁ ଲୋକଙ୍କଠାରୁ ଅଧିକ ଦେୟ ନ ନେବାକୁ ନୋଟିସ ଜାରି କରାଯାଇଛି। ଯଦି ଏହା ପୁନରାବୃତ୍ତି ହୁଏ, ତେବେ ଚୁକ୍ତିନାମା ସର୍ତ୍ତାବଳୀ ଅନୁସାରେ ଜରିମାନା ଆଦାୟ କରାଯିବ।

ନନ୍ଦନକାନନ ଭଳି ଜାତୀୟ ସ୍ତରର ପ୍ରାଣୀ ଉଦ୍ୟାନରେ ଏଭଳି ଅବ୍ୟବସ୍ଥା ରାଜ୍ୟର ଛବିକୁ କ୍ଷୁଣ୍ଣ କରୁଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ସେମାନଙ୍କ ବିଶ୍ୱାସ ସହ ଖେଳିବା ଅଧିକାର କାହାର ନାହିଁ। ବାହାର ରାଜ୍ୟର ପର୍ଯ୍ୟଟକ ଏଠି ଠକାମୀର ଶିକାର ହୋଇ ଓଡ଼ିଶାର ଅସ୍ମିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜନତାଙ୍କ ପଇସାକୁ ଏମିତି ଲୁଟିବା ବନ୍ଦ କରାଇବା ସହିତ ନନ୍ଦନକାନନ ଉଚ୍ଚ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

- ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ନିଯୁକ୍ତି

# ଓଏଫଡିସିରେ ୧୧ ଅଧିକାରୀଙ୍କ ନିଯୁକ୍ତି ଆଦେଶ ରଦ୍ଦ

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି) ଅଧୀନରେ ୧୧ ଜଣ ଡିଭିଜିନାଲ ମ୍ୟାନେଜରଙ୍କ ନିଯୁକ୍ତିକୁ ନିଗମର ଅଧ୍ୟକ୍ଷ ରଦ୍ଦ କରି ଦେଇଛନ୍ତି। ଅଧ୍ୟକ୍ଷଙ୍କ ଅନୁମୋଦନ ଏହି ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ତତ୍‌କ୍ଷଣାତ ପ୍ରଭାବରେ ରଦ୍ଦ କରାଯାଇଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଏହି ନିଯୁକ୍ତିଗୁଡ଼ିକ ଓଏଫଡିସି ସର୍ଭିସ ରୁଲ୍‌ର ନିୟମ ୮.୨ ଏବଂ ୮.୧୩କୁ ଉଲ୍ଲଂଘନ କରି ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିଯୁକ୍ତି ବେଳେ ଅଧ୍ୟକ୍ଷଙ୍କ ଅନୁମୋଦନ ନିଆଯାଇନଥିଲା। ନିଗମ ପକ୍ଷରୁ ସ୍ୱଷ୍ଟ କରାଯାଇଛି ଯେ, ପୂର୍ବରୁ ସମସ୍ତ ବଦଳି ଓ ନିଯୁକ୍ତି କାର୍ଯ୍ୟ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ହେଉଥିଲା, ମାତ୍ର ଏହି ୧୧ଟି ନିଯୁକ୍ତି ଅନଧିକୃତ ଏବଂ ଅନୁପଯୁକ୍ତ ଭାବେ ହୋଇଥିଲା।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଡପଲର୍ ରାଡାର୍; ମିଳିବ ପାଣିପାଗର ସଠିକ୍ ସୂଚନା

ସମ୍ବଲପୁର, ୨୭।୬ (ସମିସ) : ପଶ୍ଚିମ ଓଡ଼ିଶାରେ କୁଆପଥର ମାଡ଼, ଅଦିନିଆ ବର୍ଷା ଆଦି ଚାଷୀଙ୍କ ପ୍ରମୁଖ ସମସ୍ୟା। ଏହାର ପୂର୍ବାନୁମାନ କରାଯାଇ ପାରୁନାହିଁ। ପୁଣି, ଅପ୍ରତ୍ୟାଶିତ ପାଣିପାଗକୁ ନେଇ ରାଡାର ଅତ୍ୟାବଶ୍ୟକ। ସେଟ୍‌ଲାଇଟ୍ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ପୂର୍ବାନୁମାନ କରିପାରି ନ ଥିବାବେଳେ ରାଡାର୍ ଦ୍ୱାରା ଏହା ସମ୍ଭବ। ସି-ବ୍ୟାଣ୍ଡ ରାଡାର ଉନ୍ନତଧରଣର ଥିବାବେଳେ ପାଣିପାଗର ସଠିକ୍ ଓ ସମୟାନୁଯାୟୀ ପୂର୍ବାନୁମାନ କରିଥାଏ। ୨୦୧୫ରେ ଗୋପାଳପୁର ସହିତ ସମ୍ବଲପୁରରେ ରାଡାର ସ୍ଥାପନ ହେବା କଥା। ଗୋପାଳପୁରରେ ରାଡାର କେବେଠାରୁ କାର୍ଯ୍ୟକ୍ଷମ ହେଲାଣି, କିନ୍ତୁ ଏପର୍ଯ୍ୟନ୍ତ ସମ୍ବଲପୁରରେ ହୋଇପାରିନାହିଁ। ଓଡ଼ିଶାର ରାଡାର୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା ଆଦି ଖାଲି ଜାଗା (ବ୍ଲକ୍ ସ୍ପେସ୍) ରହିଯାଉଥିବା କୁହାଯାଉଛି। ପଶ୍ଚିମ ଓଡ଼ିଶା ସେକ୍ଟର 'ଶୂନ' ରହିଛି, କୌଣସି ରାଡାର ନାହିଁ। ୨୦୧୫ରେ ସମ୍ବଲପୁର ସକାଶେ ଅନୁମୋଦନ ପରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅଧୀନ ତାଲବ ପଞ୍ଚାୟତ ମଧୁପୁର ମୌଜାରେ ଉକ୍ତ ରାଡାର୍ ସ୍ଥାପନ ପାଇଁ କୋଠା ନିର୍ମାଣ କରାଯାଇଛି। କିନ୍ତୁ କୋଠାଟି ବହୁବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିବା ସହ ଖତ ଖାଇଲା। ବିଭିନ୍ନ ମହଲରେ ଅଭିଯୋଗ ପରେ ଗତ ୨୦୨୪ରେ ସରକାର ତତ୍ପରତା ପ୍ରକାଶ କରି ରାଡାର ସଂସ୍ଥାପନ (ଇନ୍‌ଷ୍ଟଲେସନ) କାର୍ଯ୍ୟ ଆରମ୍ଭ କରିଛନ୍ତି।

ରାଜ୍ୟର ପଶ୍ଚିମ କ୍ଷେତ୍ରର ପାଣିପାଗ ପୂର୍ବାନୁମାନ ଓ ସତର୍କତା ସୂଚନା ପାଇଁ କୌଣସି ରାଡାର ନାହିଁ। ଏପରିକି ଓଡ଼ିଶା କିମ୍ବା ପଡ଼ୋଶୀ ରାଜ୍ୟର ରାଡାର ମଧ୍ୟ ସମ୍ବଲପୁର ଓ ଆଖପାଖ ଜିଲ୍ଲାକୁ କଭର୍ କରୁନାହିଁ। ଫଳରେ ସମ୍ବଲପୁରରେ ଏକ ଡପଲର୍ ରାଡାର ପ୍ରତିଷ୍ଠା ପାଇଁ ୨୦୧୫ ରେ ମଞ୍ଜୁର ହୋଇଥିଲା। ଏଥିପାଇଁ କାର୍ଯ୍ୟ ମଧ୍ୟ ଜୋରସୋର୍‌ରେ ଆରମ୍ଭ କରାଯାଇଥିଲା। ବହୁତଳ କୋଠା ନିର୍ମାଣ କରାଯାଇ ବର୍ଷବର୍ଷ ଧରି ପଡ଼ିରହିବା ଫଳରେ କବାଟ, ଝରକା ତଥା ବିଦ୍ୟୁତ୍ ସଂଯୋଗ ଉପକରଣ ଚୋରି ମଧ୍ୟ ହୋଇଯାଇଥିଲା। ଗତ ୨୦୨୪ ଏପ୍ରିଲ ୫ ତାରିଖରେ ସମ୍ବଲପୁର ସକାଶେ ଡପଲର୍ ରାଡାର୍‌ର ଉପକରଣ ଆସି ଭୁବନେଶ୍ୱର ପହଞ୍ଚିଥିବା ଏବଂ ଦୁଇମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଭୁବନେଶ୍ୱରରେ ମାସ ମାସ ଧରି ପଡ଼ି ରହିବା ସହ ଉକ୍ତ ଉପକରଣ ବାଲେଶ୍ୱର ଡପ୍‌ଲର୍ ପ୍ରକଳ୍ପରେ ବ୍ୟବହୃତ ହେବାକୁ ଯାଉଛି ବୋଲି ସୂଚନା ମିଳିବାପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା



ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାର ଏକ ବଡ଼ ଅଞ୍ଚଳ ପାଇଁ ରାଡାର୍‌ର କୌଣସି ସୁବିଧା ନାହିଁ। ପାରାଦୀପ ଓ ଦୀଘା ରାଡାର ବାଲେଶ୍ୱର ଅଞ୍ଚଳକୁ କଭର୍ କରୁଥିବାବେଳେ ସେଠାରେ ଏକ ନୂତନ ରାଡାର୍ ସ୍ଥାପନକୁ କାହିଁକି ପ୍ରାଧାନ୍ୟ ଦିଆଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା। ଏହାପରେ ୨୦୨୪ ଡିସେମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଡାର କେନ୍ଦ୍ର ପରିଦର୍ଶନ କରି କୋଠା ନିର୍ମାଣ ଓ ସଂସ୍ଥାପନ ପ୍ରକ୍ରିୟା ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କୋଠାର ପୁନର୍ନିର୍ମାଣ ସହ ସମ୍ପ୍ରତି ରାଡାର୍ ସଂସ୍ଥାପନ (ଇନ୍‌ଷ୍ଟଲେସନ୍) କାମ ଜୋର୍‌ସୋର୍‌ରେ ଚାଲିଥିବାବେଳେ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଗୁରୁବାର ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ରାଡାର ପ୍ରକଳ୍ପର ସମୀକ୍ଷା କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରରେ ସି-ବ୍ୟାଣ୍ଡ ଡପ୍‌ଲର ପାଣିପାଗ ରାଡାର ରାଜ୍ୟର ପାଣିପାଗ ନିରୀକ୍ଷଣ କ୍ଷମତାକୁ ବିସ୍ତାର କରିପାରିବ। ସି-ବ୍ୟାଣ୍ଡ ରାଡାରଗୁଡ଼ିକ ଦୀର୍ଘ-ଦୂରତା ଚିହ୍ନଟ ଏବଂ ଉଚ୍ଚ ରିଜୋଲ୍ୟୁସନ ମଧ୍ୟରେ ଏକ ଆଦର୍ଶ ସନ୍ତୁଳନ ରକ୍ଷା କରେ। ୨୫୦ କିଲୋମିଟର ପର୍ଯ୍ୟନ୍ତ ଏହି ରାଡାର ପ୍ରଭାବଶାଳୀ ରହିବ। ଡପଲର ରାଡାର ଷ୍ଟେସନର ପାଞ୍ଚ ମହଲା କୋଠା ୧୧,୧୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମାଣ କରାଯାଉଛି। କୋଠା ଓ ରାଡାର ସଂସ୍ଥାପନରେ ମୋଟ ୫ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ସମ୍ବଲପୁରରେ ସ୍ଥାପନ ହେଉଥିବା ରାଡାର ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାକୁ କଭର୍ କରିବାସହ, ହୀରାକୁଦ ଡ୍ୟାମର ଜଳ ପରିଚାଳନା, ବିଶେଷକରି ବନ୍ୟା ପୂର୍ବାନୁମାନ, କ୍ଷେତ୍ର ସୁରକ୍ଷାରେ ଉନ୍ନତି ଏବଂ ଭିତ୍ତିଭୂମି ବିକାଶରେ ଏହି ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଜଣାପଡ଼ିଛି।

# ଆଖଡ଼ା ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ; ୧୦ରୁ ଅଧିକ ଆହତ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରରେ ଶୁକ୍ରବାର ବିଳମ୍ବିତ ରାତିରେ ଆଖଡ଼ା ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି। ଉକ୍ତ ଶୋଭାଯାତ୍ରା ବାଲେଶ୍ୱର ସହର ପରିକ୍ରମା ପାଇଁ ବାହାରି ଥିବା ବେଳେ ଭୋର ସମୟରେ ଦରଘା ମଇଦାନ ନିକଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ଟେକା ପଥର ମାଡ଼ କରି ପ୍ରାୟ ୧୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣା ଯାଇଛି। ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଘଟଣା ସ୍ଥଳରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ବୁଝାସୁଝା କରିଥିଲେ। ଏସପିଙ୍କ କଡ଼ା ନିର୍ଦ୍ଦେଶରେ ଅଞ୍ଚଳକୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଅନ୍ୟପଟେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଘଟଣାକୁ ଗୁରୁତ୍ୱର ସହ ପୁଲିସ୍ ନେଇଛି। ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦିବ୍ୟ ଜ୍ୟୋତି ଦାଶ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


# ଆସନ୍ତା ୨୯ ରେ ଆନ୍ଦୋଳନ କରିବେ ଶିକ୍ଷକ ଓ କର୍ମଚାରୀ

ଭୁବନେଶ୍ୱର, ୨୭।୬(ସମିସ): ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅନୁଦାନ ଦେଉ ନାହାନ୍ତି। କାର୍ଯ୍ୟରତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ଶିକ୍ଷା ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ପ୍ରତିବାଦ କରି ଆସନ୍ତା ୨୯ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା କହିଛନ୍ତି ଯେ ଶିକ୍ଷକ ଓ କର୍ମଚାରୀଙ୍କୁ ସମାନ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କେବଳ ଭାଷଣରେ ସୀମିତ ରହିଛି। ସରକାରୀ, ପୂର୍ଣ୍ଣଅନୁଦାନ ପ୍ରାପ୍ତ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରୁଛନ୍ତି। ଏଣୁ ସେମାନଙ୍କ ସମସ୍ତ ଦାବିକୁ ତୁରନ୍ତ ପୂରଣ କରା ନଗଲେ ଆଗକୁ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସମିତର ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

### ଝାରସୁଗୁଡ଼ା ପକ୍ସୋ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୩୦ ବର୍ଷୀୟ ଯୁବକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୨୭।୬ (ସମିସ): ଝାରସୁଗୁଡାସ୍ଥିତ ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଣେ ୬ ବର୍ଷର ନାବାଳିକାକୁ ଯୌନ ନିର୍ଯାତନା ଦେବା ମାମଲାରେ ଏକ ୩୦ ବର୍ଷୀୟ ଯୁବକକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅନ୍ତର୍ଗତ ଆଇବି ଥର୍ମାଲ୍ ପମ୍ପହାଉସ୍‌ପଡ଼ାର ବାସିନ୍ଦା ଅଜୟ ସିଂହଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର କୋର୍ଟ ବିଚାରପତି ସୁଶ୍ରୀ ପୂଜା ସାରଙ୍ଗୀ ପକ୍ସୋ ଆକ୍ଟର ଧାରା ୬ ଏବଂ ଭାରତୀୟ ନ୍ୟାୟ ସଂହିତା , ୨୦୨୩ ର ଧାରା ୬୫(୨) ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଜୟ ସିଂହଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ବାବଦ ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ୨୨ ଜୁନ୍‌ରେ ଏଭଳି ଜଘନ୍ୟ କାଣ୍ଡ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଜୟ ସିଂହଙ୍କୁ ଗିରଫ କରିଥିଲା। ୧ବର୍ଷ ମଧ୍ୟରେ ଏହି ମାମଲାର ବିଚାର କରାଯାଇ ଦୋଷୀଙ୍କ ବିରୋଧରେ କୋର୍ଟ ଦଣ୍ଡବିଧାନ କରିଛନ୍ତି।


ତାରିଖ- ୨୮.୦୬.୨୦୨୬, ରବିବାର
କାର୍ଯ୍ୟକ୍ରମ
ପୂର୍ବାହ୍ନ ୮ଘ. ୩୦ମିନିଟ୍:
ସ୍ମୃତି ବନଠାରେ ବୃକ୍ଷ ପୂଜା
ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ।
-ନିବେଦକ-
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ, ଭୁବନେଶ୍ୱର
- ପରିବାର ପକ୍ଷରୁ -

# ‘ରଜ କୁଇନ୍’ ଗ୍ରାଣ୍ଡ ଫିନାଲେରେ ଅନୁଭବ



ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ ‘ଜୀ ସାର୍ଥକ’ର ବହୁ ଚର୍ଚ୍ଚିତ ରିଆଲିଟି ଶୋ’ ‘ରଜ କୁଇନ୍’ ଆରମ୍ଭ ହୋଇଯାଇଛି । ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି । ଏହି ମହାମୁକାବିଲା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଯାଇଛି ।

ଏହା ଜୁନ୍ ୨୮ , ଜୁଲାଇ ୪ ଓ ୫ ତାରିଖରେ ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ । ଫିନାଲେର ପ୍ରଥମ ସପ୍ତାହ ଧମାକାଦାର ହେବ । ଯାହାର ନାମ ରଖାଯାଇଛି ‘ବାଲୁଙ୍ଗା ୱିକେଣ୍ଡ’ । ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର ‘ଛକିଶୂନ’ର ସମ୍ପୂର୍ଣ୍ଣ ଟିମ୍ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ‘ଛକିଶୂନ’ ଟିମ୍ ପକ୍ଷରୁ ଏକ ଦମ୍‌ଦାର ସ୍ପେଶାଲ୍ ପର୍ଫମାନ୍ସ ଦେଖିବାକୁ ମିଳିବ । ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ । କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ୍ୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ଏହି ଗ୍ରାଣ୍ଡ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ‘ତୁ ଖରା ମୁଁ ଛାଇ’ର ଅଭି ଓ ମାନି, ‘ସାଥି ସାତ ଜନ୍ମର’ର ଦେବ୍ ଓ ଅର୍ଚ୍ଚନା, ‘ସୁନା ଝିଅ’ର ସମ୍ଭବ ଓ ବଂଶୁ ଏବଂ ‘ମୁଁ ନୁହେଁ ମୁଁ ତୁମ ବିନା’ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି ।

# ୪୫ ଡିଗ୍ରୀ ତାପମାତ୍ରାରେ ଗୀତ ସୁଟିଂ



ପରଦା ପଛର କାହାଣୀ

ସୁପରଷ୍ଟାର ଅମିର ଖାନ୍ ନିଜ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ ‘ଲଗାନ’ ଅନ୍ୟତମ । ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ତାଙ୍କ କ୍ୟାରିୟରରେ ବିରାଟ ପରିବର୍ତ୍ତନ ଆଣିଥିଲା । ଫିଲ୍ମର କାହାଣୀ, ଅଭିନୟ ଏବଂ ଗୀତ ଅଦ୍ୟାବଧି ଲୋକଙ୍କ ମନରେ ଜୀବନ୍ତ ହୋଇରହିଛି । ଫିଲ୍ମର ଏକ ଗୀତ ରହିଛି “ଚଲେ ଚଲୋ....” । ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମରେ ‘ଗୋଲି’ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଦୟାଶଙ୍କର ପାଣ୍ଡେ ଏହି ଗୀତର ସୁଟିଂ ସମୟର କିଛି ସ୍ମରଣୀୟ ମୁହୂର୍ତ୍ତ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ “ଚାଲେ ଚଲୋ...” ଗୀତଟି ଭୀଷଣ ଗରମରେ ସୁଟିଂ ହୋଇଥିଲା । ଏହି ଗୀତ ସୁଟ୍ କରିବାରେ କଳାକାରମାନେ ଝାଳରେ ଗାଧୋଇ ପଡ଼ିଥିଲେ । ପ୍ରାୟ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଏହି ଗୀତ ସୁଟିଂ ହୋଇଥିଲା । ଏପରିକି ସେଟ୍‌ରେ ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ଗରମ ଏତେ ହେଉଥିଲା ଯେ ଜଣଙ୍କ ପରେ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଥିଲା । ଏପରିକି ଝାଞ୍ଜି ପବନ ବହିବା ସହ ଧୂଳି ମଧ୍ୟ ପଡୁଥିଲା । ଗୀତରେ ସଂଘର୍ଷର ଦୃଶ୍ୟ ଦେଖାଇବା ପାଇଁ କଳାକାରଙ୍କ ଉପରକୁ ଧୂଳି ମଧ୍ୟ ଫୋପଡ଼ା ଯାଉଥିଲା । ଏଥିରେ ସେମାନଙ୍କ ପରିଶ୍ରମ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା । ବହୁତ କଷ୍ଟମଷ୍ଟେ ଏହି ଗୀତର ସୁଟିଂ ସମ୍ଭବ ହୋଇଥିଲା । ଏହି ଗୀତ ସୁଟିଂରେ କଳାକାରମାନେ ଏତେ ବିରକ୍ତ ହୋଇଥିଲେ ଯେ, ଶେଷରେ ସେମାନେ ଅମିର୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋବାରିକରଙ୍କ ଉପରେ ରାଗି ଯାଇଥିଲେ । ଏପରିକି ସେମାନଙ୍କୁ ସ୍ୱାର୍ଥପର ବୋଲି ଭାବି ନେଇଥିଲେ । ହେଲେ ଏସବୁ ଗୀତର ଡିମାଣ୍ଡ ଅନୁସାରେ ସୁଟ୍ ହୋଇଥିଲା । ଆଶୁତୋଷ ଗୋବାରିକର ଗାଁ ଲୋକଙ୍କ ମୁହଁରେ ସଂଘର୍ଷ ଏବଂ ସାହସ ଦେଖାଇବାକୁ ଚାହୁଁଥିଲେ ।

# ‘ଲାଇନ୍ ବାଲା’ରେ ସମ୍ବିତ ଓ ସ୍ୱପ୍ନାଙ୍କ ଯୋଡ଼ି

ଶ୍ରୀହରି ମୋସନ ପିକ୍‌ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ‘ଲାଇନ୍‌ବାଲା’ ଜୁଲାଇ ୧୦ ତାରିଖରେ ରିଲିଜ୍ ହେବ । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛାଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡ଼ିଛି । ଆମେ ଅପେକ୍ଷା କରିଥାଉ ସଟ୍ ଡାଉନ୍ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢ଼ି ଅଭିନୟ କରିଛନ୍ତି । ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର୍ ସବୁ ବ୍ୟବସ୍ଥା କରିଥିଲେ । ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ୍‌ରେ ରହୁଥିଲେ । ସିନେମାକୁ ବାସ୍ତବଧର୍ମୀ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ବୈଦ୍ୟନାଥ ଦାଶଙ୍କ ଗୀତ ସହିତ ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ ।



ଟେଲିଭିଜନ ପ୍ରିମିୟର


# ରଙ୍ଗଶୂର

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଓଡ଼ିଶାର ସମୃଦ୍ଧ ଲୋକକଳା ‘ବାଘ ନାଚ’ ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର ‘ରଙ୍ଗଶୂର’ର ଟେଲିଭିଜନ ପ୍ରିମିୟର ହେବ । ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି । ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲ ପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ । ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି । କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ । ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି । ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା । ମୁନ୍ ଟିଭି ଆସୋସିଏସନ୍ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତୃଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ।



ସା କ୍ଷା ତ କା ର

# ‘ପ୍ରଥମ ପାରିଶ୍ରମିକରେ ଋଣ ଶୁଝିଥିଲି’



ଚିନ୍ମୟ ମହାନ୍ତି, ଅଭିନେତା

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକ କରୁଥିଲେ । ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । ‘ଆହେ ନୀଳ ଶୈଳ’ ନାଟକର ଜଗୁନି ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଉଛନ୍ତି ଯାଜପୁର ଟାଉନ୍‌ର ଚିନ୍ମୟ ମହାନ୍ତି । ‘ମୋ ଦେହେ ବୋଲିଦେ ତୋ ଦେହ କଳା’ ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏବେ ସେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ମଞ୍ଚ ଅଭିନେତାରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ୨୦୧୭ ମସିହାରେ ମୋତେ ଜଣେ ଅଭିନୟ ବିଷୟରେ କହିବା ପରେ ଏହି ଲାଇନ୍‌ରେ ଯିବାକୁ ଇଚ୍ଛା ରଖି ମୁଁ ବମ୍ବେ ଗଲି । ଅନୁପମ ଖେର୍ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ମୁଁ ପାସ୍ ଆଉଟ୍ । ଥିଏଟର୍ କରୁଥିଲି । ‘ରେବତୀ’, ‘ସାହାଯ୍ୟକାରିଣୀ’, ‘ଆହେ ନୀଳ ଶୈଳ’, ‘ଅଦୃଶ୍ୟ ନଟ’, ‘ଅଶ୍ୱତ୍ଥାମା’, ‘ବିଷକନ୍ୟା’ ଆଦି ଅନେକ ମଞ୍ଚ ନାଟକରେ ଅଭିନୟ କରିଛି । ‘ଆହେ ନୀଳ ଶୈଳ’ର ‘ଜଗୁନି’ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେବେ ଥିଏଟର କରିବା ସମୟରେ ଜଣେ ନିର୍ଦ୍ଦେଶକ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ମଞ୍ଜରୀ ଚ୍ୟାନେଲ୍‌ର ‘ମୋ ଦେହେ ବୋଲିଦେ ତୋ ଦେହ କଳା’ ମୋର ପ୍ରଥମ ଧାରାବାହିକ । ଏଥିରେ ନାୟିକାଙ୍କ ଦିଅର ‘ଦେବ’ ଚରିତ୍ର ମୋତେ ମିଳିଥିଲା । ଏହାପରେ ମୁଁ ‘ଅନୁରାଧା’ ଆଉ ଏବେ ‘ସାଥି ସାତ ଜନ୍ମର’ ଧାରବାହିକରେ ଅଭିନୟ ଜାରି ରଖିଛି ।

**ତାଲିମ ନେବା ପରେ ଅଭିନୟ କରିବାକୁ ସହଜ ହୋଇଛି କି?**

● ଆଜ୍ଞା, ବହୁତ ସହଜ ହୋଇଛି । ମଞ୍ଚରେ ଦର୍ଶକଙ୍କୁ କେମିତି ସାମ୍ନା କରିବାକୁ ହୁଏ, ଜୀବନ୍ତ ଅଭିନୟ, ଭୟ କେମିତି ଛାଡ଼ିବ ସବୁକିଛି ଶିଖାଯାଉଥିଲା । ଯାହାକି ଏବେ ମୋତେ ଏହି ଲାଇନ୍‌ରେ ଆଗକୁ ବଢ଼ିବାକୁ ସାହସ ଦେଉଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ଥିଏଟର ଏବଂ କ୍ୟାମେରା ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା । ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରା ସାମ୍ନାରେ ପ୍ରଥମେ ଟିକେ ଭୟ ଲାଗିଥିଲା । କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହେଉଥିବାରୁ କ୍ୟାମେରା ସାମ୍ନାରେ ସହଜ ହେବାକୁ ମୋତେ ଗୋଟିଏ ମାସ ସମୟ ଲାଗିଥିଲା ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଦର୍ଶକୀୟ ପ୍ରଶଂସା ଦେଇଛି?**

● ‘ମୋ ଦେହେ ବୋଲିଦେ ତୋ ଦେହ କଳା’ ଧାରାବାହିକର ‘ଦେବ’ ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଥିଲେ । ଏଥିରେ ଅଭିନୟ କରିବାର ମାତ୍ର ୧୫ ଦିନ ପରେ ଦର୍ଶକଙ୍କ ପ୍ରତିକ୍ରିୟା ମିଳିପାରିଥିଲା । ଦର୍ଶକଙ୍କ ଭଲ ପାଇବା ମୋତେ ଆଗକୁ ଦେବାକୁ ପ୍ରେରଣା ଯୋଗାଇଥିଲା ।

**ପ୍ରଥମ ପାରିଶ୍ରମିକରେ କ’ଣ କରିଥିଲେ?**

● ଅଭିନୟ ଜଗତରେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମ ପାରିଶ୍ରମିକରୁ ମୁଁ ମୋର ସବୁ ଋଣ ଶୁଝି ଥିଲି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ’ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବାକୁ ଚତୁଃପାର୍ଶ୍ୱର ସମସ୍ତଙ୍କଠାରୁ କିଛି ନା କିଛି ଶିଖି ତାହାକୁ ଅଭିନୟ ସହିତ ସଂଯୋଗ କରେ । ଏହାଦ୍ୱାରା ଅଭିନୟ ଜୀବନ୍ତ ଲାଗେ ।

**ଆଗାମୀ ଯୋଜନା କ’ଣ ରହିଛି?**

● ଏବେ ଧାରାବାହିକରେ କାମ ଚାଲିଛି । ଆଗକୁ ସୁଯୋଗ ମିଳିଲେ ମୁଁ ବଡ଼ ପରଦାରେ କାମ କରିବି । ଥିଏଟର କେବେ ବି ଛାଡ଼ିବିନି । କାରଣ ଥିଏଟରର ମଜା ସବୁବେଳେ ରହିବ ।

**ଅଭିନୟରେ ରୁଚି ରଖୁଥିବା ପିଲାଙ୍କୁ କ’ଣ କହିବେ?**

● ଯେଉଁମାନେ ବି ଏଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ଆଗେ ଶିଖିକରି ଆସନ୍ତୁ । କେଉଁଠି ନା କେଉଁଠି ତାଲିମ ନିଅନ୍ତୁ । କାରଣ ସୋସିଆଲ୍ ମିଡିଆ, ରିଲ୍‌ସ ଏହା ତତ୍‌କ୍ଷଣାତ ଲୋକପ୍ରିୟତା ଦେବ । ହେଲେ ଏହା କିଛି କ୍ଷଣ ପାଇଁ । ସେଥିପାଇଁ ପ୍ରସ୍ତୁତ ହୋଇ ଆସନ୍ତୁ । ଅଭିନୟ ଜରିଆରେ କିପରି ଲୋକଙ୍କୁ ସଚେତନ କରିପାରିବେ ଓ ଦର୍ଶକଙ୍କ ଭଲ ପାଇବା ପାଇବେ ତାହାକୁ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ ।






# ବେଲ୍‌ଜିୟମ୍ ନଂ-୧, ଇଜିପ୍ଟ-୨

ଭାଙ୍କୋଭର,୨୭।୬(ଏଜେନ୍ସି): ଉତ୍ସାହୀ ନ୍ୟୁଜିଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରି ବେଲଜିୟମ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ମ୍ୟାଚ୍‌ରେ ଦଳ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାଦ ୨ଟି, ଭେଟେରାନ କେଭିନ୍ ଡି ବ୍ରୁଇନ୍, ରୋମେଲୁ ଲୁକାକୁ ଓ ଆଲେକ୍ସିସ୍ ସାଇଲେ ମାଇକର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଲିଜା ଜଷ୍ଟ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଜିପ୍ଟ ସହ ଇରାନ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଛି। ଫଳରେ ବେଲଜିୟମ ପଛକୁ ଇଜିପ୍ଟ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ଟି ଡ୍ର ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଇରାନ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନକ୍‌ଆଉଟରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ସମସ୍ତ ୩ଟି ଯାକ ମୁକାବିଲାରେ ଇରାନ ଚାପରେ ରହି ଖେଳିଥିଲା।

# ସେନେଗାଲ୍‌ର ବୃହତ୍ ବିଜୟ

ଟରଣ୍ଟୋ, ୨୭।୬ (ଏଜେନ୍ସି): ବଦଳ ଖେଳାଳି ପାପେ ଗୁୟେଙ୍କ ଡବଲ ଗୋଲ୍ ଜରିଆରେ ଏଠାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଜି'ର ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ ୫-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ବୃହତ୍ ବିଜୟ ସତ୍ତ୍ୱେ ସେନେଗାଲ୍ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାରୁ ନକ୍‌ଆଉଟ ଖେଳିବାର ସମ୍ଭାବନା ରହିଛି। ବିଜୟୀ ସେନେଗାଲ୍ ପକ୍ଷରୁ ଏଚ୍ ଡିଆରା, ଆଇ ସାର ଓ ଆଇ ନିଦାୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଇରାକ୍ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇ ନକ୍‌ଆଉଟ ପୂର୍ବରୁ ବାଦ୍ ପଡ଼ିଛି।

# ପାକିସ୍ତାନକୁ ପୁଣି ହରାଇଲା ଭାରତ

ଲଣ୍ଡନ, ୨୭।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ବିପକ୍ଷରେ କ୍ରମାଗତ ବିଜୟ ହାସଲ କରିଛି ଭାରତ। ଗତକାଲି ଏକ ମ୍ୟାଚରେ ଭାରତ ୭-୧ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ସୁଖଜିତ୍ ସିଂହ, ହରମନପ୍ରୀତ୍, ହାର୍ଦ୍ଦିକ ସିଂହ, ଜୁଗରାଜ ସିଂହ, ଅଭିଷେକ, ରାଜକୁମାର ପାଲ୍ ଓ ଦିଲପ୍ରୀତ୍ ସିଂହ ପ୍ରତ୍ୟେକ ଗୋଟିଏ ଗୋଲ୍‌ସ୍କୋର କରିଥିଲେ। ଏଥିପୂର୍ବରୁ ଜୁନ ୨୩ରେ ମଧ୍ୟ ଭାରତଠାରୁ ୪-୩ ଗୋଲରେ ପାକିସ୍ତାନ ପରାସ୍ତ ହୋଇଥିଲା।

ସବୁଠୁ ଛୋଟିଆ ଦେଶ

# ନକ୍‌ଆଉଟ ଖେଳିବ କେପ୍ ଭର୍ଡ

ହ୍ୟୁଷ୍ଟନ/ଜାପୋପାନ, ୨୭।୬ (ଏଜେନ୍ସି):



ଫିଫା ବିଶ୍ୱକପ୍ ଇତିହାସରେ ସବୁଠୁ କ୍ଷୁଦ୍ରତମ ତଥା ଛୋଟିଆ ଦେଶ ଭାବେ କେପ୍ ଭର୍ଡ ନକ୍‌ଆଉଟ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଚଳିତ ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଏଚ୍‌ରେ ସ୍ଥାନ ପାଇଥିବା କେପ୍ ଭର୍ଡ ଏହାର ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ସାଉଦୀ ଆରବକୁ ଭେଟିଥିଲା। ଶନିବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। କେପ୍ ଭର୍ଡ ଏହାର ଡିଫେନ୍ସକୁ ମଜଭୁତ କରି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ସପ୍ତମ ପ୍ରୟାସରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି କେପ୍ ଭର୍ଡ ତାହାର ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଡ୍ର ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ ଖେଳିବାରେ ପଦାର୍ପଣକାରୀ କେପ୍ ଭର୍ଡ ସବୁଠୁ ଛୋଟିଆ ଦେଶ ହୋଇଛି। ଏହି ଆଫ୍ରିକୀୟ ରାଷ୍ଟ୍ରର ଲୋକସଂଖ୍ୟା ୫ ଲକ୍ଷ ୩୦ ହଜାର ରହିଛି। ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ କେପ ଭର୍ଡର ମୁକାବିଲା ଆର୍ଜେଣ୍ଟିନା ସହ ହେବ।

ଅପରପକ୍ଷରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏଚ୍'ର ଅନ୍ୟ ଏକ ମ୍ୟାଚରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ସ୍ପେନ ପ୍ରଥମ ସ୍ଥାନରେ ରହି ବିଶ୍ୱକପ୍‌ର ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଜାପୋନାନରେ ଖେଳାଯାଇଥିବା ମ୍ୟାଚରେ ସ୍ପେନର ଖେଳାଳିମାନେ ଅତ୍ୟନ୍ତ ଚତୁର ଖେଳ ପ୍ରଦର୍ଶନ କରିଥିଲେ। ପ୍ରତିପକ୍ଷ ଉରୁଗୁଏ ଗୋଲରକ୍ଷକ ଫର୍ଣ୍ଣାଣ୍ଡୋ ମୁସେଲିରାଙ୍କୁ ବିଟ୍ କରି ସ୍ପେନ୍‌ର ଆଲେକ୍ସ ବାୟେନା ମ୍ୟାଚ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ପରାଜୟ ସହ ଦୁଇଥରର ଚାମ୍ପିଅନ ଉରୁଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଜି' | | | | | | |
| ବେଲଜିୟମ | ୩ | ୧ | ୨ | ୦ | ୪ | ୫ |
| ଇଜିପ୍ଟ | ୩ | ୧ | ୨ | ୦ | ୨ | ୫ |
| ଇରାନ | ୩ | ୦ | ୩ | ୦ | ୦ | ୩ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୨ | -୬ | ୧ |
| ଗ୍ରୁପ୍-ଏଚ' | | | | | | |
| ସ୍ପେନ | ୩ | ୨ | ୧ | ୦ | ୫ | ୭ |
| କେପ ଭର୍ଡ | ୩ | ୦ | ୩ | ୦ | ୦ | ୩ |
| ଉରୁଗୁଏ | ୩ | ୦ | ୨ | ୧ | -୧ | ୨ |
| ସା.ଆରବ | ୩ | ୦ | ୨ | ୧ | -୪ | ୨ |
| ଗ୍ରୁପ୍-ଆଇ' | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୮ | ୯ |
| ନରୱେ | ୩ | ୨ | ୦ | ୧ | ୧ | ୬ |
| ସେନେଗାଲ | ୩ | ୧ | ୦ | ୨ | ୨ | ୩ |
| ଇରାକ | ୩ | ୦ | ୦ | ୩ | -୧୧ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

# ପର୍ତ୍ତୁଗାଲକୁ ନକ୍‌ଆଉଟ ଯୋଗ୍ୟତା

ଡଲାସ,୨୭।୬(ଏଜେନ୍ସି): ପର୍ତ୍ତୁଗାଲ ଓ ଅନ୍ୟ କିଛି ଦେଶ ସେମାନଙ୍କ ଶେଷ ରାଉଣ୍ଡ ବିଶ୍ୱକପ୍ ଲିଗ୍ ମ୍ୟାଚ୍ ଖେଳିବା ପୂର୍ବରୁ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୪ ପଏଣ୍ଟ ପାଇଥିବା କିଛି ଦଳ ଅନ୍ୟ ଗ୍ରୁପ୍‌ର ମ୍ୟାଚ୍ ଫଳାଫଳରୁ ନକ୍‌ଆଉଟ ଯାଇଛନ୍ତି। ସେହି ଦେଶଗୁଡ଼ିକ ମଧ୍ୟରେ ପର୍ତ୍ତୁଗାଲ, ଇଂଲଣ୍ଡ, ଇଜିପ୍ଟ, ଘାନା ଓ ପାରାଗୁଏ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ତ୍ତୁଗାଲ କ୍ରମାଗତ ତୃତୀୟଥର ଲାଗି ନକ୍‌ଆଉଟରେ ଖେଳିବ।

# ଆଜିଠୁ ନକ୍‌ଆଉଟ୍

ଲସ ଆଞ୍ଜେଲ୍ସ, ୨୭।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ରବିବାର ରାତିରୁ ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ ଅଫ୍ ୩୨ ପର୍ଯ୍ୟାୟ ଆରମ୍ଭ ହେବ। ନକ୍‌ଆଉଟ୍‌ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ସହ କାନାଡାର ମୁକାବିଲା ହେବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍ସରେ ରାତି ୧୨ଟା ୩୦ ମିନିଟରେ ଖେଳାଯିବ।

**ଆରମ୍ଭ: ରାତି ୧୨ଟା ୩୦**

**ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫**

# ଡେମ୍ବେଲେଙ୍କ ଦ୍ରୁତତମ ହ୍ୟାଟ୍ରିକ୍

ଫକ୍ସବରୋ,୨୭।୬(ଏଜେନ୍ସି): ତାରକା ଖେଳାଳି ଓଉସମାନେ ଡେମ୍ବେଲେଙ୍କ ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମୁକାବିଲାରେ ଫ୍ରାନ୍ସ ୪-୧ ଗୋଲରେ ନରୱେକୁ ପରାସ୍ତ କରିଛି। ଏଥିସହ ଫ୍ରାନ୍ସ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି। ବାଲନ ଓ' ଡିଓର ପୁରସ୍କାର ବିଜେତା ଷ୍ଟ୍ରାଇକର ଡେମ୍ବେଲେ ଖେଳର ୭ମ, ୨୦ତମ ଓ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୫୪ ବିଶ୍ୱକପ୍‌ରେ ଅଷ୍ଟ୍ରିଆର ଏରିକ୍ ପ୍ରୋବ୍ସଟ ମାତ୍ର ୨୪ ମିନିଟ୍ ମଧ୍ୟରେ ହ୍ୟାଟ୍ରିକ୍ ଅର୍ଜନ କରି ଦ୍ରୁତତମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନରୱେ ପକ୍ଷରୁ ଜୋର୍ଗେନ ଷ୍ଟ୍ରାଣ୍ଡ ଗୋଟିଏ ଗୋଲ ଶୁଝାଇଥିଲେ। ଷ୍ଟପେଜ୍ ଟାଇମ୍‌ରେ ଡିଜାୟର ଡୋଉ ଫ୍ରାନ୍ସ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ରାଉଣ୍ଡ ଅଫ୍ ୩୨ ତଥା ନକ୍‌ଆଉଟରେ ସ୍ୱିଡେନ ସହ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ନରୱେ ସହ ଆଇଭରୀ କୋଷ୍ଟର ରାଉଣ୍ଡ ଅଫ୍ ୩୨ରେ ମୁକାବିଲା ହେବ।



# ଫିଡେ ୧୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ସୌମ୍ୟଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୭।୬ (ସମିସ): ଓଡ଼ିଆ ଶିଶୁ ଚେସ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁଣିଥରେ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟଗୋଷ୍ଠୀ ପରେ ସାତ୍ତ୍ୱିକ ଏବେ ବିଶ୍ୱକପରେ ମଧ୍ୟ ପଦକ ଜିତିଛନ୍ତି। ଜର୍ଜିଆରେ ଉଦଯାପିତ ହୋଇଥିବା ଫିଡେ ୧୦ ବର୍ଷରୁ କମ୍ ଚେସ ବିଶ୍ୱକପରେ ସାତ୍ତ୍ୱିକ ଓପନ୍ ବିଭାଗରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶେଷ ରାଉଣ୍ଡରେ ଡ୍ର ହୋଇ ଯିବାରୁ ସାତ୍ତ୍ୱିକ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିନ୍ତୁ ବ୍ରୁକୋଲୋଜରେ ସେ କାଂସ୍ୟ ପଦକ ଜିତିଥିଲେ। ସାତ୍ତ୍ୱିକ ବର୍ତ୍ତମାନ କିଙ୍ଗ ଚେସ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ବରିଷ୍ଠ ଚେସ କୋଚ୍ ବିଶ୍ୱଜିତ୍ ରାୟ, ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତା, ଟ୍ରିପଲ ସି ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ,ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, କୋଚ୍ ପ୍ରଶାନ୍ତ ଜେନା ପ୍ରମୁଖ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ବେଲ୍‌ଫାଷ୍ଟ, ୨୭।୬ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚ୍ ରବିବାର ଖେଳିବ। ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ ଗ୍ରାଉଣ୍ଡରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମୁକାବିଲାରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ହରାଇ ଐତିହାସିକ ବିଜୟ ଲାଭ କରିଥିଲା। ଟି-୨୦ ଇତିହାସରେ ଭାରତ ବିପକ୍ଷରେ ଆୟର୍ଲାଣ୍ଡର ଏହା ପ୍ରଥମ ବିଜୟ ଥିଲା। ଘରୋଇ ଦଳ ଏବେ ରବିବାର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଯଦି ଆୟର୍ଲାଣ୍ଡ ବିଜୟୀ ହୁଏ ତେବେ ସିରିଜ ମଧ୍ୟ କବଜା କରିବ। ଯାହାକି ଶ୍ରେୟସ ଆୟରଙ୍କ ନେତୃତ୍ୱଧୀନ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ହେବ। ଆୟରଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ଟି-୨୦ ଖେଳୁଥିବା ଭାରତ ଏବେ ସମ୍ମାନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିବ। ପ୍ରଥମ ମ୍ୟାଚରେ ଆୟରଙ୍କ ସହ ସଞ୍ଜୁ ସାମସନ, ଇଶାନ କିଶାନ, ତିଳକ ବର୍ମା ପ୍ରମୁଖ ନିରାଶ କରିଥିଲେ। ଅଭିଷେକ ଶର୍ମା ୫୦ ରନର ଦ୍ରୁତ ପାଳି ଖେଳିଥିଲେ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଏବେ ଆଗଧାଡ଼ିର ବ୍ୟାଟରଙ୍କଠୁ ବଡ଼ ଇନିଂସ ଦଳ ଆବଶ୍ୟକ କରୁଛି। ସେହିଭଳି ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ପଦାର୍ପଣ କରିବାର ସୁଯୋଗ ମିଳିପାରେ।

**ଆଜି ଦ୍ୱିତୀୟ ଟି-୨୦**

**ଆରମ୍ଭ: ସନ୍ଧ୍ୟା ୬ଟା**

**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଲା



ଭୁବନେଶ୍ୱର, ୨୭।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳରେ ଶନିବାର ଏକାଧିକ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହିଳା ଲଙ୍ଗ ଜମ୍ପରେ କେରଳର ଆନ୍ସି ସୋଜାନ ୬.୮୮ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ନୂଆ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ନାମରେ ରହିଥିବା ୨୨ ବର୍ଷ ତଳର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଅଞ୍ଜୁ ୬.୮୩ ମିଟର ଲମ୍ଫ ପ୍ରଦାନ କରିଥିଲେ। ଅଞ୍ଜୁଙ୍କ ଏହି ଜାତୀୟ ରେକର୍ଡ ୨୨ ବର୍ଷ ଧରି ବଳବତ୍ତର ରହିଥିଲା। ୨୫ ବର୍ଷୀୟା ଆନ୍ସି ଏହାକୁ ଆଜି ଭାଙ୍ଗିଛନ୍ତି। ଅପରପକ୍ଷରେ ମହାରାଷ୍ଟ୍ରର ସର୍ବେଶ କୁଶାରେ ୨.୩୧ ମିଟର ଉଚ୍ଚକୁ ଡେଇଁ ପୁରୁଷ ହାଇଜମ୍ପରେ ନୂତନ ଜାତୀୟ ରେକର୍ଡ କରିଛନ୍ତି। ଏଥିସହ ସେ ଆଗାମୀ ଏସୀୟ କ୍ରୀଡ଼ାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି।




# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୨୭।୬ (ଏଜେନ୍ସି):

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍**

ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟ ମୁକାବିଲା ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ଅନ୍ତିମ ଦିବସରେ ଭାରତ-ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ସହ ଗ୍ରୁପ୍-ଏ'ରୁ କେଉଁ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ମହିଳା ଦଳ ୪ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହି ଏକପ୍ରକାର ସେମିରେ ସ୍ଥାନ ସୁଦୃଢ଼ କରିଛି। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ଲେଖାଏ ବିଜୟ ସହ ୬ ପଏଣ୍ଟ ପାଇଛନ୍ତି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା (+୦.୭୩୪)କୁ ପଛରେ ପକାଇ ଭାରତ (+୨.୨୬୮) ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଆଶାବାଦୀ ରହିଛନ୍ତି। ଉଭୟ ନିଜ ନିଜର ଶେଷ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚରେ ବିଜୟ ସହଜ ମନେ ହେଉଛି। କିନ୍ତୁ ରେକର୍ଡ ଛଅଥରର ବିଜେତା ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ କଷ୍ଟସାଧ ହେବ। ହରମନପ୍ରୀତ୍ କୌରଙ୍କ ଦଳ ଯଦି ଏହି ମ୍ୟାଚରେ ପରାଜୟବରଣ କରେ ତେବେ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲ ଖେଳିବା ନିର୍ଭର କରିବ।

**ଆଜିର ମ୍ୟାଚ**

ଦ. ଆଫ୍ରିକା ବନାମ ବାଂଲାଦେଶ
ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା
ଭାରତ ବନାମ ଅଷ୍ଟ୍ରେଲିଆ
ମ୍ୟାଚ୍ ଆରମ୍ଭ: ରାତି ୭ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS